EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୪ | ସଂଖ୍ୟା-୫୨ | ୧୧ - ୧୭ ଜାନୁଆରୀ, ୨୦୨୧ | ଭୁବନେଶ୍ୱର | Monday Weekly | VOL-4 | ISSUE-52 | 11th - 17th JANUARY, 2021 | BHUBANESWAR | ₹ 5/- (8 Pages)

# ୧୬ରୁ ଟିକା

## ପ୍ରଥମ ଦଫାରେ ୩ କୋଟି ସ୍ୱାସ୍ଥ୍ୟକର୍ମୀ, କୋଭିଡ୍ ଯୋଦ୍ଧାଙ୍କୁ ମିଳିବ



**ନୂଆଦିଲ୍ଲୀ :** କୋଭିଡ୍ ବିରୋଧୀ ଲଢ଼େଇରେ ଭାରତ ସରକାର ଏକ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରି ଆସନ୍ତା ୧୬ ତାରିଖରୁ ଟିକାକରଣ ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। କରୋନା ଟିକା କେବେ ଆସିବ ସେଥିନେଇ ସମଗ୍ର ଦେଶବାସୀ ଅନେଇ ବସିଥିଲା ବେଳେ ଏହି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଦେଶବାସୀଙ୍କ ପାଇଁ ବଡ ଆଶ୍ୱସ୍ତିର ବିଷୟ ଯେ ଆସନ୍ତା ୧୬ରୁ ଦେଶରେ ଟିକାକରଣ ଆରମ୍ଭ କରାଯିବ ବୋଲି ମୋଦୀ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦେଶର କରୋନା ସ୍ଥିତି ଓ ଟିକାକରଣ ପାଇଁ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ କ୍ୟାବିନେଟ୍ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖସଚିବ, ସ୍ୱାସ୍ଥ୍ୟ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଆଗକୁ ଲୋହରି, ମକର ସଂକ୍ରାନ୍ତି, ପୋଙ୍ଗଲ, ମାଘ ବିହୁ ପ୍ରଭୃତି ପର୍ବ ଥିବାରୁ ଏହା ପରେ ଆସନ୍ତା ୧୬ରୁ ଟିକାକରଣ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଦେଶରେ ଦୁଇଟି କୋଭିଡ୍ ପ୍ରତିଷେଧକ ଟିକା କୋଭିସିଲ୍ଡ ଓ କୋଭାକ୍ସିନ୍‌ର ଜରୁରୀ ବ୍ୟବହାର ପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଏଥିପୂର୍ବରୁ ଅନୁମତି ଦେଇଥିଲା। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବ ପ୍ରଥମେ ୩ କୋଟି ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ଏହା ପରେ ୫୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କର ଟିକାକରଣ କରାଯିବ। ସେମାନଙ୍କ ସଂଖ୍ୟା ପ୍ରାୟ ୨୭ କୋଟି ହେବ ବୋଲି ଆକଳନ କରାଯାଇଛି। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ କୋଭିଡ୍ ଟିକାକରଣ ସହିତ କୋ-ୱିନ୍ ଆପ୍ ଜରିଆରେ ରିଅଲ ଟାଇମ୍ ମନିଟରିଂ, ଟିକା ଷ୍ଟକ ସମ୍ବନ୍ଧିୟ ସୂଚନା ଏବଂ ଟିକା ସଂରକ୍ଷଣ ପାଇଁ ସୁବିଧା ଏବଂ ଟିକା ଆବଶ୍ୟକ କରୁଥିବା ଲୋକଙ୍କୁ ଟ୍ରାକିଂ କରାଯିବ। ବର୍ତ୍ତମାନ ସୁଦ୍ଧା ୭୯ ଲକ୍ଷରୁ ଅଧିକ ହିତାଧିକାରୀ କୋ-ୱିନ୍‌ରେ ନାମ ପଞ୍ଜିକୃତ କରିଛନ୍ତି। ଇତି ମଧ୍ୟରେ ଦେଶରେ ଟିକାକରଣର ତିନିଥର ଡ୍ରାଏ ରନ୍ (ପ୍ରସ୍ତୁତି ଅଭ୍ୟାସ) ଅନୁଷ୍ଠିତ ହୋଇଯାଇଛି। ଏଥିରୁ ଟିକାର ନିରାପତ୍ତା ଓ ଏହାର ଉପଯୋଗୀତା ସମ୍ପର୍କରେ ସ୍ପଷ୍ଟ ଜଣାପଡିଛି। ଉଲ୍ଲେଖଯୋଗ୍ୟ ଗତ ଶୁକ୍ରବାର ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୧୫ ଜିଲ୍ଲାରେ ତୃତୀୟ ଡ୍ରାଏ ରନ୍ ➤ ପୃ-୬

# ଚମକିବ ବିନ୍ଦୁସାଗର

## ସ୍ୱଚ୍ଛ ବିନ୍ଦୁସାଗର ପ୍ରକଳ୍ପର ଶୁଭାରମ୍ଭ କଲେ ନବୀନ, ଧର୍ମେନ୍ଦ୍ର



**ଭୁବନେଶ୍ୱର :** ବିନ୍ଦୁସାଗରରେ ଆଉ ଅପରିଷ୍କାର ଜଳ ରହିବ ନାହିଁ। କାଚକେନ୍ଦୁ ଭଳି ଚମକିବ। ଏହି ପବିତ୍ର ପୁଷ୍କରଣୀର ଜଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ଆରମ୍ଭ ହୋଇଛି 'ସ୍ୱଚ୍ଛ ବିନ୍ଦୁସାଗର ପ୍ରକଳ୍ପ'। ବିନ୍ଦୁ ସାଗର ମୋ ପାଇଁ ସବୁବେଳେ ଏକ ବଡ଼ ଆକର୍ଷଣ ହୋଇରହିଛି। ଦେଶର ସବୁ ତୀର୍ଥ ଜଳ ବିନ୍ଦୁ ସାଗରରେ ଏକାଠି ହୋଇଛି। ବିନ୍ଦୁସାଗରର ପ୍ରତିଟି ଜଳବିନ୍ଦୁ ପବିତ୍ର। ଜାତୀୟ ସଂହତି ଓ ଏକତାର ପ୍ରତୀକ ବିନ୍ଦୁସାଗର। ବିନ୍ଦୁ ସାଗର ଏକ ତୀର୍ଥ ପୋଖରୀ ନୁହେଁ, ପୁରୁଣା ଭୁବନେଶ୍ୱରର ଲୋକମାନଙ୍କ ସାମାଜିକ ଏବଂ ସାଂସ୍କୃତିକ ଜୀବନ ସହ ଏହାର ନିବିଡ଼ ସମ୍ପର୍କ ରହିଛି। ତେଣୁ ଏହାକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ୫ଟି କାର୍ଯ୍ୟକ୍ରମ ଅଧିନରେ ଏକାମ୍ର ଯୋଜନାରେ ବିନ୍ଦୁସାଗର ପାଣିକୁ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆୟୋଜିତ ସ୍ୱଚ୍ଛ ବିନ୍ଦୁ ସାଗର କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଲିଙ୍ଗରାଜ ମହାପ୍ରଭୁଙ୍କ ପବିତ୍ର ଧାମ ଭୁବନେଶ୍ୱର କେବଳ ଏକ ମନ୍ଦିରମାଳିନୀ ନଗରୀ ନୁହେଁ, ଏଠାରେ ଅନେକ ତୀର୍ଥ ପୋଖରୀ ମଧ୍ୟ ରହିଛି। ସେଗୁଡ଼ିକର ପରିବେଶକୁ ସ୍ୱଚ୍ଛ ରଖିବା ସମସ୍ତଙ୍କର ଦାୟିତ୍ୱ। ଆଗାମୀ ଦିନରେ ବିଶୁଦ୍ଧ ଜଳ ସାରା ବିଶ୍ୱପାଇଁ ଏକ ବଡ଼ ଆହ୍ୱାନ ହେବାକୁ ଯାଉଛି। ତେଣୁ ଏ କ୍ଷେତ୍ରରେ ଏକାମ୍ର ଅଞ୍ଚଳରେ ରହିଥିବା ୨୦ରୁ ଅଧିକ ଛୋଟ ବଡ଼ ତୀର୍ଥ ପୋଖରୀରୁ ସୁରକ୍ଷା ପାଇଁ ନାଗରିକ ➤ ପୃ-୬

# ସ୍ୱାମୀଙ୍କ ଜୀବନ ଭଳି ସ୍ତ୍ରୀଙ୍କ ଜୀବନ ବି ମୂଲ୍ୟବାନ



## ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

**ନୂଆଦିଲ୍ଲୀ :** ଜଣେ ରୋଜଗାରିଆ ସ୍ୱାମୀଠୁ କମ୍ ମୂଲ୍ୟବାନ ନୁହେଁ ତାଙ୍କ ଗୃହିଣୀ ପତ୍ନୀଙ୍କ ଜୀବନ। ଅଫିସ୍ ଯାଉଥିବା ସ୍ୱାମୀ ଭଳି ଘର ଚଳାଉଥିବା ସ୍ତ୍ରୀଙ୍କର ଜୀବନ ବି ସମ ପରିମାଣରେ ମୂଲ୍ୟବାନ। ଏପ୍ରିଲ ୨୦୧୪ରେ ଦିଲ୍ଲୀରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦମ୍ପତିଙ୍କ ପରିଜନଙ୍କୁ ବୀମାରାଶି ପ୍ରଦାନ ସମ୍ପର୍କିତ ମାମଲାର ବିଚାର ବେଳେ ଏଭଳି କହିଛନ୍ତି ସର୍ବୋଚ୍ଚ କୋର୍ଟ। ମାମଲାର ବିଚାର କରି ଜଷ୍ଟିସ୍ ଏନ୍.ଭି. ରମଣା, ଅବଦୁଲ ନାଜିର ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ୧୧ଲକ୍ଷ ୨୦ ହଜାର ଟଙ୍କାର ବୀମା ରାଶିକୁ ୩୩ ଲକ୍ଷ ୨୦ ହଜାର ଟଙ୍କାକୁ ବଢ଼ାଇ ଗତ ମେ ୨୦୧୪ରୁ ବାର୍ଷିକ ୯ ପ୍ରତିଶତ ସୁଧ ହାରରେ ପୀଡ଼ିତଙ୍କ ବାପାଙ୍କୁ ପୈଠ କରିବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ରୋଜଗାରିଆ ସ୍ୱାମୀଙ୍କ ସହ ପତ୍ନୀଙ୍କର ବି ମୃତ୍ୟୁହେଲେ ଉଭୟଙ୍କୁ କ୍ଷତିପୂରଣ ମିଳିବା ନେଇ ହୋଇଥିବା ଆବେଦନ ଉପରେ ବିଚାର କରି ଖଣ୍ଡପୀଠ ମହିଳାଙ୍କ ସପକ୍ଷରେ ଏପରି ରାୟ ଦେଇଛନ୍ତି। ଖଣ୍ଡପୀଠ କେତେକ ➤ ପୃ-୬

# ମାନିଲା ପାକିସ୍ତାନ

## ବାଲାକୋଟରେ ମରିଥିଲେ ୩୦୦ ଆତଙ୍କୀ



**ନୂଆଦିଲ୍ଲୀ :** ସାମ୍ନାକୁ ଆସିଲା ବାଲାକୋଟ ଏୟାର ଷ୍ଟ୍ରାଇକ୍ ସତ। ଗତ ୨୦୧୯ ଫେବୃଆରୀ ୨୬ରେ ଭାରତୀୟ ସେନା ପକ୍ଷରୁ ବାଲାକୋଟ୍‌ରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ୩୦୦ ଆତଙ୍କୀ ନିହତ ହୋଇଥିଲେ ବୋଲି ପାକିସ୍ତାନ ସ୍ୱୀକାର କରିଛି। ପାକିସ୍ତାନର ଜଣେ ପୂର୍ବତନ କୂଟନୀତିଜ୍ଞ ଆଗା ହିଲାଲି ଏକ ଲାଇଭ୍ ଟିଭି ଡିବେଟ୍ (ବିତର୍କ)ରେ ଏହା ସ୍ୱୀକାର କରିଛନ୍ତି। ତାଙ୍କର ଏହି ସ୍ୱୀକାରୋକ୍ତି ପାକ୍ ସରକାରଙ୍କ ମୁଖା ଖୋଲିଦେଇଛି। କାରଣ ଏହି ଏୟାରଷ୍ଟ୍ରାଇକ୍‌ରେ କେହି ପ୍ରାଣ ହରାଇନଥିଲେ ବୋଲି ଏ ପର୍ଯ୍ୟନ୍ତ ପାକିସ୍ତାନ କହିଆସୁଥିଲା। ଆଗା ହିଲାଲି ପାକିସ୍ତାନୀ ଉର୍ଦ୍ଦୁ ଚାନେଲରେ ବିତର୍କରେ ଭାଗ ନେଇ କହିଛନ୍ତି, ଭାରତ ଅନ୍ତର୍ଜାତୀୟ ସୀମା ପାର୍ ହୋଇ ଯୁଦ୍ଧ ଭଳି ଆକ୍ରମଣାତ୍ମକ ପଦକ୍ଷେପ ନେଇଥିଲା। ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

EVOS PARADISE,
Near AIIMS Hospital,BBSR

Approved By-
Odisha Real Estate Regulatory Authority
ORERA
State Bank of India
THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

## ପଞ୍ଚାୟତ ଗଠନକୁ ୬୮ ବର୍ଷ ପୁରିଲା

# ଅଧା ଗାଁକୁ ନାହିଁ ସ୍ଥାୟୀ ରାସ୍ତା



**ଭଦ୍ରକ,(ବିକାଶ କୁମାର ଧଳ) :** ସରକାର ଗ୍ରାମାଚଂଳରେ ବସବାସ କରୁଥିବା ଲୋକଙ୍କୁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଚେଷ୍ଟିତ ହେଉଥିବା ବେଳେ ନିର୍ବାଚିତ ପ୍ରତିନିଧିଙ୍କ ଅନଭିଜ୍ଞତା ଓ ଦୂର ଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତରେ । ଉକ୍ତ ପଂଚାୟତ ଗଠନକୁ ୬୮ ବର୍ଷ ପୁରିବା ସହ ୧୦ଜଣ ସରପଂଚ ଶାସନ ଗାଦି ସମ୍ଭାଳି ଥିଲେ ସୁଦ୍ଧା କେହିବି ରାସ୍ତା ସମସ୍ୟାରେ ସୁଧାର ଆଣି ନ ପାରିବା ତାଙ୍କ ପାରିବା ପଣିଆକୁ ଅଙ୍ଗୁଳ ନିର୍ଦ୍ଦେଶ କରିବା ସହ ସରକାରଙ୍କ ପଂଚାୟତ ଗଠନ ଆଭିମୁଖ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସୂଚନା ଅନୁଯାୟୀ;୧୦ଟି ଗାଁର ୧୨ଟି ୱାର୍ଡ଼ ଓ ପାଖାପାଖି ୬୦୦୦ ଜନସଂଖାକୁ ନେଇ ଉକ୍ତ ପଂଚାୟତ ଗଠନ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅଧା ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ହୋଇ ପାରି ନାହିଁ । ଯେପରି ଉକ୍ତ ପଞ୍ଚାୟତ ୫ନଂ ୱାର୍ଡ଼ ଅନ୍ତର୍ଗତ ବନ୍ତଳା ଗାଁ । ଯାହାର ଲୋକସଂଖ୍ୟା ପାଖାପାଖି ୭୦୦ ତନ୍ମଧ୍ୟରୁ ଭୋଟର ସଂଖ୍ୟା ପାଖାପାଖି ୪୦୦ । କାଦବରାଙ୍ଗ-ଆଡ଼ିଆ ଆରଡ଼ି ରାସ୍ତାକୁ ଏହି ଗାଁ ରାସ୍ତା ସଂଯୋଗ କରୁଛି । ଚଳିତ ବର୍ଷ ବର୍ଷା ଋତୁରେ ଉକ୍ତ ଗାଁ ରାସ୍ତା ଅତି ଶୋଚନୀୟ ହୋଇପଡ଼ିବା ଦ୍ୱାରା ଗ୍ରାମବାସୀମାନେ ଗମନାଗମନରେ ଘୋର ଅସୁବିଧାର ସମ୍ମୁଖିନ ହୋଇଥିଲେ । ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନ ନିଆ ଯିବାରୁ ବାଧ୍ୟ ହୋଇ ଗ୍ରାମବାସୀଙ୍କ ସମେତ ବନ୍ତଳେଶ୍ୱର ଯୁବକ ସଂଘର ସଦସ୍ୟମାନେ ମିଶି ରାସ୍ତା ମରାମତି କରୁଥିବାର ➤ ପୃ-୬

## ବକ୍ରବାଣୀ



ମିଛ ଦୁନିଆରେ ସତ ସପନ
ମିଛ କିଣେ ଏଠି ମଣିଷ ମନ
ମିଛ ଶୁଣିବାକୁ ସଭିଁଏ ବାଇ
ମିଛ କହି ଚାଲ ନ ଡରି ଭାଇ
ମଣିଷ ମାରିକି ଖୁନି ବୁଲନ୍ତି
ନିରୀହ ମଣିଷ ଦାଣ୍ଡେ କାନ୍ଦନ୍ତି
ଆଇନ ତ ଏଠି ଅନ୍ଧ ସାଜିଚି
କାନରେ ବି ତା'ର ପଟି ବାନ୍ଧିଚି
ଏଠି ଗୁହାରୀ କରିବ ଯାହାକୁ
ଖୁନୀ ମାଇପ କରିଚି ସେୟାକୁ।

—— ଟୁଟୁ



TARATUA
Khordha

- 3 K.M. from Khordha Collector Office
- 2 K.M. from Khordha Medical
- 500 mtrs. from ITBP School
- Price : Per Sq.Ft. 250/-

PLOT FOR SALE

M.S.PROJECT



Boundary wall and Possession before Registration
Main road 500 Mtrs. from project



CONTACT
MAHESWARA SAMANTRAY - 7978543986 / 9337143201
SATYAPIRA SAHOO - 9668495099

SATYAPIRA SAHOO
MAHESWARA SAMANTRAY

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ବନ୍ଧୁଙ୍କ ଦ୍ୱାରା ଅଧିକ ଲାଭବାନ୍ ହେବେ।

**ମିଥୁନ** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ।

**କର୍କଟ** ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।

**ସିଂହ** ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କନ୍ୟା** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ।

**ତୁଳା** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**ବିଛା** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ଧନୁ** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମକର** ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ।

**ମୀନ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଟିକା ନେବାକୁ ୬୯% ଭାରତୀୟ ଅମଙ୍ଗ !

**ନୂଆଦିଲ୍ଲୀ :** ଭାରତରେ ଦୁଇଟି କରୋନା ଟିକାକୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ମିଳିଛି। ସରକାର ମଧ୍ୟ ଟିକାକରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। କିନ୍ତୁ ଭାରତରେ ଟିକା ଉପଲବ୍ଧ ହେବାକୁ ଥିଲେ ହେଁ ଏହାକୁ ନେବାକୁ ଦେଶବାସୀ କୁଣ୍ଠକୁଣ୍ଠ ହେବା ଆରମ୍ଭ କରିଛନ୍ତି। ଭାରତକୁ ଟିକା ଆସିଲେ ଏହାକୁ ନେବା ପାଇଁ କେତେ ଲୋକ ଆଗ୍ରହୀ ଅଛନ୍ତି, ସେକଥା ଜାଣିବା ସକାଶେ ଲୋକାଲ ସର୍କଲ ନାମକ ଗୋଟିଏ ଅନଲାଇନ ପ୍ଲାଟଫର୍ମ ସର୍ଭେ କରିଥିଲା। ସର୍ଭେରୁ ଜଣାପଡିଛି ଯେ, ୬୯% ଲୋକ ଟିକା ନେବା ସପକ୍ଷରେ ନାହାନ୍ତି। ସେହିପରି ମାତ୍ର ୨୬% ଲୋକ ଟିକା ନେବାକୁ ସପକ୍ଷରେ ରହିଛନ୍ତି। ୫% ଲୋକ ନିଜକୁ ସ୍ୱାସ୍ଥ୍ୟକର୍ମୀ ବା ସମ୍ମୁଖ ଭାଗ ଯୋଦ୍ଧା ଭାବେ ପରିଚୟ ଦେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଟିକା ନେବେ ବୋଲି କହିଛନ୍ତି। ସର୍ଭେରେ ମୋଟ ୮,୭୨୩ଜଣ ସାମିଲ ହୋଇଥିଲେ। ସେମାନଙ୍କ ମତାମତକୁ ଉଦ୍ଧାର କରି ଲୋକାଲ ସର୍କଲ ରିପୋର୍ଟ ପ୍ରକାଶ କରିଛି। ଲୋକାଲ ସର୍କଲ ପକ୍ଷରୁ ୨୦୨୦ ମସିହା ଅକ୍ଟୋବର ମାସରୁ ପର୍ଯ୍ୟାୟକ୍ରମେ ଟିକାକରଣ ପାଇଁ ଲୋକେ କେତେ ଇଚ୍ଛୁକ, ସେକଥା ଜାଣିବା ପାଇଁ ସର୍ଭେ କରାଯାଉଛି। ଅକ୍ଟୋବରରେ ହୋଇଥିବା ସର୍ଭେ ବେଳେ ୬୧% ଲୋକ ଟିକା ନେବାକୁ ଅମଙ୍ଗ ହେଉଥିଲେ। ସେହିପରି ନଭେମ୍ବର ମାସରେ ଏହା ୫୯% ହୋଇଯାଇଥିଲା। କାରଣ ଏହି ସମୟରେ ମଡର୍ଣ୍ଣା ଓ ଫାଇଜରର ଟ୍ରାଏଲ ରିପୋର୍ଟ ସାମ୍ନାକୁ ଆସିଥିଲା। ଦୁଇଟି ଯାକ ଟିକା ସୁରକ୍ଷିତ ବୋଲି କମ୍ପାନୀ ଦାବି କରିବାକୁ ଟିକା ନେବାକୁ ଆଗ୍ରହୀ ଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମଡର୍ଣ୍ଣା ଓ ଫାଇଜର ପରେ ଅକ୍ସଫୋର୍ଡ ପ୍ରସ୍ତୁତ କରିଥିବା ବିଶ୍ୱ ପାଇଁ ନୂଆ ସମ୍ଭାବନା ସୃଷ୍ଟିକରିଥିଲା। ବିଶେଷ କରି ଏହା ଭାରତରେ ପରୀକ୍ଷା ହୋଇଥିବାରୁ କରୋନା ବିରୋଧରେ ଗେମ ଚେଞ୍ଜର ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହି ସମୟରେ ହୋଇଥିବା ସର୍ଭେ ବେଳେ ଟିକା ନେବାକୁ ୬୯% ଲୋକ ଆଦୌ ଆଗ୍ରହୀ ନଥିବା କହିଛନ୍ତି। ଯାହା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଲୋକାଲ ସର୍କଲର ସଦସ୍ୟ ଡା ଅବଦୁଲ ଗଫରୁ ଡିସେମ୍ବର ମାସରେ ଆଉ ଗୋଟିଏ ସର୍ଭେ କରିଥିଲେ। ଏଥିରେ ସେ




ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖଯୋଦ୍ଧାଙ୍କୁ ଭେଟିଥିଲେ। ସର୍ଭେ ବେଳେ ଜଣାପଡିଥିଲା ଯେ ୫୫% ସ୍ୱାସ୍ଥ୍ୟକର୍ମୀ ତରବରିଆ ଭାବେ ଟିକା ନେବା ସପକ୍ଷରେ ନାହାନ୍ତି। ସମସ୍ତେ ଟିକାର ପାର୍ଶ୍ୱପ୍ରତିକ୍ରିୟା ଓ ଏହାର ପ୍ରଭାବକୁ ନେଇ ଚିନ୍ତିତ ବୋଲି ମତ ଦେଇଛନ୍ତି। ସର୍ଭେରେ ସାମିଲ ଥିବା ୬୦% ସ୍ୱାସ୍ଥ୍ୟକର୍ମୀ କରୋନା ରୋଗୀଙ୍କ ଚିକିତ୍ସାରେ ସାମିଲ ରହିଛନ୍ତି। ଅନ୍ୟପକ୍ଷରେ ଟିକାର ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ଟ୍ରାଏଲ୍ ବେଳେ କ'ଣ ତଥ୍ୟ ମିଳିଛି, ସେକଥା ବିସ୍ତୃତ ଭାବେ ଲୋକଙ୍କ ପାଖରେ ପହଞ୍ଚିନାହିଁ। ସେହିପରି ଟିକାର ପ୍ରଭାବ କ'ଣ ଓ କେତେ ଦିନ ଯାଏ ଲୋକଙ୍କ ଶରୀରେ ରହିବ, ତା'ର ତଥ୍ୟ ମଧ୍ୟ ସାର୍ବଜନୀନ ହୋଇନାହିଁ। ତେଣୁ ଅଧିକାଂଶ ଭାରତୀୟ ତରବରିଆ ଭାବେ ଟିକା ନେବା ସପକ୍ଷରେ ନଥିବା ଜଣାପଡିଛି। ଏହାବାଦ ଦିନକୁ ଦନ କରୋନା ସଂକ୍ରମଣ ହ୍ରାସ ପାଉଛି। ସରକାର କଟକଣା ମଧ୍ୟ କୋହଳ କରିଛନ୍ତି। ଏସବୁ ଦେଖି ଲୋକମାନେ ଆଉ କରୋନା ପାଇଁ ଟିକାର ଆବଶ୍ୟକ ନାହିଁ ବୋଲି ଭାବୁଛନ୍ତି। ବିଶେଷଜ୍ଞମାନେ କହିଛନ୍ତି, ଜାନୁଆରୀ ୩ରେ ଡିସିଜିଆଇ କୋଭାକ୍ସିନ ଓ କୋଭିସିଲ୍ଡକୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଡିସିଜିଆଇ ଅଧିକାରୀମାନଙ୍କୁ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। କିନ୍ତୁ ସେମାନେ ଟିକା ସମ୍ପର୍କରେ କୌଣସି ଉତ୍ତର ନ ଦେବାରୁ ଲୋକଙ୍କ ମନରେ ଏହାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏହିସବୁ କାରଣରୁ ଟିକା ନେବାକୁ ୬୯% ଲୋକ କୁଣ୍ଠାବୋଧ ପ୍ରକାଶ କରିଥିବା ଜଣାପଡିଛି।

## ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପକୁ ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ



**ନୂଆଦିଲ୍ଲୀ :** ରାଜଧାନୀ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ନିକଟରେ ନୂଆ ସଂସଦ ଭବନ (ସେଣ୍ଟ୍ରାଲ ଭିଷ୍ଟା) ନିର୍ମାଣ ଲାଗି କେନ୍ଦ୍ର ସରକାରଙ୍କୁ ଅନୁମତି ମିଳିଛି। ସୁପ୍ରିମକୋର୍ଟ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ଆଗତ ପିଟିଶନଗୁଡ଼ିକର ଶୁଣାଣି କରି ଏହି ନିଷ୍ପତ୍ତି ନେଇଛନ୍ତି। ବିଚାରପତି ଏ.ଏମ. ଖାନଭିଲକରଙ୍କ ଅଧକ୍ଷତାରେ ଗଠିତ ୩ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ୨:୧ ବହୁମତରେ ନିଷ୍ପତ୍ତି ଶୁଣାଇଛନ୍ତି। ପ୍ରକଳ୍ପ ଲାଗି ଯେଉଁ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଛି ଏବଂ ଭୂମି ଉପଯୋଗରେ ପରିବର୍ତ୍ତନ ପାଇଁ ଯେଉଁ ଅଧିସୂଚନା ଜାରି ହୋଇଛି ତାହା ବୈଧ ବୋଲି ସ୍ପଷ୍ଟ କରିଛନ୍ତି। ବିଚାରପତି ଖାନଭିଲକର ନିଜ ତରଫରୁ ଏବଂ ବିଚାରପତି ଦିନେଶ ମାହେଶ୍ୱରୀଙ୍କ ତରଫରୁ ନିଷ୍ପତ୍ତି ଶୁଣାଇ ସମସ୍ତ ନିର୍ମାଣ ସ୍ଥଳରେ ସ୍ମଗ୍ ଟାୱାର ଲଗାଇବା ଏବଂ ଆଣ୍ଟି-ସ୍ମଗ ବନ୍ଧୁକ ବ୍ୟବହାର କରିବାକୁ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପର ପ୍ରସ୍ତାବକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠର ୩ୟ ବିଚାରପତି ସଞ୍ଜୀବ ଖାନ୍ନା ପ୍ରକଳ୍ପର ମଞ୍ଜୁରୀ ଉପରେ ସହମତି ଜଣାଇଥିଲେ, ତେବେ ସେ ଭୂମି ଉପଯୋଗରେ ପରିବର୍ତ୍ତନ ସମ୍ବନ୍ଧୀୟ ନିଷ୍ପତ୍ତି ଏବଂ ପରିବେଶ ମଞ୍ଜୁରୀ ପ୍ରଦାନ ଉପରେ ଅସହମତି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଡିସେମ୍ବର ୧୦ ତାରିଖରେ ନୂଆ ସଂସଦ ଭବନର ଶିଳାନ୍ୟାସ କରିଥିଲେ। କିନ୍ତୁ ସଂସଦ ଭବନ ନିର୍ମାଣକୁ ବିରୋଧ କରି କିଛି ସଂଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାୟର କରାଯାଇଥିଲା। ଗତ ଶୁଣାଣି ସମୟରେ ସରକାର ଅଦାଲତଙ୍କୁ ଆଶ୍ୱାସନ ଦେଇ କହିଥିଲେ ଯେ, ଯେଉଁ ପର୍ଯ୍ୟନ୍ତ କୋର୍ଟ ନିଷ୍ପତ୍ତି ନ ଶୁଣାଇଛନ୍ତି, ସେ ଯାଏ କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ନାହିଁ। ଗତବର୍ଷ ସେପ୍ଟେମ୍ବରରେ ଏହି ପ୍ରକଳ୍ପର ଘୋଷଣା କରାଯାଇଥିଲା। ନୂଆ ସଂସଦ ଭବନରେ ୯୦୦ରୁ ୧୨୦୦ ସାଂସଦ ବସିବାର କ୍ଷମତା ରହିବ। ୨୦୨୨ ଅଗଷ୍ଟ ସୁଦ୍ଧା ଏହାର ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ୨୦ରେ ଶପଥ ନେବେ ବାଇଡେନ

**ୱାଶିଂଟନ :** ପ୍ରବଳ ହିଂସାକାଣ୍ଡ ଓ ବାଦ ବିବାଦ ପରେ ଶେଷରେ ନିଜର ପରାଜୟ ସ୍ୱୀକାର କରିଛନ୍ତି ଡୋନାଲ୍ଡ ଟ୍ରମ୍ପ। ଆମେରିକା ସଂସଦ ବା କଂଗ୍ରେସ ଆଜି ବିଧିବଦ୍ଧ ଭାବେ ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟ ପ୍ରାର୍ଥୀ ଜୋ ବାଇଡେନଙ୍କ ବିଜୟ ଉପରେ ମୋହର ମାରିବା ପରେ ଟ୍ରମ୍ପଙ୍କ ସବୁ ଦାବି ନିଷ୍ଫଳ ହୋଇଯାଇଛି। ଆମେରିକା ସଂସଦ ବାଇଡେନଙ୍କ ବିଜୟକୁ ସୁନିଶ୍ଚିତ କରିଥିବାରୁ ସେ ଆସନ୍ତା ୨୦ ତାରିଖରେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ସହ ଉପ ରାଷ୍ଟ୍ରପତି କମଳା ହାରିସ ମଧ୍ୟ ପଦ ଓ ଗୋପନୀୟତାର ଶପଥ ନେବେ। ଆମେରିକା ସଂସଦର ବୈଠକ ବସିଥିଲା। ଏଥିରେ ଉପ ରାଷ୍ଟ୍ରପତି ମାଇକ ପେନ୍ସ କେତେ ଇଲେକ୍ଟୋରାଲ ଭୋଟ ବାଇଡେନଙ୍କ ସପକ୍ଷରେ ପଡ଼ିଛି, ତା'କୁ ଗଣତି କରିଥିଲେ। ଗଣତି ବେଳେ ବାଇଡେନଙ୍କ ସପକ୍ଷରେ ୩୬୦ଟି ଇଲେକ୍ଟୋରାଲ ଭୋଟ ଥିବା ସେ ଘୋଷଣା କରିଥିଲେ। ସେହିପରି ଟ୍ରମ୍ପଙ୍କ ସପକ୍ଷରେ ୨୩୨ଟି ଇଲେକ୍ଟୋରାଲ ଭୋଟ ପଡ଼ିଛି। ଆଜି ସିନେଟର ବୈଠକ ବସିଥିବା ବେଳେ କ୍ୟାପିଟୋଲ ବିଲ୍ଡିଂ (ସଂସଦ) ପରିସରରେ ପ୍ରବଳ ହିଂସାକାଣ୍ଡ ଘଟିଥିଲା। ଟ୍ରମ୍ପଙ୍କ ସମର୍ଥକମାନେ ସଂସଦ ବିଲଡିଂରେ ଧସେଇ ପସିବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥିତିକୁ ଦେଖି ୱାଶିଂଟନରେ ଜରୁରୀ କାଳୀନ ପରିସ୍ଥିତି ଲାଗୁ କରାଯାଇଛି। ଅନ୍ୟପକ୍ଷରେ ଆମେରିକା ସଂସଦ ବାଇଡେନଙ୍କ ବିଜୟରେ ମୋହର ମାରିଥିବାରୁ ଟ୍ରମ୍ପ ନିଜର ପରାଜୟ ସ୍ୱୀକାର କରିଛନ୍ତି। ସେ ଶୃଙ୍ଖଳିତ ଭାବେ ହ୍ୱାଇଟ ହାଉସ ଛାଡ଼ିବା ସହ କ୍ଷମତା ହସ୍ତାନ୍ତର କରିବେ ବୋଲି କହିଛନ୍ତି। ସେ କହିଛନ୍ତି, ନିର୍ବାଚନର ଫଳାଫଳ ଯାହା ଆସିଲା, ସେଥିରେ ମୁଁ ଆଦୌ ଏକମତ ନୁହେଁ। ତଥାପି ଜାନୁଆରୀ ୨୦ରେ ସବୁକିଛି ଶୃଙ୍ଖଳାର ସହ



ବାଇଡେନଙ୍କୁ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ, ସିନେଟର ଉଭୟ ସଂସଦ ବିସିବା ପୂର୍ବରୁ ରାତି ପ୍ରାୟ ଗୋଟାଏ ବେଳେ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟାଲୋ ବିଲଡିଂ (ସଂସଦ) ନିକଟରେ ଥିବା ବ୍ୟାରିକେଡକୁ ଭାଙ୍ଗି ଏହା ମଧ୍ୟକୁ ଧସେଇ ପସିବାକୁ ଚେଷ୍ଟା କରିଥିଲେ। ଆନ୍ଦୋଳନକାରୀ ନିଜ ହାତରେ ଆମେରିକୀୟ ପତାକା ଏବଂ ପ୍ଲାକାର୍ଡ ଧରିଥିଲେ। ପୁଲିସ୍ ସେମାନଙ୍କୁ ଅଟକାଇବାରୁ ପ୍ରବଳ ମାରପିଟ ହୋଇଥିଲା। ହ୍ୱାଇଟ ହାଉସର ମିଡିଆ ସଚିବ ଟ୍ୱିଟ୍ କରି କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ନ୍ୟାସନାଲ ଗାର୍ଡ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ପ୍ରତିରକ୍ଷା ଟିମ୍ ନିୟୋଜିତ ଅଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ରାଷ୍ଟ୍ରପତି ଅପିଲ୍ କରିଛନ୍ତି। ଟ୍ରମ୍ପଙ୍କ ସମର୍ଥକମାନେ ଭୋଟ୍ ଗଣନାକୁ ବନ୍ଦ କରିବା ପାଇଁ କ୍ୟାପିଟୋଲ ବିଲଡିଂରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, ପରେ ପୁଲିସ ତାଙ୍କୁ ଅଟକାଇବାରୁ ଗୁଳିମାଡ଼ ହୋଇଥିଲା। ୱାଶିଂଟନ୍ ଡିସିର ମେୟର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି ଓ ନୂଆ ରାଷ୍ଟ୍ରପତି ଦାୟିତ୍ୱ ନନେବା ଯାଏ ଏହା ବଳବତ୍ତର ରହିବ ବୋଲି ସେ କହିଛନ୍ତି।

# ଶକ୍ତିଶାଳୀ ହେବ ଭାରତୀୟ ନୌସେନା

**ନୂଆଦିଲ୍ଲୀ :** ଚୀନ୍ ସହ ସୀମା ବିବାଦ ଲାଗି ରହିଥିବା ବେଳେ ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗ ଅଧିକ ବୃଦ୍ଧିପାଇଛି। ଭାରତୀୟ ନୌସେନାର ଶକ୍ତି ବୃଦ୍ଧି ଲାଗି ଆମେରିକା ମିଡିୟମ କାଲିବର ବନ୍ଧୁକ ଯୋଗାଇ ଦେବାକୁ ସମ୍ମତ ହୋଇଛି। ଏହି ମିଡିୟମ କାଲିବର ବନ୍ଧୁକକୁ ଭାରତୀୟ ନୌସେନାର ବିଶାଖାପାଟନମ୍-ଶ୍ରେଣୀ ଭଳି ବୃହତ ଆକାରର ଯୁଦ୍ଧ ଜାହାଜରେ ମୁତୟନ କରାଯିବ। ସରକାରୀ ସୂତ୍ରରୁ ପ୍ରକାଶ ଯେ ୧୨୭ ମିମି ମିଡିୟମ କାଲିବର ବନ୍ଧୁକ ଆମେରିକାର ବିଏଇ ସିଷ୍ଟମ ଦ୍ୱାରା ନିର୍ମିତ ହୋଇଛି। ଭାରତ ଏଭଳି ୧୧ଟି ବନ୍ଧୁକ କିଣିବା ଲାଗି ଆମେରିକା ସହ ଆଲୋଚନା କରିଛି। ଏଥିପାଇଁ ଦୁଇ ଦେଶମଧ୍ୟରେ ପ୍ରାୟ ୩୮୦୦ କୋଟି ଟଙ୍କାର ଏକ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ଏଗୁଡିକ ଶତ୍ରୁପକ୍ଷର ଆକ୍ରମଣରୁ ଜାହାଜକୁ ସୁରକ୍ଷା ପ୍ରଦାନ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜରୁରୀକାଳୀନ



ଆବଶ୍ୟକତା ମେଣ୍ଟାଇବାକୁ ଆମେରିକା ନୌସେନା ନିଜସ୍ୱ ଭଣ୍ଡାରରୁ ଏହି କାଲିବର ବନ୍ଧୁକ ପ୍ରଦାନ କରିବ। ଆମେରିକା ପ୍ରଶାସନକୁ ଭାରତ ପକ୍ଷରୁ ଲେଖାଯାଇଥିବା ଅନୁରୋଧ ପତ୍ର ଅନୁଯାୟୀ ଭାରତୀୟ ନୌସେନାକୁ ପ୍ରଥମେ ତିନି ବନ୍ଧୁକ ଆମେରିକା ନୌସେନାର ଷ୍ଟୋରରୁ ପ୍ରଦାନ କରିବା ଲାଗି କୁହାଯାଇଛି। ଏହା ଫଳରେ ଭାରତୀୟ ନୌସେନାରେ ଏହାକୁ ତତ୍କାଳ ମୁତୟନ କରାଯାଇପାରିବ। ଉଲ୍ଲେଖଯୋଗ୍ୟ ଆମେରିକା ଓ ଭାରତ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ କ୍ରମାଗତ ଦୃଢ ହେଉଛି। ନିକଟରେ ଭାରତୀୟ ନୌସେନା ପକ୍ଷରୁ ଭାରତ ମହାସାଗରରେ ପହରା ଦେବା ଲାଗି ଆମେରିକାରୁ ଲିଜ୍ ସୂତ୍ରରେ ୨ଟି ପ୍ରିଡିଏଟର ଡ୍ରୋନ ସାମିଲ କରାଯାଇଛି। ଏହି ଡ୍ରୋନ ୩୦ ଘଣ୍ଟାରୁ ଅଧିକ ସମୟ ନଜର ରଖୁଥିବା ଡ୍ରୋନକୁ ଭାରତୀୟ ନୌସେନାର ଆଇଏନଏସ୍ ରାଜଲି ଏୟାର ବେସ୍‌ରେ ମୁତୟନ କରାଯାଇଛି। ଏହି ୨ଟି ପ୍ରିଡେଟର ଡ୍ରୋନ ନଭେମ୍ବର ମଧ୍ୟଭାଗରେ ଭାରତରେ ପହଞ୍ଚିଥିଲା ଏବଂ ସେହିମାନ ତୃତୀୟ ସପ୍ତାହରେ ତାହା କାର୍ଯ୍ୟ କରିବା ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଚୀନ୍ ସହ ପ୍ରାୟ ୮ ମାସ ଧରି ସୀମା ବିବାଦ ଲାଗି ରହିଥିବା ବେଳେ ଆମେରିକାରୁ ମିଳିବାକୁ ଥିବା ଏହି ମାରଣାସ୍ତ୍ର ବେଶ୍ ସହାୟକ ହେବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି।

# ୨୯ରୁ ବଜେଟ୍ ଅଧିବେଶନ

**ନୂଆଦିଲ୍ଲୀ :** ଆସନ୍ତା ୨୯ ତାରିଖରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହେବ। ସଂସଦୀୟ ବ୍ୟାପାର କମିଟି (ସିସିପିଏ) ୨୯ ଜାନୁଆରୀରୁ ବଜେଟ୍ ଅଧିବେଶନକୁ ସୁପାରିସ କରିଛି। ସଂସଦର ବଜେଟ୍ ଅଧିବେଶନ ଦୁଇଟି ଭାଗରେ ହେବ। ଅଧିବେଶନରେ କରୋନା ଭୂତାଣୁ ସହିତ ଜଡିତ ସମସ୍ତ ପ୍ରୋଟୋକଲ ଗୁଡିକ ପାଳନ କରାଯିବ। ପ୍ରଥମ ଭାଗ ୨୯ ଜାନୁଆରୀରୁ ଆରମ୍ଭ ହୋଇ ୧୫ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଦ୍ୱିତୀୟ ଭାଗ ୮ ମାର୍ଚ୍ଚରୁ ୮ ଏପ୍ରିଲ୍ ପର୍ଯ୍ୟନ୍ତ ଚାଲିବ। ଫେବୃଆରୀ ୨ରେ ସାଧାରଣ ବଜେଟ୍ ସଂସଦରେ ଉପସ୍ଥାପିତ ହେବ। ଜାନୁଆରୀ ୨୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ଉଭୟ ଗୃହକୁ ସମ୍ବୋଧିତ କରିବେ। ସୂଚନାଥାଉ କି, କରୋନା ହେତୁ ଏଥର ସଂସଦର ଶୀତକାଳୀନ ଅଧିବେଶନ ଡକାଯାଇ ନାହିଁ। ସରକାର କହିଥିଲେ ଯେ, କରୋନା ମାମଲା ବୃଦ୍ଧି ପାଉଥିବାରୁ ସଂସଦର ଶୀତକାଳୀନ ଅଧିବେଶନ ଏଥର ଅନୁଷ୍ଠିତ ହେବନାହିଁ।



ସରକାରଙ୍କ ଏହି ପଦକ୍ଷେପକୁ ବିରୋଧୀମାନେ ତୀବ୍ର ବିରୋଧ କରିଥିଲେ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ ଯେ, ସଂସଦର ଅଧିବେଶନ ଡକାଯାଉ ଯାହା ଦ୍ୱାରା ଚାଷୀଙ୍କ ସହ ଆଲୋଚନା ହୋଇପାରିବ ଏବଂ ଆଇନରେ ସଂଶୋଧନ ହୋଇପାରିବ। ଏହାପରେ ମୋଦି ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଲୋକସଭାରେ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀଙ୍କୁ ଏକ ଚିଠି ଲେଖି ଜଣାଇଥିଲେ ଯେ, ସମସ୍ତ ଦଳର ନେତାଙ୍କ ସହ ଆଲୋଚନା କରିବା ପରେ କରୋନା କାରଣରୁ ଅଧିବେଶନ ଡାକିବା ଉଚିତ ନୁହେଁ।

# ୧୦୦% ସୁରକ୍ଷିତ ନୁହେଁ କରୋନା ଟିକା !

**ନୂଆଦିଲ୍ଲୀ :** ଭାରତ ସମେତ ଏକାଧିକ ରାଷ୍ଟ୍ର କରୋନା ଭାଇରସକୁ ହରାଇବା ପାଇଁ ଟିକା ଉପରେ ନିର୍ଭର କରି ରହିଛନ୍ତି। ଭାରତରେ ଟିକାକରଣ ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ଟିକା ନେଇଗଲେ କରୋନାକୁ ସମସ୍ତେ ପରାସ୍ତ କରିଦେବେ ବୋଲି ଆଶା କରିଛନ୍ତି। ହେଲେ ଏସବୁ ଭିତରେ ବିଶେଷଜ୍ଞମାନେ ଓଲଟା କଥା କହିଛନ୍ତି। ବିଶେଷଜ୍ଞଙ୍କ ମତରେ କରୋନା ଭାଇରସରୁ ଟିକା ୧୦୦% ସୁରକ୍ଷା ଦେଇପାରିବ ନାହିଁ। କରୋନା ଠାରୁ ବଞ୍ଚିବାକୁ ହେଲେ ସମସ୍ତଙ୍କୁ ପୂର୍ବଭଳି ମାସ୍କ ପିନ୍ଧିବା ଜରୁରୀ ବୋଲି ସେମାନେ ମତ ଦେଇଛନ୍ତି। ମୁମ୍ବାଇ ସ୍ଥିତ ହିନ୍ଦୁଜା ହସ୍ପିଟାଲର କ୍ରିଟିକାଲ ୟୁନିଟ୍‌ର ହେଡ ଡ. ଭାରେଶ ଦେଧିଆ କହିଛନ୍ତି, ଆମକୁ ଆହୁରି ୬ ରୁ ୧୨ମାସ ଯାଏ ସତର୍କ ରହିବାକୁ ପଡିବ। ତା' ପୂର୍ବରୁ ଆମେ କରୋନା ବିରୋଧରେ କରୁଥିବା ଲଢ଼େଇରେ ଆଦୌ ଢ଼ିଲା ପଣ ଆପଣାଇ ପାରିବା ନାହିଁ। ଏବେ ଭାରତରେ ଟିକାକରଣ ପାଇଁ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଡିସିଜିଆଇ କୋଭାକ୍ସିନ ଓ କୋଭିସିଲ୍ଡର ଜରୁରୀ କାଳୀନ ବ୍ୟବହାର ପାଇଁ ଅନୁମତି ଦେଇଛି। ୨୦୨୨ର ପ୍ରଥମ ଭାଗ ବେଳକୁ ହିଁ ଦେଶର ଅଧିକାଂଶ ଲୋକଙ୍କୁ ଟିକା ଦିଆଯାଇଥିବ। ସେ ଯାଏ ଆମକୁ ପୂର୍ବଭଳି ସତର୍କ ରହିବାକୁ ପଡିବ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ବାହାରେ ବୁଲାବୁଲି କମ କରିବା ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡିବ ବୋଲି ସେ କହିଛନ୍ତି। ଜାସ୍‌ଲୋକ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ସଂକ୍ରାମକ ରୋଗର ବିଶେଷଜ୍ଞ ଡା. ମାଲା ଭି କାନେରିଆ କହିଛନ୍ତି ଯେ, କରୋନାରୁ ବର୍ତ୍ତିବା ପାଇଁ ଯଦି ଜଣେ ବ୍ୟକ୍ତି ଟିକା ନେଇଛନ୍ତି, ତା'ହେଲେ ବି ତାଙ୍କୁ ମାସ୍କ ପିନ୍ଧିବାକୁ ପଡିବ। କାରଣ ଟିକା ଯେ କରୋନା ଭାଇରସକୁ ୧୦୦% ମାତ ଦେଇପାରିବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ସେହିପରି କରୋନା ରୂପ ବଦଳାଉଥିବାରୁ



ଟିକା କେତେ ଫଳପ୍ରଦ ହେବ, ତାହା କହିବା ମୁସ୍କିଲ। ଟିକା ନେବାର ପ୍ରାୟ ୧୪ଦିନ ପରେ ଜଣେ ବ୍ୟକ୍ତିଙ୍କ ଶରୀରରେ ଆଣ୍ଟିବଡି ବିକଶିତ ହୋଇଥାଏ। ଏହାପୂର୍ବରୁ ଯଦି ଟିକା ନେଇଥିବା ବ୍ୟକ୍ତି ଭାଇରସ ସଂସ୍ପର୍ଶରେ ଆସନ୍ତି, ତା'ହେଲେ ସେ ସଂକ୍ରମିତ ମଧ୍ୟ ହୋଇଯିବେ। ତେଣୁ ମାସ୍କ ହିଁ କରୋନାରୁ ବର୍ତ୍ତିବାକୁ ଏକ ଉପାୟ ବୋଲି ସେ କହିଛନ୍ତି। ଟିକାକରଣ ବେଳେ ଭାରତ ସମ୍ମୁଖୀନ ହେବାକୁ ଥିବା ଚ୍ୟାଲେଞ୍ଜ ସମ୍ପର୍କରେ ଡା. କାନେରିଆ କହିଛନ୍ତି ଯେ, ଟିକାକରଣ କରିବା ଏତେ ସହଜ ନୁହେଁ। ଏହା ବହୁତ ବଡ ଘଟଣଶ। ବିଶେଷକରି ରାଜ୍ୟମାନଙ୍କର ଭୂମିକା ଟିକାକରଣ ବେଳେ ବେଶ ଗୁରୁତ୍ୱପୂର୍ଣ୍ଣ। ଭାରତ ଭଳି ବିଶାଳ ଦେଶରେ ଟିକାକରଣ ଆଦୌ ସହଜ ହେବନାହିଁ। ଏହି ଟିକାକରଣ ଉପରେ ଅନେକ ଲୋକ ସନ୍ଦେହ ମଧ୍ୟ ପ୍ରକାଶ କରିପାରନ୍ତି। ଡା. ଲାନ୍ସେଲୋଟ ପିଣ୍ଟୋ କହିଛନ୍ତି, କୌଣସି ଟିକା ୧୦୦% ପ୍ରଭାବୀ ନୁହନ୍ତି। ଅକ୍ସଫୋର୍ଡ ଟିକାର ଦୁଇଟି ଡୋଜ୍ କରୋନା ବିରୋଧରେ ୭୦% ପ୍ରଭାବୀ ବୋଲି ଜଣାପଡିଛି। ସେହିପରି କୋଭାକ୍ସିନର ପ୍ରଭାବ କ'ଣ ରହିବ, ସେକଥା କାହାକୁ ବି ଜଣାନାହିଁ। ତେଣୁ ଟିକା ନେବା ପରେ ବି ସଂକ୍ରମିତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରିବ ନାହିଁ। ତେଣୁ ସମସ୍ତେ ମାସ୍କ ପିନ୍ଧିବା ଜରୁରୀ ବୋଲି ସେ କହିଛନ୍ତି।

**କୋଭିଡ୍ କଟକଣାରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ**

# ରାଜ୍ୟପାଳ ମୁଖ୍ୟ ଅତିଥି, ମୁଖ୍ୟମନ୍ତ୍ରୀ ସମ୍ମାନିତ ଅତିଥି

**ଭୁବନେଶ୍ୱର :** କୋଭିଡ୍ କଟକଣା ଭିତରେ ଏଥର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେଯୋଗ ଦେବେ। ହେଲେ ବେସାମରିକ ବାହିନୀ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦୃଷ୍ଟିରୁ ପ୍ୟାରେଡ୍‌ରେ ସାମିଲ କରାଯିବ ନାହିଁ। ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନକୁ ସ୍ଥଗିତ ରଖାଯାଇଛି। କେବଳ ୧୮ ସଶସ୍ତ୍ର ବାହିନୀ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିବେ। ସୀମିତ ସଂଖ୍ୟକ ଅତିଥି, କୋଭିଡ୍ ଯୋଦ୍ଧା, ଆଗଧାଡ଼ିର କୋଭିଡ୍ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସବରେ ଯୋଗଦେବାକୁ ଆମନ୍ତ୍ରଣ କରାଯିବ। ଜନସାଧାରଣ ଉତ୍ସବର ସିଧାପ୍ରସାରଣ ଟେଲିଭିଜନ୍ ମାଧ୍ୟମରେ ଦେଖିପାରିବେ। ଏହି ସୂଚନା ଦେଇଥିଲେ ଗୃହ ବିଭାଗ ଅତିରିକ୍ତମୁଖ୍ୟ ଶାସନ ସଚିବ ସଞ୍ଜିବ ଚୋପ୍ରା। ଗୁରୁବାର ଭର୍ଚୁଆଲ ମାଧ୍ୟମରେ ଶ୍ରୀ ଚୋପ୍ରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପ୍ୟାରେଡ୍, ସାଜସଜ୍ଜା, ସୁରକ୍ଷା ବ୍ୟବସ୍ଥା, ବିଜୁଳି ଯୋଗାଣ,ଡାକବାଜି ବ୍ୟବସ୍ଥା, ପିଇବା ପାଣି, ସାନିଟାଇଜେସନ, ଫାଷ୍ଟଏଡ୍ ଓ ଆମ୍ବୁଲାନ୍ସ ସେବା ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପରେ ଶ୍ରୀ ଚୋପ୍ରା କହିଥିଲେ, ଜିଇଡି ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଣ ସହ ପୂର୍ତ୍ତ ବିଭାଗ ପକ୍ଷରୁ ଲୋକସେବା ଭବନ,ଖାରବେଳ ଭବନ, କୃଷି ଭବନ, ବିଧାନସଭା କୋଠା, ଜୟଦେବ ଭବନ ଏବଂ କମିଶନରେଟ୍ ପୋଲିସ ଭବନକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରିବାକୁ ନିଷ୍ପତ୍ତି ହୋଇଛି। ସଚିବାଳୟମାର୍ଗସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଷ୍ଟେଟ୍ ବ୍ୟାଙ୍କ କାର୍ଯ୍ୟାଳୟ, ଆକାଉଣ୍ଟାଣ୍ଟ ଜେନେରାଲଙ୍କକାର୍ଯ୍ୟାଳୟ, ପିଏମ୍‌ଜି, ଇଡ୍‌କୋ, ବିଡିଏ, ଓଏମ୍‌ସି ଏବଂ ଇପିକଲ ଆଦି କୋଠା ରଙ୍ଗିନ୍ ?ଆଲୋକରେ ସଜାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରାଡାକବାଜି ବ୍ୟବସ୍ଥା, ପ୍ୟାରେଡ୍ ସ୍ଥଳର ସାଜସଜ୍ଜା ଏବଂ ପ୍ରସାରଣ ବ୍ୟବସ୍ଥା ତୁଲାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସାନିଟାଇଜେସନ ଏବଂ ପିଇବା ପାଣି ବ୍ୟବସ୍ଥା ଲାଗି ବିଏମ୍‌ସିକୁ ଦାୟିତ୍ୱ ଦିଆଯାଇଛି। କ୍ୟାପିଟାଲ ହସ୍‌ପିଟାଲର ନିର୍ଦ୍ଦେଶକ ଫାଷ୍ଟଏଡ୍ ସୁବିଧା ଥାଇ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। କୋଭିଡ୍‌କଟକଣା ଦୃଷ୍ଟିରୁ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ଆଦିକୁ ସ୍ଥଗିତ ରଖିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ସେ ପ୍ରକାଶ କରିଥିଲେ।

# ‘ନୂଆ କୃଷି ଆଇନ ଦଲାଲୀ ବ୍ୟବସ୍ଥାର ପୂର୍ଣ୍ଣଚ୍ଛେଦ ପକାଇବ’



**ଭୁବନେଶ୍ୱର :** ରାଜ୍ୟରେ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ବିଜେପି ତରଫରୁ ଚାଲିଥିବା ମଣ୍ଡିଚାଲ ଅଭିଯାନ କ୍ରମରେ ଆଜି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକର କାକରୁଦ୍ରପୁର ଧାନମଣ୍ଡିକୁ ରାଜ୍ୟ ବିଜେପିର ଏକ ପ୍ରତିନିଧିମଣ୍ଡଳୀ ଗ୍ରସ୍ତ କରିଥିଲେ। ବିଜେପିର ଓଡିଶା ସହପ୍ରଭାରୀ ବିଜୟ ପାଲ ସିଂ ତୋମର ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚ ପ୍ରତିନିଧିମଣ୍ଡଳୀ ଧାନମଣ୍ଡିରେ ପହଁଚି କୃଷକ ପଂଚାୟତ କରିଥିଲେ। ସ୍ଥାନୀୟ ଚାଷୀମାନଙ୍କ ସହ ଆଲୋଚନାରୁ ଜଣାପଡିଲା ଯେ, ଅଦ୍ୟାବଧି ଉପଯୁକ୍ତ ଚାଷୀଙ୍କୁ ଟୋକନ୍ ମିଳିବାରେ ବିଳମ୍ବ ହୋଇଛି ଓ ଟୋକନ ମିଳିବାରେ ପାନ୍ତରଅନ୍ତର ବ୍ୟବସ୍ଥା ହୋଇଛି। ସମସ୍ତ ଚାଷୀଙ୍କର କ୍ୱିଂଟାଲ ପିଛା ୨ କେଜି ଧାନ କଟନୀ ଛଟନୀ ହେଉଛି, ଭାଗଚାଷୀ କୌଣସି ପ୍ରାପ୍ୟ ପାଉନାହାଁନ୍ତି। ମଣ୍ଡିରେ ପିଇବା ପାଣି, ଶୌଚାଳୟ ତଥା ଧାନକୁ ସୁରକ୍ଷିତ ରଖିବା ପାଇଁ ଛାତ ଏବଂ ସୀମା ପ୍ରାଚୀର ଓ ମାନକ ଯନ୍ତ୍ର ଆଦି ନଥିବା କଥା ପ୍ରତିନିଧିମଣ୍ଡଳୀ ଚାଷୀଙ୍କୁ ପଚାରିବାରେ ଜାଣିପାରିଲେ। କେନ୍ଦ୍ରସରକାର ମଣ୍ଡିର ଭିତିଭୂମି ସୁଦୃଢ ପାଇଁ ବ୍ୟାପକ ଅର୍ଥର ବ୍ୟବସ୍ଥା କରିଥିଲେ ମଧ୍ୟ ତାହା ଏଠାରେ ଦୃଶ୍ୟମାନ ହୋଇନଥିଲା। ଚାଷୀ ନିଜସ୍ୱ ଅର୍ଥରେ ଅଖା କିଣୁଛି ଏବଂ ଯାତାୟତ ଖର୍ଚ୍ଚ ଓ ଶ୍ରମିକ ଖର୍ଚ୍ଚ ନିଜେ ବହନ କରୁଅଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ମିଲର ଆସିନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାର ଅର୍ଥ ଦେଇଥିଲେ ମଧ୍ୟ ରାଜ୍ୟସରକାର ଏଠାରେ ଧାନର ଅଭାବୀ ବିକ୍ରି କରୁଛନ୍ତି। ଧାର୍ଯ୍ୟ ଧାନ ବାଦ ଅବଶିଷ୍ଟ ଧାନକୁ ରାଜ୍ୟସରକାର ଚାଷୀଙ୍କ ଠାରୁ କାହିଁକି କିଣୁନାହାଁନ୍ତି ବୋଲି ଶ୍ରୀ ତୋମର୍ ପ୍ରଶ୍ନ କରିଥିଲେ। କେନ୍ଦ୍ରସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂଆ କୃଷି ଆଇନ ମଧ୍ୟସ୍ଥି ବା ଦଲାଲୀ ବ୍ୟବସ୍ଥାର ପୂର୍ଣ୍ଣଚ୍ଛେଦ ପକାଇବ। ଓଡିଶାରେ ମିଲ୍ ମାଲିକ ଓ ରାଜ୍ୟସରକାରଙ୍କ ମଧୁ ଚନ୍ଦ୍ରିକା ପାଇଁ ମଣ୍ଡିକୁ ମିଳୁଥିବା କେନ୍ଦ୍ରୀୟ ଅର୍ଥର ହରିଲୁଟ୍ ହେଉଛି। ଏମଏସପି କେନ୍ଦ୍ର ସରକାର ଦେଉଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଅସହଯୋଗ ଏବଂ ଦଲାଲି ବ୍ୟବସ୍ଥା ଯୋଗୁଁ ଓଡିଶାରେ ଚାଷୀ ତା’ର ସୁଫଳ ପାଇପାରୁନାହିଁ ବୋଲି ଶ୍ରୀ ତୋମର କହିଛନ୍ତି।

**ମହଙ୍ଗା ପଡିଲା ଦୁର୍ନୀତି**

# ବର୍ଷକ ମଧ୍ୟରେ ୧୦୪ ଜଣଙ୍କୁ ବାଧ୍ୟତାମୂଳକ ଅବସର

**ଭୁବନେଶ୍ୱର :** ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ଦୁର୍ନୀତି ଓ ଅପାରଗତା ଯୋଗୁ ରାଜ୍ୟ ସରକାର ପୁଣି ୭ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଜେଲ ଡିଆଇଜି, ଜଣେ କମାଣ୍ଡାଣ୍ଟ, ଜଣେ ଡି.ଏସ୍.ପି., ଜଣେ ଡେପୁଟି କମାଣ୍ଡାଣ୍ଟ ଥିବା ବେଳେ ୨ ଜଣ ଖଣି ଅଧିକାରୀ ଓ ଜଣେ ସି.ଡି.ପି.ଓ. ଅନ୍ତର୍ଭୁକ୍ତ ଅଟନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ସାଧାରଣ ଜୀବନରେ ସାଧୁତା ଓ ନୈତିକତା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଅପାରଗ ତଥା ଅସାଧୁ ଅଧିକାରୀଙ୍କ ବିରୁଦ୍ଧରେ ଶୂନ୍ୟ ସହିଷ୍ଣୁତା ନୀତି ଉପରେ ସବୁବେଳେ ଜୋର ଦେଇ ଆସିଛନ୍ତି ଏବଂ ପ୍ରଶାସନରୁ ଦୁର୍ନୀତି ଓ ଅପାରଗତା ଦୂର କରିବାପାଇଁ ସବୁବେଳେ କଠୋର ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଅଧିକାରୀମାନେ ହେଲେ ଜେଲ ବିଭାଗର ଡି.ଆଇ.ଜି. ଗୋପବନ୍ଧୁ ମଲ୍ଲିକ। ଶ୍ରୀ ମଲ୍ଲିକ୍ ଜେଲ ୱାର୍ଡର ଚୟନ ନିମନ୍ତେ ଥିବା କମିଟିର ମୁଖ୍ୟ ଭାବରେ ତାଙ୍କ ପଦବୀର ଅପବ୍ୟବହାର କରି ଚୟନ ପ୍ରକ୍ରିୟାରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବାର ଅଭିଯୋଗ ରହିଥିଲା। ଜେଲ ବିଭାଗରେ ତାଙ୍କର କାର୍ଯ୍ୟକଳାପ ସନ୍ତୋଷଜନକ ନ ଥିଲା ଏବଂ ତାଙ୍କର ସାଧୁତା ସନ୍ଦେହମୁକ୍ତ ନ ଥିଲା। କୋରାପୁଟ ନନ୍ଦପୁରର ସି.ଡି.ପି.ଓ. ଭାବରେ କାର୍ଯ୍ୟ କରୁଥିବା ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ତାଙ୍କ ନାମରେ ଦୁଇଟି ଭିଜିଲାନ୍ସ କେସ୍ କରାଯାଇଛି। ୨୦୧୬ରେ ୮୦ ଲକ୍ଷ ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ମକଦ୍ଦମା ଦାୟର କରାଯାଇଥିବା ବେଳେ ଅକ୍ଟୋବର ୨୦୨୦ ରେ ଛତୁଆ ବିଲ୍ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କ ଠାରୁ ୧ ଲକ୍ଷ ୭୫ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ଧରା ପଡିଥିଲେ। ସେ ବର୍ତ୍ତମାନ ନିଲମ୍ବିତ ଅଛନ୍ତି। ସେହିପରି ଏକାନ୍ତ ପ୍ରିୟ ନାୟକ କମାଣ୍ଡାଣ୍ଟ ଭାବରେ ଓଡିଶା ସଶସ୍ତ୍ର ପୋଲିସ ସେବାରେ କାର୍ଯ୍ୟରତ ଥିଲେ। ଦୁର୍ବ୍ୟବହାର ତଥା ତାଙ୍କର ଅଧସ୍ତନ କର୍ମଚାରୀଙ୍କୁ ମାରଧର କରିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଗୋଟିଏ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି ଏବଂ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଜଣେ ମଦ୍ୟପ ତଥା ଅଯୋଗ୍ୟ ଅଫିସର ଭାବରେ ତାଙ୍କ ନାମରେ ଅନେକ ଅଭିଯୋଗ ରହିଥିଲା। ଡି.ଏସ୍.ପି ଗୌତମ ମଲ୍ଲିକଙ୍କ ବିରୁଦ୍ଧରେ ଦୁଇଟି ଫୌଜଦାରୀ ମାମଲା ରୁଜୁ କରାଯାଇଥିବା ବେଳେ ତାଙ୍କୁ ମଧ୍ୟ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଓଡିଶା ସଶସ୍ତ୍ର ପୋଲିସ ସେବାର ଡେପୁଟୀ କମାଣ୍ଡାଣ୍ଟ ଭାବରେ କାର୍ଯ୍ୟ କରୁଥିବା ଦେବେନ୍ଦ୍ର ନାଥ ବେହେରାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ତାଙ୍କ ନାମରେ ଜଙ୍ଗଲରୁ କାଠ ଚୋରୀ ଅଭିଯୋଗରେ ଏକ ଫୌଜଦାରୀ ମୋକଦ୍ଦମା ରୁଜୁ କରାଯାଇଛି। ସେହିପରି ବିନା ଅନୁମତିରେ ସରକାରୀ ଗାଡିରେ ଅଧସ୍ତନ କର୍ମଚାରୀଙ୍କୁ ବ୍ୟବହାର କରି କାଠର ଚୋରା ଚାଲାଣ ଅଭିଯୋଗରେ ତାଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। କନିଷ୍ଠ ଖଣି ଅଧିକାରୀ ସତ୍ୟବ୍ରତ ରାଉତଙ୍କ ବିରୁଦ୍ଧରେ ୫ ଗୋଟି ଭିଜିଲାନ୍ସ କେସ୍ ରହିଛି। ତାଙ୍କର ସାଧୁତା ସନ୍ଦେହ ଜନକ। ଦାୟିତ୍ୱରେ ଅବହେଳା ଏବଂ ଦୁର୍ବ୍ୟବହାର ଆଦି ଗୁରୁତର ଅଭିଯୋଗରେ ତାଙ୍କ ବିରୁଦ୍ଧରେ ୩ ଗୋଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବର୍ତ୍ତମାନ ସେ ନିଲମ୍ବିତ ଅଛନ୍ତି। ସେହିପରି ରମେଶ ଚନ୍ଦ୍ର ପଣ୍ଡା, କନିଷ୍ଠ ଖଣି ଅଧିକାରୀଙ୍କ ବିରୁଦ୍ଧରେ ୩ ଗୋଟି ଭିଜିଲାନ୍ସ କେସ୍ ଥିଲାବେଳେ ତାଙ୍କର ସାଧୁତା ମଧ୍ୟ ସନ୍ଦେହ ଜନକ। ଦାୟିତ୍ୱରେ ଅବହେଳା ଏବଂ ଦୁର୍ବ୍ୟବହାର ଆଦି ଗୁରୁତର ଅଭିଯୋଗରେ ତାଙ୍କ ବିରୁଦ୍ଧରେ ୩ ଗୋଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବର୍ତ୍ତମାନ ସେ ନିଲମ୍ବିତ ଅଛନ୍ତି। ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୩୦ ତାରିଖରେ ରାଜ୍ୟ ସରକାର ୬ ଜଣ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧୧୦ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ପ୍ରଶାସନରେ ସ୍ୱଚ୍ଛତା, ଉତ୍ତରଦାୟୀତ୍ୱ ଓ ସେବା ମନୋଭାବର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ତେଣୁ ଦୁର୍ନୀତି ତଥା ଲୋକଙ୍କୁ ସେବା ଯୋଗାଇବାରେ ଅବହେଳା କରୁଥିବା କର୍ମଚାରୀମାନଙ୍କ ପାଇଁ ଏହି ପଦକ୍ଷେପ ଏକ ସତର୍କ ଘଣ୍ଟି।

# ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତିକୁ ନେଇ ଅସନ୍ତୋଷ

**ଭୁବନେଶ୍ୱର :** ରାଜ୍ୟର ଛଅଟି ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଚୟନ ପ୍ରକ୍ରିୟା ଓ ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ନେଇ ବିଭିନ୍ନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତିମାନେ ପ୍ରଶ୍ନ ଉଠାଇଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିନାୟକ ରଥ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶିବ ପ୍ରସାଦ ରଥ ଓ ପ୍ରଫୁଲ୍ଲ ମିଶ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏସ ଏନ୍ ପଶୁପାଳକ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ପୂର୍ବତନ ସଂପାଦକ ହେମେନ୍ଦ୍ର ନାରାୟଣ ଦାସ, ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଅମୀୟ ମହାନ୍ତି ପ୍ରମୁଖ ଛଅଟି ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଚୟନ ପ୍ରକ୍ରିୟା ଓ ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଯେଉଁଭଳି ପ୍ରକ୍ରିୟା ଦେଇ କୁଳପତିମାନଙ୍କୁ ନିଯୁକ୍ତି ଦିଆଯାଇଛି, ତାହା ପୂର୍ବରୁ କେବେ ହୋଇ ନ ଥିଲା। କୁଳପତି ଚୟନ ପାଇଁ ସର୍ଚ୍ଚ କମିଟି ଯେଉଁମାନଙ୍କ ନାମ ସୁପାରିସ କରିଥାନ୍ତି, ସେମାନଙ୍କୁ ଚାନ୍ସେଲର ଆଲୋଚନା ଲାଗି ନିର୍ଦ୍ଦିଷ୍ଟ ସମୟ ଦେଇଥାନ୍ତି। ଏହାପରେ ସେମାନେ ବ୍ୟକ୍ତିଗତ ଭାବେ କୁଳାଧିପତିଙ୍କୁ ଭେଟନ୍ତି। କିନ୍ତୁ ଚଳିତ ଥର ସମସ୍ତ ପ୍ରାର୍ଥୀଙ୍କୁ ଏକା ସାଙ୍ଗେ ଡକା ହେଲା। ସମସ୍ତଙ୍କୁ ଦିନ ୧୧ଟାରେ ରାଜଭବନକୁ ଡକାହେଲା ଓ ୧୧ଟାରୁ ୧ଟା ଯାଏଁ ସେମାନଙ୍କୁ ସେମିତି ବସେଇ ରଖାହେଲା। ଦିନ ଗୋଟାଏ ବେଳେ ରାଜ୍ୟପାଳଙ୍କ ସଚିବ ଆସି ସମସ୍ତଙ୍କୁ ଗୋଟିଏ ଲେଖାଏଁ ପେପର ଦେଇଥିଲେ ଓ ବିଶ୍ୱବିଦ୍ୟାଳୟ ସହ କୌଣସି ସମ୍ପର୍କ ନ ଥିବା ୪ଟି ଅବାନ୍ତର ପ୍ରଶ୍ନ ଦେଲେ। ସେହି ସମୟରେ ସେମାନଙ୍କୁ ଜଗିବା ପାଇଁ ଜଣେ ନିରୀକ୍ଷକଙ୍କୁ ମଧ୍ୟ ନିଯୁକ୍ତ କରାହେଲା। ଏହା ଏକ ଅପମାନ, ସେ ପ୍ରଶ୍ନ କିଏ ପ୍ରସ୍ତୁତ କଲା ଓ କିଏ ମୂଲ୍ୟାୟନ କଲା ତାହା ବି ଏକ ପ୍ରଶ୍ନବାଚୀ ବୋଲି ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟର ସ୍ୱାଧୀନତାର ଅବକ୍ଷୟ ହେଉଛି। ଏହାର ଉନ୍ନତି କରିବା ପାଇଁ ବିଶ୍ୱବିଦ୍ୟାଳୟକୁ ସ୍ୱାଧୀନତା ଦେବାକୁ ପଡ଼ିବ, ବିଶ୍ୱବିଦ୍ୟାଳୟରେ ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ କୌଣସି ଭୂମିକା ରହିବା କଥା ନୁହେଁ, କିନ୍ତୁ ଏବେ ଏବେ ପ୍ରଶାସନିକସ୍ତରରେ ଚକ୍ରାନ୍ତ ହୋଇଛି ବୋଲି ଶିକ୍ଷାବିତମାନେ ଅଭିଯୋଗ କରିଛନ୍ତି। ନୂତନ ଶିକ୍ଷା ନୀତିରେ ପରିବର୍ତ୍ତନ ଆବଶ୍ୟକ ବୋଲି ପୂର୍ବତନ କୁଳପତି ଓ ଶିକ୍ଷାବିତମାନେ ମତ ଦେଇଛନ୍ତି।

# ୬୪୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ

**ଭୁବନେଶ୍ୱର :** ସିମେଣ୍ଟ, ଲୌହ ଓ ରିଫାଇନାରୀ କ୍ଷେତ୍ରରେ ୬୪୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ରାଜ୍ୟ ସରକାର। ଏହି ପ୍ରସ୍ତାବ ଗୁଡିକ କାର୍ଯ୍ୟକ୍ଷମ ହେଲେ ୪୬୩୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ୩ଟି ପ୍ରମୁଖ କ୍ଷେତ୍ରରେ ମଞ୍ଜୁରୀ ପାଇଥିବା ୩ଟି ପ୍ରମୁଖ ପ୍ରକଳ୍ପରେ ୫୩୫୮.୨୪ କୋଟି ଟଙ୍କା ନିବେଶ ହେବ ଏବଂ ଏଥିରେ ୩୬୬୭ଜଣ ନିଯୁକ୍ତି ପାଇବେ ବୋଲି ଆକଳନ ହୋଇଛି। ଅବଶିଷ୍ଟ ଶିଳ୍ପ ଗୁଡିକରେ ପ୍ରାୟ ୧୧୦୦ କୋଟି ଟଙ୍କା ନିବେଶ ପ୍ରସ୍ତାବ ରହିଛି ଏବଂ ଏଥିରେ ପ୍ରାୟ ୧ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଛି। ଏହି ନିବେଶ ପ୍ରସ୍ତାବ ସହ ଚଳିତ ବର୍ଷ ଫେବୃଆରୀଠାରୁ ଏ ପର୍ଯ୍ୟନ୍ତ ୧୧୯୨୧୪.୭୨ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ନିମନ୍ତେ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୨୫ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କମିଟି ଯେଉଁ ୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି ସେଗୁଡିକ ମଧ୍ୟରେ ଯାଜଦାନୀ ଷ୍ଟିଲ ଏଣ୍ଡ ପାୱାର ଲିଃର ସମନ୍ୱିତ ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ ଅନ୍ତର୍ଭୁକ୍ତ। ଏହି ପ୍ଲାଣ୍ଟର କ୍ଷମତା ୦.୦୭ ନିଯୁତ ଟନ୍‌ରୁ ୧.୧୯ ନିଯୁତ ଟନକୁ ବୃଦ୍ଧି କରାଯିବ। ଯାଜପୁରର କଳିଙ୍ଗନଗରରେ ଏହି କାରଖାନାରେ ୨୪୧୮ କୋଟି ଟଙ୍କା ନିବେଶ ହେବ ଏବଂ ଏଥିରେ ୨୮୬୭ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଛି। ଅନୁରୂପ ଭାବରେ ସୁନ୍ଦରଗଡର କୁତ୍ରାଠାରେ ଶିବା ସିମେଣ୍ଟର ସମ୍ପ୍ରସାରଣ ନିମନ୍ତେ ୧୫୨୩.୨୪ କୋଟି ଟଙ୍କା ବ୍ୟୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି କାରଖାନାରେ ଆଉ ୬୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଜଗତସିଂହପୁରର ପାରାଦୀପଠାରେ ନୁମାଲିଗନ ରିଫାଇନାରୀ ପକ୍ଷରୁ ଅଶୋଦିତ ତୈଳ ଟର୍ମିନାଲର ବିକାଶ ପ୍ରସ୍ତାବକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଅନୁମୋଦନ କରିଛି। ଏହି ପ୍ରକଳ୍ପରେ ୧୪୨୦ କୋଟି ଟଙ୍କା ନିବେଶ ପ୍ରସ୍ତାବ ଓ ୨୦୦ ଲୋକଙ୍କ ନିମେନ୍ତ ନିଯୁକ୍ତି ସୁଯୋଗ ରହିଛି। ଏହାପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ୧୦୮୫.୦୮ କୋଟି ଟଙ୍କାର ୫ଟି ନିବେଶ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛି। ଏହି ଶିଳ୍ପ ଗୁଡିକରେ ପ୍ରାୟ ୯୬୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ପାରାଦୀପର ଇଫକୋର ସଲଫ୍ୟୁରିକ ଏସିଡ ସମ୍ପ୍ରସାରଣ ୟୁନିଟ୍। ଏଥିରେ ୪୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି ଏବଂ ଏଥିରେ ୨୧ଜଣଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ରହିଛି। ସେହିପରି ସୁନ୍ଦରଗଡରେ ପଟ୍ଟନାୟକ ମିନେରାଏ ଦ୍ୱାରା ୧୮ ମେଗାୱାଟ ପାୱାର ପ୍ଲାଣ୍ଟ ନିମନ୍ତେ ୨୪୩ କୋଟି ଟଙ୍କାର ପ୍ରସ୍ତାବ, ସମ୍ବଲପୁରର ବାମରାଠାରେ ଶସ୍ୟ ଆଧାରିତ ଡିଷ୍ଟଲାରୀ ୟୁନିଟ୍ ସ୍ଥାପନ ପ୍ରସ୍ତାବ ରହିଛି। ଏଥିରେ ୨୭୫ କୋଟି ଟଙ୍କା ନିବେଶ ହେବ। ସେହିପରି କଟକ ଜିଲ୍ଲାର ମୁଣ୍ଡଳୀଠାରେ ଏକ ବିଦେଶୀ ମଦ ବଟଲିଂ ପ୍ଲାଣ୍ଟ ପାଇଁ ୧୧୨.୫ କୋଟି ଟଙ୍କା, ପୁରୀ ଜିଲ୍ଲାର ଜାସୁଆପୁରଠାରେ ଏସ୍.ଜେ.ଡେଭଲପର୍ସ ପକ୍ଷରୁ ଏକ ୪ ତାରକା ହୋଟେଲ ସ୍ଥାପନ ପ୍ରସ୍ତାବ ମଞ୍ଜୁରୀଲାଭ କରିଛି। ଅନ୍ୟପକ୍ଷରେ ଇପିକଲକୁ ଦେଶର ପ୍ରମୁଖ ବନିଯୋଗ ପ୍ରୋତ୍ସାହନ ଏଜେନ୍ସିର ମାନ୍ୟତା ମିଳିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି। ଇନଭେଷ୍ଟ ଇଣ୍ଡିଆ ଓ ବିଶ୍ୱବ୍ୟାଙ୍କ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରେ ଇପିକଲ ୨୦ଟି ରାଜ୍ୟର ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି (ଆଇପିଏସ୍) ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀର ମାନ୍ୟତା ଲାଭ କରିଛି।

## ଝାରସୁଗୁଡ଼ା ବିମାନ ବନ୍ଦରରୁ ପୁଣି ଉଡ଼ିବ ବୋଇଂ

**ଝାରସୁଗୁଡ଼ା :** ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବା ପରେ ମାତ୍ର କିଛିଦିନ ବୋଇଂ ବିମାନ ଏଠାରୁ ଚଳାଚଳ କରି ଆଇଏଲଏସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଅଭାବ ଯୋଗୁଁ ବନ୍ଦ ହୋଇଯାଇଥିଲା। ବଡ଼ ବିମାନ ପରିବର୍ତ୍ତେ ଛୋଟଛୋଟ ବିମାନ ଚଳାଚଳ କରୁଥିଲା। ତେବେ ଆସନ୍ତା ୧୧ତାରିଖରୁ ପୁଣି ଥରେ ନୂଆଦିଲ୍ଲୀକୁ ବୋଇଂ ବିମାନ ଉଡ଼ିବାକୁ ଯାଉଛି।

## ରାଜ୍ୟରେ ନାହିଁ ବାର୍ଡ ଫ୍ଲୁ

**ଭୁବନେଶ୍ୱର :** ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପକ୍ଷୀମାନଙ୍କ ରକ୍ତ, ନାକ, ନାଜାଲ୍, ସ୍ୱାବ, କ୍ଲୋଆଇକାଲ୍ ସ୍ୱାବ ଏବଂ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି।



ରାଜ୍ୟସ୍ତରରେ ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ, ଆଞ୍ଚଳିକ ସ୍ତରରେ ରୋଗ ନିରୀକ୍ଷଣ ପରୀକ୍ଷାଗାର ତଥା ରାଜ୍ୟ ପ୍ରାଣୀରୋଗ ପରୀକ୍ଷାଗାର ଏବଂ ଜିଲ୍ଲା ସ୍ତରରେ ପ୍ରାଣୀରୋଗ ନିରୂପଣ ପରୀକ୍ଷାଗାର ଗୁଡିକୁ ପୂର୍ଣ୍ଣ କ୍ଷମତା ସହ ନମୁନା ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଲକାତାଠାରେ ଥିବା ଆଞ୍ଚଳିକ ପ୍ରାଣୀରୋଗ ନିରୂପଣ ପରୀକ୍ଷାଗାରକୁ ମଧ୍ୟ ନମୁନା ପ୍ରେରଣ କରାଯାଉଛି। ସାମ୍ପ୍ରତିକ ବହିରାଗତ ପରୀକ୍ଷା ଋତୁରେ ଏପର୍ଯ୍ୟନ୍ତ ୧୨,୧୫୮ ନମୁନା ପରୀକ୍ଷା କରାଯାଇଛି ଏବଂ କୌଣସିଟିରେ ଏହି ରୋଗ ପ୍ରକାଶ ପାଇନାହିଁ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପାଦକ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି ଏବଂ ଯେକୌଣସି ପରିସ୍ଥିତିର ସମାଧାନ ପାଇଁ ତତ୍ପର ଅଛନ୍ତି। ଜନସାଧାରଣ ଭୟଭୀତ ନ ହୋଇ କୁକୁଡା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇବାକୁ ଅନୁରୋଧ କରାଯାଉଛି। ନିଜ ଅଞ୍ଚଳର ପକ୍ଷୀମଡକ ବିଷୟରେ ପ୍ରାଣୀ ଚିକିତ୍ସକ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କିମ୍ବା ରାଜ୍ୟସ୍ତରୀୟ ନିୟନ୍ତ୍ରଣ କକ୍ଷକୁ ଫୋନ୍ ନମ୍ବର ୦୬୭୧ କିମ୍ବା ହ୍ୱାଟ୍‌ସଆପ୍ ନମ୍ବର ୭୨୦୫୫୯୮୧୨୫ରେ ସୂଚନା ପ୍ରଦାନ କରିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ଟିକାକରଣ ପାଇଁ ଓଡ଼ିଶା ପ୍ରସ୍ତୁତ

**ଭୁବନେଶ୍ୱର :** ବର୍ତ୍ତମାନ ରାଜ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନ ଠାରୁ ଆରମ୍ଭ କରି ଧର୍ମାନୁଷ୍ଠାନ ଆଦି ସମ୍ପୂର୍ଣ୍ଣ ଭାବେ ଖୋଲିଥିବା ବେଳେ ଖୁବ୍‌ଶୀଘ୍ର ଶିକ୍ଷାନୁଷ୍ଠାନ ଖୋଲିବାକୁ ଯାଉଛି। ତେଣୁ ଆଗାମୀ ୨ ମାସ ଆମକୁ ସତର୍କତାର ସହ ଚଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିବେଦନ କରିଛନ୍ତି। ରାଜ୍ୟରେ କୋଭିଡ୍ ପରିସ୍ଥିତି ଓ ଟିକାକରଣ ସମ୍ପର୍କରେ ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଇଂଲଣ୍ଡ ତଥା ଇଉରୋପରେ କୋଭିଡର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଯାଇଛି ଏବଂ କେତେକ ଦେଶରେ ଲକ୍‌ଡାଉନ୍ ମଧ୍ୟ ପୁଣି ଆରମ୍ଭ କରାଗଲାଣି। ତେଣୁ ଆମକୁ ଅଧିକ ସତର୍କତାର ସହିତ କୋଭିଡ୍ ଗାଇଡଲାଇନ୍ ପାଳନ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତଙ୍କ ସହଯୋଗରେ ଆମେ କୋଭିଡ୍ ସଂକ୍ରମଣକୁ ସଫଳ ଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିଛୁ। ଅଧିକାଂଶ ଜିଲ୍ଲା ଗ୍ରୀନ୍ ଜୋନ୍‌ରେ ରହିଥିବା ବେଳେ ତୀବ୍ର ସଂକ୍ରମଣ ପର୍ଯ୍ୟାୟ ଆମ ପାର୍ ହୋଇଯାଇଛୁ। ଏହି ସଫଳତା ପାଇଁ କଠିନ ପରିଶ୍ରମ କରିଥିବା ସ୍ୱାସ୍ଥ୍ୟ କର୍ମୀ, ଡାକ୍ତର ଏବଂ ଆଗଧାଡିରେ ରହି କାମ କରୁଥିବା ସମସ୍ତ କୋଭିଡ୍ ଯୋଦ୍ଧା ମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ ଏବଂ ଖୁବ୍‌ଶୀଘ୍ର ଏ ପରିସ୍ଥିତିରୁ ଆମେ ମୁକୁଳି ପାରିବା ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ଟିକା ଲୋକଙ୍କ ଭିତରେ ବିପୁଳ ଆଶା ସଂଚାର କରିଛି। ଏହି ଟିକା ଉତ୍ପାଦନରେ ଭାରତ ପୃଥିବୀର ଆଗୁଆ ଦେଶ ହୋଇଛି। ଏହି ଟିକାକରଣ କାର୍ଯ୍ୟକ୍ରମକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ତେଣୁ ଟିକା ସମ୍ପର୍କରେ ଲୋକଙ୍କ ଭିତରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ବ୍ୟାପକ ସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଟିକାକରଣ ଚଳିତ ବର୍ଷର ସବୁଠାରୁ ବଡ କାର୍ଯ୍ୟକ୍ରମ ହେବ। ତେଣୁ ଏହାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସେହିପରି ଜୀବନଜୀବିକା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ତଥାପି ଆର୍ଥିକ ଦୁର୍ବଳଶ୍ରେଣୀର ଲୋକଙ୍କ ଜୀବିକା ସୁରକ୍ଷା କରିବା ପାଇଁ ବହୁତ କିଛି କରିବାକୁ ଅଛି ବୋଲି



ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ଏବଂ ଏ ସମ୍ପର୍କରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଆଗାମୀ ମାସରେ ଏ ସମ୍ପର୍କରେ ସମୀକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, କୋଭିଡ୍ ନିୟନ୍ତ୍ରଣରେ ରାଜ୍ୟ ବର୍ତ୍ତମାନ ବହୁତ ଭଲ ସ୍ଥିତିରେ ରହିଛି ଏବଂ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୦୦ ମଧ୍ୟରେ ସୀମିତ ରହିଛି। ଜୀବନଜୀବିକା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ।

ଟିକାକରଣ ଏବଂ କୋଭିଡ୍ ପରିସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚସିବ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ ଯେ, ରାଜ୍ୟରେ ଆରୋଗ୍ୟ ହାର ବର୍ତ୍ତମାନ ପ୍ରାୟ ୯୯%ରେ ପହଞ୍ଚିଥିବା ବେଳେ ଗତକାଲିଠାରୁ ରାଜ୍ୟରେ କୋଭିଡ୍‌ରେ କୌଣସି ରୋଗୀଙ୍କର ମୃତ୍ୟୁ ହୋଇନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୩୦ ତାରିଖରୁ ନିୟମିତ ଭାବରେ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ରିପୋର୍ଟ ଆସୁଥିଲା। ତୃତୀୟ ପର୍ଯ୍ୟାୟ ସେରୋ ସର୍ଭେ ରିପୋର୍ଟ ମଧ୍ୟ ଅତ୍ୟନ୍ତ ଉତ୍ସାହଜନକ ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୦ଲକ୍ଷ ଲୋକଙ୍କର କୋଭିଡ୍ ପରୀକ୍ଷା କରାଯାଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ଟିକାକରଣ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ, କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଉଭୟ ଘରୋଇ ଓ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ୩,୨୮,୫୬୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ ପାଇଁ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ପୋଲିସ, ମ୍ୟୁନିସିପାଲଟି କର୍ମଚାରୀ ଏବଂ କୋଭିଡ୍ କାର୍ଯ୍ୟରେ ନିୟୋଜିତ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କ ତାଲିକା ପ୍ରସ୍ତୁତ ଚାଲିଛି। ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଷ୍ଟିଅରିଂ କମିଟି ବୈଠକ ସମ୍ପୂର୍ଣ୍ଣ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ, ସ୍କୁଲ-କଲେଜ ଖୋଲିବା ସମ୍ପର୍କରେ ଏସ୍‌ଓପି ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୧ - ୧୭ ଜାନୁଆରୀ, ୨୦୨୧

# ବିକାଶର ପଥରୋଧ କରୁଛି ଦୁର୍ନୀତି

ଭ୍ରଷ୍ଟାଚାର ବିରୋଧରେ ନିୟମିତ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି। କାରଣ ଭ୍ରଷ୍ଟାଚାର ଦ୍ୱାରା ଦେଶ ତଥା ରାଜ୍ୟର ପ୍ରଗତି ବାଧାପ୍ରାପ୍ତ ହେବା ସହିତ ସାଧାରଣ ନାଗରିକ ଲୁଣ୍ଠନର ଶିକାର ହେଉଛନ୍ତି। ଦରମା ପାଇ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ନିଯୁକ୍ତ କର୍ମଚାରୀ, ଅଧିକାରୀ ଓ ଏମାନଙ୍କୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିବିଶେଷ ଏଭଳି ଲୁଟିଚାଲିଛନ୍ତି ଯେ, ଯାହାର ବିକଳ ଚିତ୍ର ପ୍ରତିଦିନ ଲୋକଲୋଚନକୁ ଆସୁଛି। ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଫଳରେ ରାସ୍ତା ଠାରୁ ଆରମ୍ଭ କରି କୋଠା ବାଡି, କେନାଲ, ଡ୍ରେନ ଓ ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଚାଲିଛି। ଯାହା ଜଣାପଡୁଛି, ଅସାଧୁ କର୍ମଚାରୀ, ନେତା, ମନ୍ତ୍ରୀ, ଯନ୍ତ୍ରୀ ଦେଶ ଓ ରାଜ୍ୟକୁ ଖୋଳ କରୁଛନ୍ତି। ନିର୍ଦ୍ଦିଷ୍ଟ ଭାବେ କହିବା କଷ୍ଟ ଯେ, ଏଭଳି ଧାରା ଆମ ଦେଶରେ କେବେଠାରୁ ଆରମ୍ଭ ହୋଇଛି। ସ୍ୱାଧୀନତା ପରେ ଯେତେ ଯେତେ ସରକାର ଦେଶକୁ ଶାସନ କରିଛନ୍ତି, ସମସ୍ତେ କିଛି ନା କିଛି ଦୁର୍ନୀତିରେ ଲିପ୍ତ ରହିଛନ୍ତି। ସେମାନଙ୍କ ଭ୍ରଷ୍ଟାଚାର ଯୋଗୁ ଦେଶର ପ୍ରଗତି ବାଧାପ୍ରାପ୍ତ ହେବା ସହିତ ଲାଞ୍ଚଖୋର ସରକାରୀ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। କାରଣ ଏମାନେ ନିଜ ଭିତରେ ସମନ୍ୱୟ ରଖି ଲାଞ୍ଚ ଟଙ୍କାର ଭାଗ କାହାକୁ କେତେ ମିଳିବ ତାହାର ନିର୍ଦ୍ଧାରଣ କରିସାରିଛନ୍ତି। ଯେଉଁ କାର୍ଯ୍ୟ ପାଇଁ ଏମାନେ ଦରମା, ଭତ୍ତା ବା ଅନ୍ୟାନ୍ୟ ସରକାରୀ ସୁବିଧା ପାଉଛନ୍ତି ଓ ଏହା ବଦଳରେ ଲୋକଙ୍କୁ ମାଗଣାରେ ଯେଉଁ ସେବା ଯୋଗାଇବା କଥା ତାହାକୁ ବିନା ଲାଞ୍ଚରେ କରୁନାହାନ୍ତି। ପ୍ରତ୍ୟେକ ସମୟରେ କୁହାଯାଉଛି, ଦେଶକୁ ଦୁର୍ନୀତି ଓ ଭ୍ରଷ୍ଟାଚାର କରାଯିବ। ହେଲେ ଏହି କାର୍ଯ୍ୟ ଯେଉଁମାନଙ୍କ ଦ୍ୱାରା ସାଧିତ ହେବା କଥା ସେମାନେ କିନ୍ତୁ ଭ୍ରଷ୍ଟାଚାର ସହ ଏଭଳି ଭାବେ ଜଡିତ ହୋଇଛନ୍ତି ବା ହେଉଛନ୍ତି, ଯାହାଫଳରେ ଭ୍ରଷ୍ଟାଚାର ଅଧିକ ସୁଦୃଢ଼ ହୋଇଯାଉଛି। ତେଣୁ ଭାଷର ଓ ଭାଷା ବଦଳାଇ କଥା କହିଦେଲେ ଦେଶ ଦୁର୍ନୀତିମୁକ୍ତ ହେବା ସମ୍ଭବ କି? ଏଭଳି ଅନେକ ପ୍ରଶ୍ନ, ପ୍ରସଙ୍ଗ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନେଇ ଦେଶର ସାଧାରଣ ନାଗରିକଙ୍କ ଚାରିପଟେ ଘୁରି ବୁଲୁଛି। ତେଣୁ ଏକ ସ୍ୱଚ୍ଛ ଶାସନର ନାରା ଏବଂ ବାସ୍ତବ ସ୍ୱଚ୍ଛତା ମଧ୍ୟରେ ଅନେକ ପାର୍ଥକ୍ୟ ଥିବାର ଅନୁଭୂତି ସମସ୍ତଙ୍କର ରହିଛି। ବେଳେ ବେଳେ ରାଜନୈତିକ ଅଭିସନ୍ଧି, ବାଧ୍ୟବାଧକତା ଯୋଗୁ ଯେଉଁ ଲୋକଙ୍କ ଘରେ ଦୁର୍ନୀତି ଯୋଗୁଁ ଚଢ଼ାଉ ହୋଇଥାଏ ବା ସମ୍ପତ୍ତି ଜବତ ହୋଇଥାଏ। ମାତ୍ର ତାହା ପରେ ଦଫା ରଫା ହୋଇଯିବାର ନଜିର କିଛି କମ ନୁହେଁ। ଦେଶର ଆଇନ ଓ ଭ୍ରଷ୍ଟାଚାର ସପକ୍ଷବାଦୀ ଲୋକ ଏହା ଭଲ ରୂପେ ଜାଣନ୍ତି। ଦୁର୍ନୀତିରୁ ହେଉଥିବା ଆୟ ଓ ଅକାଳେ ସକାଳେ ହେଉଥିବା ଚଢ଼ାଉର ପରିମାଣ ଅତି ନଗଣ୍ୟ। ଦୁର୍ନୀତି କରି ନରହତ୍ୟା ଭଳି କେହି ଦଣ୍ଡ ପାଆନ୍ତି ନାହିଁ, ଏହା ଲାଞ୍ଚଖୋରଙ୍କୁ ବେଶ ଭଲ ଭାବେ ଜଣା। ସେମାନେ ଏକଥା ମଧ୍ୟ ବୁଝି ସାରିଛନ୍ତି ଯେ, ଅନ୍ୟାୟ ଉପାର୍ଜନ ଓ ଧରା ପଡି ଅର୍ଥ ତଣ୍ଡ ଦେବାକୁ ଅନେକ ବର୍ଷ ଲାଗିଯାଏ। ଇତିମଧ୍ୟରେ ଅପମିଶ୍ରଣ ଓ ଲାଞ୍ଚଖିଆ ସମାନ ଢଙ୍ଗରେ ନିଜ ଚାଲ ଚଳାଇ



ସମ୍ପାଦକୀୟ
ତାରକ ମହାନ୍ତି

ଆଗକୁ ବଢ଼ି ଚାଲନ୍ତି। ଉପରକୁ ଉପରକୁ ଚାନ୍ଦା ଦେଇ ନିଜ କୁକର୍ମର ଅନ୍ୟ ସହଭାଗୀ ମାନଙ୍କ ସହ ଦୃଢ଼ ସମ୍ପର୍କ ସୃଷ୍ଟି ଦ୍ୱାରା ଅନ୍ୟାୟ, ଅନୀତି ବ୍ୟାପି ଚାଲିଛି। ଏହାର ମୂଳୋତ୍ପାଟନ ସମ୍ଭବ ନୁହେଁ ଯଦିଓ ନିୟମିତ ଯାଞ୍ଚ, କଡା କାର୍ଯ୍ୟାନୁଷ୍ଠାନ ଦ୍ୱାରା କିଛି ମାତ୍ରାରେ ଏହା ନିୟନ୍ତ୍ରଣ କରିହେବ। ଏଥିପାଇଁ ସରକାରଙ୍କ ଆନ୍ତରିକତା ଓ ବିଭାଗ-ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ ହେଉଛି। ଦୁର୍ନୀତି ଉପରେ ରୋକ ଲଗାଇବାକୁ ଥିବା ବିଭାଗ କିମ୍ବା ନିଯୁକ୍ତ ଅଧିକାରୀ ସ୍ୱତନ୍ତ୍ର ଭାବେ ନିଜର ବୁଦ୍ଧି ଜ୍ଞାନ ଲଗାଇ ଏହା କରିବା ଦରକାର। ଯେତେବେଳେ ଲାଞ୍ଚୁଆ ବା ଲାଞ୍ଚଖିଆଙ୍କୁ ବାନ୍ଧିବା ଲୋକ ନିଜେ ଦୁର୍ନୀତିଗ୍ରସ୍ତ ହୋଇପଡେ, ସେତେବେଳେ ବ୍ୟବସ୍ଥା ଭୁଶୁଡିବା ଭଳି ପରିସ୍ଥିତି ଉପୁଜେ।

ସ୍ୱାଧୀନତାର ଦୀର୍ଘବର୍ଷ ପରେ ଦେଶରୁ ଗରିବୀ ନହଟିବା ପଛରେ ଏଭଳି ଅନେକ କିଛି ରହିଛି। ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ବିଚାରଧାରାରେ ସ୍ୱଚ୍ଛତା, କାର୍ଯ୍ୟରେ ପାରଦର୍ଶିତା, ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭଳି ଅନେକ ପ୍ରସଙ୍ଗରେ ଅନ୍ୟ ରାଷ୍ଟ୍ରଠାରୁ ଅଧିକ ସଶକ୍ତ ହେବାର ସମୟ ଅତିକ୍ରାନ୍ତ କରିନଥିଲେ ବି ଅନେକ ସମୟ ବିତିଗଲାଣି। ତଥାପି ଲୋକଙ୍କ ମନରେ ଭୟ, ବେରୋଜଗାରୀ ଓ ବିଭିନ୍ନ କାରଣକୁ ନେଇ ରହିଥିବା ଆଶଙ୍କା ଦୂର ନହେବା ପର୍ଯ୍ୟନ୍ତ ଆମେ ଏକ ବିକଶିତ ରାଷ୍ଟ୍ରରେ ବସବାସ କରୁଛୁ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିପାରିବା କି! ତେଣୁ ସମୟୋପଯୋଗୀ ପଦକ୍ଷେପ, ସ୍ୱଚ୍ଛ କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଦୁର୍ନୀତି ଉପରେ ଅଙ୍କୁଶ ଲାଗିବା ଦରକାର। ଏଥିରେ ଭେଜାଲ ପ୍ରସ୍ତୁତକରି, ମୁନଫାଖୋର ବେପାରୀ, ଦଲାଲ ବ୍ୟବସ୍ଥା ଉପରେ କଡା କାର୍ଯ୍ୟାନୁଷ୍ଠାନ ଦରକାର। ଆଜିଠୁ ଯେଉଁ କାର୍ଯ୍ୟ ନିଷ୍ଠାର ସହ ଆରମ୍ଭ ହେବ, ଆଗାମୀ ପିଢ଼ି ଏଥିରୁ ଶିକ୍ଷା ଓ ସୁଫଳ ନିଶ୍ଚୟ ପାଇପାରିବ। ଯେଭଳି ଗଛଟିଏ ଲଗାଇଲେ ଏହା ତୁରନ୍ତ ଫଳ ପୁଷ୍ପ ଦିଏନାହିଁ, ସେହିଭଳି ଦୁର୍ନୀତି ରାକ୍ଷସକୁ କାବୁ କରିବାପ ।ଇଁ କିଛି ସମୟ ଲାଗିବ। ଆସ୍ତେ ଆସ୍ତେ ଏକ ସୁସ୍ଥ ପ୍ରକ୍ରିୟା କାର୍ଯ୍ୟକାରୀ ହେଲେ ଏହା ସୁଦୂର ପ୍ରସାରୀ ହେବା ସହ ଏହାର ଔଜଲ୍ୟ ନିଶ୍ଚୟ ଚାରିଆଡକୁ ପ୍ରସାରି ପାରିବ। ଯେଉଁଥିରୁ ଭବିଷ୍ୟତର ସୁନେଲି ସ୍ୱପ୍ନ ବାସ୍ତବ ରୂପ ଧାରଣ କରି ସଭ୍ୟତାକୁ ଅଧିକ ଋଦ୍ଧିମନ୍ତ କରିବ। ଏହା ନିଃସନ୍ଦେହ ଯେ, ଗୋଟେ ପୁରୁଣା ଅଭ୍ୟାସ ବଦଳିବାକୁ ସମୟ ଲାଗେ, ହେଲେ ସଠିକ ପଦକ୍ଷେପ ଦ୍ୱାରା ନିଶ୍ଚୟ ପରିବର୍ତ୍ତନ ଆକାଶ ଛୁଆଁ ହୋଇପାରେ। ଏଭଳି ବିଶ୍ୱାସ ନେଇ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ହେବା ଦ୍ୱାରା ଦେଶର ପ୍ରଗତି ଆଗକୁ ବଢ଼ିବ ଓ ଦେଶ ସମୃଦ୍ଧ ହୋଇପାରିବ। ବସ୍ତୁବାଦର ମୋହ, ପ୍ରତିପତ୍ତିଶାଳୀ ହେବାର ଚିନ୍ତା ଆଜି ମଣିଷ ସମାଜକୁ ବିପଥଗାମୀ କରିଚାଲିଛି। ଯେଉଁଥିପାଇଁ ମାନବିକତା ବଦଳରେ କିଛିଲୋକ ସ୍ୱାର୍ଥ ସହ ଏଭଳି ମଜ୍ଜି ଯାଇଛନ୍ତି ଯେ, ସେମାନେ ଅନ୍ୟର ସୁଖ ସୁବିଧା ପ୍ରତି ଧ୍ୟାନ ନଦେଇ ନିଜର ଲାଭ ବଢ଼େଇ ଚାଲିଛନ୍ତି। ଅନ୍ୟାୟ ଅନୀତି ଯେଉଁ ଉପାୟରେ ହେଉ ସମ୍ପତ୍ତି ଆହରଣର ମାର୍ଗ ଖୋଜି ସମୁଦ୍ର ଲଘିଂବାର ସ୍ୱପ୍ନ ଦେଖୁଛନ୍ତି। ଏଥିରେ ବ୍ୟବସ୍ଥା ଦାୟିତ୍ୱରେ ଥିବା ମନ୍ତ୍ରୀ, ଯନ୍ତ୍ରୀ କର୍ମଚାରୀ ମଧ୍ୟ ସାମିଲ। ଯେଉଁ କାର୍ଯ୍ୟ ପାଇଁ ଗଲେ ବିନା ଲାଞ୍ଚରେ କାର୍ଯ୍ୟ ହାସଲ ଅସମ୍ଭବ ବୋଲି ଯେ କେହି କହିପାରିବେ। ପ୍ରତ୍ୟେକ ଘଟଣାକୁ ରାଜନୀତିକରଣ କରି ଏଥିରୁ ଫାଇଦା ହାସଲ ପାଇଁ ନେତାମାନେ ମାତିଥିଲା ବେଳେ ସରକାରୀ ବାବୁମାନେ ନିଜ ପେଟ ବଢ଼ାଇବା ଚିନ୍ତା ଦ୍ୱାରା ବିକାଶ ଓ ବିକଶିତ ମଧ୍ୟରେ ପାର୍ଥକ୍ୟ ବଢ଼ି ବଢ଼ି ଚାଲିଛି। ଯେ ପର୍ଯ୍ୟନ୍ତ ଦେଶ ବା ରାଜ୍ୟର ଶାସନ କ୍ଷମତାରେ ରହିଥିବା ନେତୃମଣ୍ଡଳୀ ସ୍ୱଚ୍ଛତାକୁ କାର୍ଯ୍ୟରେ ପରିଣତ ନ କରିବେ ସେ ପର୍ଯ୍ୟନ୍ତ ଲାଞ୍ଚ ଧାରାର ପରିସମାପ୍ତି ଘଟିବନାହିଁ। ତେଣୁ ଭାଷଣ ଛଳରେ କହୁଥିବା କଥା ବାସ୍ତବ ଜୀବନରେ କରୁଥିବା କାର୍ଯ୍ୟ ସମାନ ନ ହେବା ପର୍ଯ୍ୟନ୍ତ ସାଧାରଣ ଜନତା କିଏ ସ୍ୱଚ୍ଛ କିଏ ଅସ୍ୱଚ୍ଛ ତାହାର ଆକଳନ କରିପାରିବେ ନାହିଁ। ତେଣୁ ଏବେଠାରୁ ଦୁର୍ନୀତି ଅସୁରକୁ ମାରିଦେବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଦରକାର।

# ଅବହେଳିତ ପିତାମାତାଙ୍କ ପାଇଁ କଣ ପୁତ୍ର ଦାୟୀ ?



ପ୍ରଦୀପ୍ତ ଆଚାର୍ଯ୍ୟ

ସେଦିନ ଥାଏ ରବିବାର।ସପ୍ତାହ ଯାକର କର୍ମକ୍ଳାନ୍ତ ଜୀବନରେ ଗୋଟିଏ ଦିନ ଅବସର।ସକାଳୁ ସକାଳୁ,ଚାହା କପ୍ ସାଙ୍ଗକୁ,ଖବର କାଗଜର ପଠନର ଭରପୁର ଆନନ୍ଦ ଉପଭୋଗ କରୁଥାଏ ରାଜେଶ୍।ହଠାତ୍ କଲିଂ ବେଲ୍ ଶବ୍ଦରେ ରାଜେଶ୍ ବାହାରକୁ ଯାଇ ଦେଖେତ,ତା ଡାଡିଙ୍କ ବାଲ୍ୟବନ୍ଧୁ ନୀଳାମ୍ବର ଅଙ୍କଲ ବାହାରେ ଠିଆହୋଇଛନ୍ତି। ପ୍ରଣାମ ଜଣାଇ,ଭିତରକୁ ଡାକି ଡ୍ରଇଂ ରୁମରେ ବସାଇଲା ଓ ଚା ଜଳଖିଆର ବ୍ୟବସ୍ଥାକରି , ଅଙ୍କଲ୍ ଙ୍କ ପାଖରେ ବସି ପଚାରିଲା,କେମିତି କଣ ଆଜି ମୋ କଥା ମନେ ପଡିଗଲା ଅଙ୍କଲ,ଗାଁରୁ କେବେ ଆସିଲେ ?ନାଇଁରେ ରାଜୁ,ସୁଦୂର ଆମେରିକାରେ ନିଜ ଗାଁର ଲୋକଙ୍କ ମୁହଁରୁ ପଦିଏ ମାତୃଭାଷା କାନରେ ପଡିଗଲେ ଯେ କି ଆତ୍ମତୃପ୍ତି ଆସେ ତାହା ଅନୁଭବି ବିନା କେହି ବୁଝି ପାରିବେ ନାହିଁ।ଆଉ ତୋ ଡାଡି,ମୁଁ ଆସିବା ବେଳେ ବାରମ୍ବାର କହିଥିଲେ, ଆମ ରାଜୁକୁ ଟିକିଏ ଭେଟି ଆମ କଥା କହିବ।ମୁଁ ଜାଣିଛି ଅଙ୍କଲ,ଡାଡିଙ୍କର ସବୁବେଳେ ସମସ୍ତଙ୍କ ଆଗରେ ଅଭିଯୋଗ,ଆମେ ତାଙ୍କୁ ଅଣଦେଖା କରୁଛୁ। କିନ୍ତୁ ପ୍ରକୃତରେ,ମୁଁ ମୋ ଡାଡି ମମିଙ୍କୁ ବହୁତ ଭଲ ପାଏ।ମୁଁ ଆଜି ଯୋଉ ଯାଗାରେ ଅଛି,ଯାହା ହୋଇପାରିଛି ,କେବଳ ତାଙ୍କରି ପ୍ରଚେଷ୍ଟାରେ।ବାସ୍ତବ କ୍ଷେତ୍ରରେ ମୁଁ କାର୍ଯ୍ୟ ବ୍ୟସ୍ତତା ଭିତରେ,ଏତେ ଦୁରରୁ ଗାଁକୁ ଯାଇ ତାଙ୍କୁ ବାରମ୍ବାର ସାହଚର୍ଯ୍ୟ ପ୍ରଦାନ କରିପାରୁନାହିଁ କିମ୍ବା ଏଠାରେ ରଖିଲେ ମଧ୍ୟ,ତାଙ୍କ ପାଇଁ ସମୟ ଦେଇ ପାରୁନାହିଁ।ତାପରେ ମୁଁ ତାଙ୍କୁ ଆଣି ଏଠାରେ ରଖିଲେ ମଧ୍ୟ, ସେ ଆତ୍ମ ସନ୍ତୋଷ ଲାଭ କରିପାରୁ ନାହାନ୍ତି।ମୋର ଚାକର,ମାଳି ଡ୍ରାଇଭର ସମସ୍ତଙ୍କୁ ତାଙ୍କ ଦାୟିତ୍ୱ ତଥା ଆବଶ୍ୟକତା ପୁରଣ ନିମନ୍ତେ ସଜାଗ ରହିବା ପାଇଁ କହିଥିଲେ ମଧ୍ୟ, ମୁଁ ସମୟ ଦେଇ ପାରୁନାହିଁ। ଆପଣତ ଜାଣିଛନ୍ତି ଅଙ୍କଲ୍,ଏଠାରେ ଜୀବନର ଗତି କେତେ ଦ୍ରୁତ ଏବଂ ଯାନ୍ତ୍ରୀକ। ମଝିରେ ଡାଡି ଏଠିକି ଯାହାପାଇଁ ଆକର୍ଷିତ ହୋଇ ଚାଲି ଆସନ୍ତି,ସେ ହେଉଛି ତାଙ୍କ ନାତୀ।ସେ ସକାଳୁ ସ୍କୁଲକୁ ଯାଇ ,ଫେରିବା ପରେ ମଧ୍ୟାହ୍ନ ଭୋଜନ ଏବଂ କିଛି ସମୟ ବିଶ୍ରାମ ପରେ ଦୁଇଦୁଇଟା ଟିଉସନ ଓ ହୋମଟ୍ୟାକ୍।ତେଣୁ ତା ସାଙ୍ଗରେ ମିଶିବା ମଧ୍ୟ ସମ୍ଭବ ହୁଏନାହିଁ।ମୁଁ ଓ ମୋ ସ୍ତ୍ରୀ ମଧ୍ୟ କାର୍ଯ୍ୟ ବ୍ୟସ୍ତତା ଭିତରେ ତା ପାଇଁ ସମୟ ଦେଇ ପାରୁନାହିଁ।ତେଣୁ ଡାଡିଙ୍କର ଗ୍ରାମ୍ୟ ଭାଇଚାରା ର ସ୍ମୃତି,ଗାଁରେ ଥିବା ଜମିବାଡିର ମୋହ ତଥା ସର୍ବୋପରି ଏଠାରେ ବନ୍ଦୀ ଜୀବନ ପରି ପ୍ରତୀୟମାନ ହେଉଥିବା ସମୟ ,ତାଙ୍କୁ ମାନସିକ ଶାନ୍ତି ପ୍ରଦାନ କରିପାରେନାହିଁ।ଆର୍ଥିକ ଦୃଷ୍ଟିରୁ ପ୍ରାଚୁର୍ଯ୍ୟତା ମଧ୍ୟରେ ଥିଲେ ବି,ସମୟ କ୍ଷେତ୍ରରେ ମୁଁ ଅତ୍ୟନ୍ତ ଦରିଦ୍ର।ଡାଡି ମମିଙ୍କର କେବଳ ସମୟ ବ୍ୟତୀତ ଅନ୍ୟ ସମସ୍ତ ଆବଶ୍ୟକତା ପୁରଣ କରିବାରେ ମୁଁ କେବେ କାର୍ପଣ୍ୟତା ପ୍ରକାଶ କରିନାହିଁ।କିନ୍ତୁ ସବୁଠାରୁ ବଡକଥା ଅଙ୍କଲ୍, ଡାଡିଙ୍କ ଦ୍ୱାରା ରୋପିତ ବୃକ୍ଷର ଫଳ ଯେ ସୁସ୍ୱାଦୁ ହେବନାହିଁ,ସେ ଏକଥା କଳ୍ପନା କରିନଥିଲେ।ସୁବର୍ଣ୍ଣ ପଞ୍ଜୁରୀରେ ସ୍ୱର୍ଣ୍ଣ ଶୁକପକ୍ଷୀ ଯେ କେବଳ ଦର୍ଶନ ସୁଖ ପ୍ରଦାନ କରିବ,ଏହା କେବେ ସୁମଧୁର ସ୍ୱରରେ ଗାନ କରି ପାରିବ ନାହିଁ, ଏହା ଥିଲା ତାଙ୍କ ଚିନ୍ତାର ବାହାରେ।ପିଲାଦିନୁ ସ୍ନେହ, ଶ୍ରଦ୍ଧା ଓ ନୈତିକ ଶିକ୍ଷାରୁ ବଂଚିତ କରି, ମୋତେ ଗୋଟିଏ ଅର୍ଥ ରୋଜଗାରର ମେସିନ କରିବାର ଇଚ୍ଛା ତାଙ୍କର ସାକାର କରିପାରିଛନ୍ତି। ଡାଡି ମମିଙ୍କର ସମୟାଭାବ ଯୋଗୁଁ,ପିଲାଦିନେ ଆୟା କୋଳର ଆନ୍ତରିକତା ବିହୀନ ଯତ୍ନ ଏବଂ କୈଶୋର ଅବସ୍ଥାରେ ଆବାସିକ ବିଦ୍ୟାଳୟରେ ଅଧ୍ୟୟନ, ମୋର ସ୍ନେହ, ଶ୍ରଦ୍ଧା, ଦୟା, ସମବେଦନା, ସହାନୁଭୂତି ରୂପକ ନିର୍ଝରିଣୀକୁ ପ୍ରାୟତଃ ଶୁଷ୍କ କରିଦେଇଛି। ପିଲାଦିନେ ସାଙ୍ଗସାଥୀ ମାନଙ୍କ ସହିତ ନମିଶିବା ପାଇଁ ଡାଡି ମମିଙ୍କର କଡାତାଗିଦା,ମୋତେ ସେମାନଙ୍କ ଦୃଷ୍ଟିରେ ଅସାମାଜିକ ଓ ସ୍ୱାର୍ଥପର କରିଦେଇଛି। ଖେଳକୁଦ, ମନୋରଞ୍ଜନ ତଥା ଭ୍ରମଣ ପରି କାର୍ଯ୍ୟରୁ ବଂଚିତ କରି ମୋତେ କେବଳ ପାଠପଢିବାକୁ ବାଧ୍ୟ କରି ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା। କାହାପୁଅ ବଡ ଡାକ୍ତର,କାହାପୁଅ ବିଦେଶରେ ରହୁଛି,କାହାର କେତେ ବଡ ବଙ୍ଗଳା,କାହାର କେତେ ଦାମୀ ଗାଡି ଇତ୍ୟାଦି କଥା ମୋର କର୍ଣ୍ଣଗହ୍ୱରରେ ସର୍ବଦା ଗୁଞ୍ଜରଣ ସୃଷ୍ଟି କରିଛି। ଗାଁ ସାଥୀ ମାନଙ୍କର ବାପାବୋଉ ଡାକର ଆତ୍ମୀୟତା ଭିତରେ ମୋର ଯାନ୍ତ୍ରୀକ ଡାଡିମମି ଡାକର ତୁଳନା ମୋତେ ଭୀଷଣ ଭାବରେ ମର୍ମାହତ କରିଛି।ବିଦ୍ୟାଧ୍ୟୟନ ସମୟରେ ଅଭିଭାବକ ବୈଠକରେ ,ଅନ୍ୟ ସାଥୀମାନଙ୍କର ପିତାମାତାଙ୍କ ଉପସ୍ଥିତି ସତ୍ତ୍ୱେ ,ମୋର ଡାଡିମମିଙ୍କ ଅନୁପସ୍ଥିତି, ମୋତେ କେତେ ମାନସିକ ଆଘାତ ଦେଇଛି,ତାହା ଥିଲା ଡାଡିମମିଙ୍କ ଅନୁଭବର ଉର୍ଦ୍ଧ୍ୱରେ।ପରୀକ୍ଷାରେ ଯେତେ ଭଲ କରିଥିଲେ ମଧ୍ୟ,ପ୍ରଗତି ପତ୍ର ଦେଖାଇବା ବେଳେ ,ଡାଡିଙ୍କର ଭତ୍ସନା ମୋ ପାଇଁ ଥିଲା ଧାର୍ଯ୍ୟ।ଆଜିବି ମୋର ମନେପଡେ ସେଦିନର ଜେଜେ ବାପା ଓ ଜେଜେମାଙ୍କର ଲୋତକପ୍ଲାବିତ ଚକ୍ଷୁ ଏବଂ ଅସହାୟତା।ମୋତେ କୋଳରେ ଧରିବାର ଆଗ୍ରହ ଉତ୍କଣ୍ଠା ତାଙ୍କ ମରି ଯାଇଥିଲା ମମିଙ୍କର ବାରଣ ନିମନ୍ତେ।ଅତ୍ୟଧିକ ସ୍ନେହ କରି ତାକୁ ଅମଣିଷ କରିଦିଅନ୍ତୁ ନାହିଁ।ଅଙ୍କଲ,ମୁଁ କଣ ଆଜି ମଣିଷ ହୋଇନାହିଁ,ଅମଣିଷ ହୋଇଯାଇଛି।ଡାଡିଙ୍କୁ ପଚାରିବେ ମୁଁ କଣ ତାଙ୍କର ସ୍ୱପ୍ନକୁ ସାକାର କରିନାହିଁ ?ମୋର ଡେଣାକୁ ଶକ୍ତ କରି ସିଏ,ମୋତେଉପରକୁ ଉଡିବାର କୌଶଳ ଶିକ୍ଷା ପ୍ରଦାନ କରିଛନ୍ତି। ମୁଁ କିନ୍ତୁ ଏତେ ବେଶୀ ଉପରକୁ ଉଡିଯାଇଛି ଯେ, ଆଉ ଇଚ୍ଛା କଲେବି ତଳକୁ ଆସିବାର ଉପାୟ ହରାଇ ବସିଛି। ଅନ୍ୟ ମାନଙ୍କ ଆଗରେ ମୋର କୃତୀତ୍ୱ ବଖାଣି ସେ ବେଶ୍ ଆମୋଦିତ ହୁଅନ୍ତି ବୋଲି,ମୁଁ ଅନୁଭବ ମଧ୍ୟ କରିଛି।କିନ୍ତୁ ଦୁଃଖର ସହିତ କହୁଛି ଅଙ୍କଲ,ଉଗ୍ର ଆଧୁନିକତାର ଅକ୍ଟୋପାସ୍ ପଞ୍ଝାରେ ମୁଁ ଆଜି ସମ୍ପୂର୍ଣ୍ଣ କବଳିତ,ଅତ୍ୟଧିକ ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା,ମୋତେ ଅନ୍ଧ ଏବଂ ଶ୍ୱାସରୁଦ୍ଧ କରିଦେଇଛି।ମୋର ପୁଅ ମଧ୍ୟ ଆମ ପାଇଁ କଣ କରିବ, ତାହା ଆମେ ଜାଣି ମାନସିକ ପ୍ରସ୍ତୁତି ହୋଇସାରିଛୁ।ଏଠାକାର ପିତାମାତା ମାନେ, ବୟସ୍କ ପୁତ୍ର ମାନଙ୍କ ଉପରେ ନିର୍ଭରଶୀଳ ନହୋଇ, ଦେୟପୈଠ ଜରାନିବାସରେ ସ୍ୱତନ୍ତ୍ର ଯତ୍ନ ପାଇ ଆନନ୍ଦରେ ସମୟ ଅତିବାହିତ କରୁଛନ୍ତି।ମୁଁ ଡାଡିଙ୍କ ପାଖକୁ ତାଙ୍କର ସ୍ୱାଚ୍ଛନ୍ଦ ଚଳଣି ନିମନ୍ତେ ଆବଶ୍ୟକୀୟ ଅର୍ଥ ପଠାଉଛି ଓ ସହାୟତା ନିମନ୍ତେ ଗୋଟିଏ ଚାକର ଓ ରୋଷେୟା ନିଯୁକ୍ତି କରିଦେଇଛି।ମୁଁ ଆଉ ଅଧିକ କଣ କରିପାରିବି କୁହନ୍ତୁତ ଅଙ୍କଲ୍ ?

ଏଥିପାଇଁ କଣ ମୁଁ ଦାୟୀ,ନାଁ ମୋର ପିତାମାତା ଦାୟୀ,ନା ସାଂପ୍ରତିକ ସାମାଜିକ ଚଳଣି ଦାୟୀ ?ଏଥିପାଇଁ ଦାୟୀ କିଏ ?

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର,କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

# ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କେବେ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଏହା ଭିତରେ ଛଅ ବର୍ଷ ବିତିଲାଣି ୨୦୧୫ ଜୁନ ମାସ ୧୮ ତାରିଖରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ବସି ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସମସ୍ତ ଡିଗ୍ରୀ ପାଠ୍ୟକ୍ରମ ଏହି ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ ବୋଲି ନିଷ୍ପତ୍ତି ହେଲା। ବୈଠକରେ ବିଶ୍ୱବିଦ୍ୟାଳୟର ଏକ ପ୍ରାଥମିକ ରୂପରେଖ ବି ପ୍ରସ୍ତୁତ କରାଯାଇଥିଲା। ଏହାପରେ ବିଭିନ୍ନ ପ୍ରକ୍ରିୟା ଦେଇ ୟୁନିଭରସିଟି ଅଫ୍ ହେଲଥ୍ ସାଇନ୍ସେସ ଆକ୍ଟ, ୨୦୧୬ ଶୀର୍ଷକ ଚିଠା ମେମୋରେଣ୍ଡମ୍ ପ୍ରସ୍ତୁତ କରାଗଲା। ୨୦୧୬ ମେ ୬ ତାରିଖରେ ହୋଇଥିବା କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବରେ ମୋହର ବାଜିଲା। କିନ୍ତୁ ଏଥିରେ ଥିବା କିଛି ସର୍ତ୍ତାବଳୀକୁ ନେଇ ରାଜ୍ୟପାଳ ଆପତ୍ତି ଉଠାଇଲା ପରେ ତାହା ଆଇନ ବିଭାଗକୁ ଗଲା ଓ ଆବଶ୍ୟକ ସଂଶୋଧନ କରାଗଲା। ଏତିକିରେ ଅଟକିଯାଇଛି ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଗଠନ ପ୍ରକ୍ରିୟା। ଚାରି ବର୍ଷ ହେଲା ସଂଶୋଧିତ ପ୍ରସ୍ତାବ କ୍ୟାବିନେଟକୁ ଆସୁନାହିଁ କିମ୍ବା ବିଧାନସଭାରେ ଉପସ୍ଥାପନ ହେଉନାହିଁ। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ମୁଣ୍ଡ ଟେକିବା ଆଗରୁ ସ୍ୱାସ୍ଥ୍ୟ ବିଭାଗ ହିଁ ତାହାକୁ ନାଳିଫିତା ତଳେ ଚାପି ଦେଲା ବୋଲି ଚର୍ଚ୍ଚା ହେଉଛି। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀମାନେ କରୁଥିବା ଘୋଷଣା ସହିତ ବିଭାଗୀୟ କାର୍ଯ୍ୟର କୌଣସି ସମ୍ପର୍କ ନଥିଲା ବୋଲି ଜଣାପଡ଼ିଛି।

ଦୀର୍ଘ ବର୍ଷ ଧରି ରାଜ୍ୟରେ ମାତ୍ର ତିନିଟି ସରକାରୀ ମେଡ଼ିକାଲ କଲେଜ ଓ ସ୍ୱାସ୍ଥ୍ୟ ସଂପର୍କିତ ଅନ୍ୟ ପାଠ୍ୟକ୍ରମ ପାଇଁ ଖୁବ୍ କମ କଲେଜ ଥିବାରୁ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ନଥିଲା। କିନ୍ତୁ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିପୁଳ ସଂଖ୍ୟାରେ ମାନବ ସମ୍ବଳ ଆବଶ୍ୟକ ହୋଇଛି। ଉଭୟ ଘରୋଇ ଓ ସରକାରୀ ସ୍ତରରେ ଅନେକ ହସ୍ପିଟାଲ ପ୍ରତିଷ୍ଠା ହୋଇଛି। ଉଭୟ ଡାକ୍ତରୀ ଶିକ୍ଷା ଓ ଆନୁସଙ୍ଗିକ ସ୍ୱାସ୍ଥ୍ୟ ପାଠ୍ୟକ୍ରମର ଚାହିଦା ବହୁମାତ୍ରାରେ ବଢ଼ିଛି। ସରକାର ଏକାଧିକ ନୂଆ ମେଡ଼ିକାଲ କଲେଜ ପ୍ରତିଷ୍ଠା କରୁଥିଲା ବେଳେ ଘରୋଇ ଉଦ୍ୟମରେ ମଧ୍ୟ ମେଡ଼ିକାଲ କଲେଜ ଓ ଅନ୍ୟ ଆନୁସଙ୍ଗିକ ପାଠ୍ୟକ୍ରମ ପାଇଁ ବହୁ କଲେଜ ପ୍ରତିଷ୍ଠା ହୋଇଛି। ଏବେ ରାଜ୍ୟର ସରକାରୀ ମେଡ଼ିକାଲ କଲେଜଗୁଡ଼ିକରେ ଏମ୍ସ ବ୍ୟତୀତ ମୋଟ ୧୧୫୦ ଡାକ୍ତରୀ ସିଟ୍ ଏବଂ ୪୬୮ ପିଜି ସିଟ ରହିଛି। ବେସରକାରୀ ମେଡ଼ିକାଲ କଲେଜର ସିଟ ମିଶିଲେ ବାର୍ଷିକ ପ୍ରାୟ ୨ ହଜାର ଛାତ୍ର ଏମ୍‌ବିବିଏସ୍ ଏବଂ ବିଡ଼ିଏସ୍ ପାଠ ପଢୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ୱେବସାଇଟରେ ପ୍ରଦତ୍ତ ତଥ୍ୟ ଅନୁସାରେ ରାଜ୍ୟରେ ୩୩ଟି ଫାର୍ମାସି କଲେଜ, ୧୨ଟି ବିଏସ୍‌ସି ନର୍ସିଂ କଲେଜ ଏବଂ ୧୭ଟି ଡିପ୍ଲୋମା ନର୍ସିଂ କଲେଜ ରହିଛି। ଏସବୁ ଅନୁଷ୍ଠାନରେ ବର୍ଷକୁ ପ୍ରାୟ ୨୫୮୫ ଛାତ୍ରଛାତ୍ରୀ ନାଁ ଲେଖାଉଛନ୍ତି। ୬ଟି ଆୟୁର୍ବେଦିକ ଏବଂ ୬ଟି ହୋମିଓପାଥି କଲେଜରେ ବର୍ଷକୁ ୩୪୦ ଜଣ ନାଁ ଲେଖାଇବାର କ୍ଷମତା ରହିଛି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ତଥା ଉଚ୍ଚତର ଗବେଷଣା କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ନିହାତି ଜରୁରୀ ବୋଲି କୁହାଯାଉଛି। ଏବେ ରାଜ୍ୟରେ ସରକାରଙ୍କ ଅଧୀନରେ ୭ଟି ମେଡ଼ିକାଲ କଲେଜ ରହିଛି। ତିନିଟି ମେଡ଼ିକାଲ କଲେଜର ଭିତ୍ତିଭୂମି ନିର୍ମାଣ ସରିଲାଣି। ପୁଣି ତିନିଟି ନୂଆ ଜାଗାରେ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ସରକାର ଘୋଷଣା କରିସାରିଛନ୍ତି। ଏହି କଲେଜଗୁଡ଼ିକ ସାଧାରଣ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ହାତରେ ମେଡ଼ିକାଲ କଲେଜଗୁଡ଼ିକର ଶିକ୍ଷା ବ୍ୟବସ୍ଥା ରହିଛି। ଏହାବାଦ ଘରୋଇ ଉଦ୍ୟମରେ ତିନିଟି ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇଛି, ଯେଉଁଥିରୁ କି ଦୁଇଟି ଡିନ୍ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଥିଲା ବେଳେ ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି।

ଏମ୍‌ସିଆଇ ପରି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଗାଇଡ଼ଲାଇନ ଅନୁଯାୟୀ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ପାଠ୍ୟକ୍ରମ ଗୁଡ଼ିକ ପରିଚାଳିତ ହେଉଛି। ରାଜ୍ୟ ସରକାରଙ୍କ ଡିଏମ୍‌ଇଟି ମଧ୍ୟ ସ୍ୱାସ୍ଥ୍ୟ ଶିକ୍ଷାର ତଦାରଖ କରନ୍ତି। ତେବେ ରାଜ୍ୟରେ ଏକାଧିକ ବିଶ୍ୱବିଦ୍ୟାଳୟ ସହ ଉଭୟ ସରକାରୀ ଓ ଘରୋଇ କଲେଜଗୁଡ଼ିକ ଅନୁବନ୍ଧିତ ହେଉଛନ୍ତି। ଯେଉଁ ଅଞ୍ଚଳରେ କଲେଜ ପ୍ରତିଷ୍ଠା ହେଉଛି, ସେଠାରେ ଥିବା ବିଶ୍ୱବିଦ୍ୟାଳୟ ସହ ତାହା ଅନୁବନ୍ଧିତ ହେଉଛି। ଫଳରେ ସଂପୃକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଠାରେ ପରୀକ୍ଷା ପରିଚାଳନା, ସାର୍ଟିଫିକେଟ ଆଦି ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଶିକ୍ଷାନୁଷ୍ଠାନ ସଂଖ୍ୟା ଏତେ ମାତ୍ରାରେ ବଢିଛି ଯେ ସାଧାରଣ ବିଶ୍ୱବିଦ୍ୟାଳୟ ଗୁଡ଼ିକ ପକ୍ଷେ ଠିକଣା ଢ଼ଙ୍ଗରେ ପରୀକ୍ଷା ପରିଚାଳନା ଓ ଆନୁସଙ୍ଗିକ କାର୍ଯ୍ୟ ସମ୍ଭବ ହେଉନାହିଁ। ବହୁ ସମୟରେ ପରୀକ୍ଷା ଓ ଫଳ ପ୍ରକାଶନରେ ବିଳମ୍ବ ନେଇ ଅଭିଯୋଗ ଉଠୁଛି। କିଛି ବିଶ୍ୱବିଦ୍ୟାଳୟ ଜାଣିଶୁଣି ଅନୁଷ୍ଠାନଗୁଡ଼ିକୁ ହଇରାଣ କରୁଥିବାର ଅଭିଯୋଗ ମଧ୍ୟ ବିଭିନ୍ନ ସମୟରେ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବାରୁ ତାହା ଉପରେ ସ୍ୱାସ୍ଥ୍ୟ ବିଭାଗର କୌଣସି ନିୟନ୍ତ୍ରଣ ରହୁନି। ଫଳରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ବିଭିନ୍ନ ପ୍ରକାର ଛୋଟ ଛୋଟ କାର୍ଯ୍ୟ ପାଇଁ ବିଶ୍ୱବିଦ୍ୟାଳୟରେ ବହୁ ସମସ୍ୟା ଭୋଗୁଛନ୍ତି। ଏତେ ସବୁ ସମସ୍ୟା ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଭାଗ ଆଗ୍ରହ ପ୍ରକାଶ ନକରିବାର କାରଣ ଜଣାପଡୁନାହିଁ।

ଓଡ଼ିଶା ବ୍ୟତୀତ ପ୍ରାୟତଃ ଅନ୍ୟ ସବୁ ରାଜ୍ୟରେ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ସ୍ୱତନ୍ତ୍ର ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇସାରିଛି। ଅଲଗା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବା ଯୋଗୁଁ ସେଠାରେ ଭଲ ଫଳ ମିଳୁଥିବାର ମଧ୍ୟ ଜଣାପଡ଼ିଛି। ୧୯୮୭ ମସିହାରେ ତାମିଲନାଡୁ ମେଡ଼ିକାଲ ୟୁନିଭରସିଟି ଆକ୍ଟ ପ୍ରଣୟନ ହୋଇଥିଲା। ଏହି ଆକ୍ଟ ବଳରେ ସେଠାରେ ଦି ତାମିଲନାଡୁ ଡକ୍ଟର ଏମ୍‌ଜିଆର ଏଜୁକେସନାଲ ଏଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠିତ ହୋଇଛି। ଓଡ଼ିଶା ଠାରୁ ଖୁବ୍ ପଛରେ ଗଠିତ ହୋଇଥିବା ରାଜ୍ୟ ତେଲେଙ୍ଗାନାରେ ମଧ୍ୟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ (କାଳୋଜି ନାରାୟଣ ରାଓ ୟୁନିଭରସିଟି ଅଫ୍ ହେଲଥ ସାଇନସେସ୍, ୱାରାଙ୍ଗଲ) ପ୍ରତିଷ୍ଠା ହୋଇସାରିଛି। ଜୁନ୍ ୨୦୧୪ରେ ତେଲେଙ୍ଗାନା ନୂତନ ରାଜ୍ୟ ଭାବେ ଗଠିତ ହୋଇଥିଲା। ସେହି ବର୍ଷ ସେପ୍ଟେମ୍ବର ମାସରେ ସେଠିକାର ସରକାର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ। ୨୦୦୦ ମସିହାରେ ଜନ୍ମିତ ନୂଆ ରାଜ୍ୟ ଛତିଶଗଡ଼ରେ ମଧ୍ୟ ୨୦୦୮ରୁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ (ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମେମୋରିଆଲ ହେଲଥ, ସାଇନ୍‌ସେସ୍ ଏଣ୍ଡ ଆୟୁଷ ୟୁନିଭରସିଟି, ରାୟପୁର) ପ୍ରତିଷ୍ଠା ହୋଇସାରିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମେଡ଼ିକାଲ ସାଇନ୍‌ସେସ୍, ଦିଲ୍ଲୀ ୟୁନିଭରସିଟି ରହିଛି। ସେହିପରି ଆସାମ, ବିହାର, ହରିୟାଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶ ଆଦି ରାଜ୍ୟରେ ସରକାର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। କିନ୍ତୁ ଓଡ଼ିଶାରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଏବେ ମଧ୍ୟ ସ୍ୱପ୍ନ ହୋଇ ରହିଯାଇଛି।

ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ପ୍ରଶ୍ନ ପଚାରିଥିଲେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ୨୯ ଜୁଲାଇ ୨୦୧୯ରେ ବିଧାନସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଶ୍ରୀ ବାହିନୀପତି ପଚାରିଥିଲେ ଯେ (କ) ରାଜ୍ୟରେ ଏକ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସରକାର ଘୋଷଣା କରିଥିଲେ କି, ସେଭଳି ଘୋଷଣା ଏକ ଧୂଆଁବାଣ ଥିଲା କି, ବାସ୍ତବରେ ରାଜ୍ୟରେ ଅନେକଗୁଡ଼ିଏ ମେଡ଼ିକାଲ କଲେଜ ସହିତ ଫାର୍ମାସି ଏବଂ ନର୍ସିଂ କଲେଜ ପ୍ରତିଷ୍ଠା ହୋଇଥିବାରୁ ଏହାର ଆବଶ୍ୟକତା ଅଛି କି, ଏବଂ (ଖ) ଏଥିପାଇଁ କେବେ ବିଧେୟକ ଆଣିବେ ତାହା ଘୋଷଣା କରିବେ କି ? ନିର୍ଦ୍ଦିଷ୍ଟ ଭାବେ କେବେ ବିଧେୟକ ଆସିବ ତାହା କହିହେବ ନାହିଁ ବୋଲି ଉତ୍ତର ଦେଇଥିଲେ ବିଭାଗୀୟ ମନ୍ତ୍ରୀ। ସ୍ୱାସ୍ଥ୍ୟ ଶିକ୍ଷାର ମାନ ବୃଦ୍ଧି, ପରୀକ୍ଷା ପରିଚାଳନା, ଠିକ୍ ସମୟରେ ଫଳାଫଳ ପ୍ରକାଶ ତଥା ଉଚ୍ଚତର ଗବେଷଣା ଦୃଷ୍ଟିରୁ ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀ, ଶିକ୍ଷାଦାନ କରୁଥିବା ଅଧ୍ୟାପକ ଏବଂ ଜନସାଧାରଣ ମଧ୍ୟ ଏଥିରେ ଉପକୃତ ହେବେ।

*ଶିଖରପୁର ଉପର ସାହି, କଟକ*
*ଦୂରଭାଷ : ୯୪୩୮୫୮୩୨୮୯*

## ନାତିମାନିତା :-

*(ପୂର୍ବପ୍ରକାଶ ଉତ୍ତାରୁ)*

ପଣ୍ଡିତ ଜଣକ ଶାନ୍ତ ହୋଇଗଲେ। ସଭାର କାର୍ଯ୍ୟକ୍ରମ ନିର୍ବିଘ୍ନ ଚାଲୁ ରହିଲା। ବିଚାର କରନ୍ତୁ କେହି ଯଦି ତାଙ୍କୁ ରାଗରେ ଦୁଇ ଚାପୁଡା ମାରିଥାନ୍ତା ତେବେ କାର୍ଯ୍ୟକ୍ରମ ହୋହଲା ହୋଇ କେତେବଡ ବ୍ୟାଘାତ ଘଟି ଥାଆନ୍ତା। ଏଭଳି ଶ୍ରେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ କରିବା ପାଇଁ ପ୍ରଯତ୍ନ କରିବାକୁ ପଡଇ ନଥାଏ। ତାଙ୍କର ଏଭଳି ଅଦଭୂତ ଆଚରଣ ତାଙ୍କୁ ସମ୍ମାନ ଦେଇଥାଏ।

ମାଗିଲେ କେଉଁଠି ମାନ ମିଳେନା। ନିଜର ଯୋଗ୍ୟତା ଅନୁସାରେ ମାନ ସ୍ୱତଃ ମିଳିଥାଏ। ଥରେ ଶ୍ରୀ ଶ୍ରୀ ଆନନ୍ଦମୟୀ ମା'ଙ୍କର ସଂଯମ ସପ୍ତାହରେ ସ୍ୱାମୀ ଅଧ୍ୟାତ୍ମନନ୍ଦ ମହାରାଜ ଭୀମପୁରା (ନର୍ମଦା କୂଳ)କୁ ଯାଇଥାଆନ୍ତି। ସେଠାରେ ମହାମଣ୍ଡେଶ୍ୱର ଶ୍ରୀ ସ୍ୱାମୀ ବ୍ରହ୍ମାନନ୍ଦଜୀ ମହାରାଜଙ୍କର ଆଶ୍ରମରେ ଏକ ବିଶାଳ ମଣ୍ଡପରେ ପ୍ରବଚନ ଚାଲୁଥାଏ। ସ୍ୱାମିଜୀ ଓ ପୂଜ୍ୟପାଦ ଭୂମାନନ୍ଦ ମହାରାଜଙ୍କ ସହ କିଛି ଲୋକ ସେଠାରେ ପହଞ୍ଚିଲେ। ବିଳମ୍ବରେ ପହଞ୍ଚିବା କାରଣ ହେତୁ ସମସ୍ତେ ଶେଷରେ ଯାଇ ବସିଲେ। ସେମାନେ ଚାହୁଁଥିଲେ କି ସଭାରେ କୌଣସି ବ୍ୟାଘାତ ନ ପଡୁ। କିଛି ସମ ପରେ ଶ୍ରୀ ଆନନ୍ଦମୟୀ ମା'ଙ୍କର ଆଗମନ ହୋଇଥିଲା। ପରନ୍ତୁ ପୂଜ୍ୟା ମା ଉପସ୍ଥିତ ହୋଇ ଆସନ ଗ୍ରହଣ ନ କରି ଠିଆ ହୋଇ ରହିଲେ। ସେ ପୂଜ୍ୟ ସ୍ୱାମୀ ଭାସ୍କରନନ୍ଦଜୀ ମହାରାଜଙ୍କୁ ଡାକି କହିଲେ, ପ୍ରଥମେ ପଛରେ





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

ବସିଥିବା ଦୁଇସନ୍ଥଙ୍କୁ ଷ୍ଟେଜ ଉପରକୁ ଆଣି ଆସନ ଦିଅ ତା'ପରେ ମୁଁ ବସିବି। ପୂଜ୍ୟା ମା ଓ ସେଠାରେ ଉପସ୍ଥିତ ମହାମଣ୍ଡେଶ୍ୱରଙ୍କ ଠାରୁ ସେମାନଙ୍କର ଯୋଗ୍ୟତା ଯାହା ହେଉନା କାହିଁକି ସେମାନେ କୌଣସି ସମ୍ମାନ ଆଶା ନ ରଖି ଥିବାରୁ ସେମାନଙ୍କୁ ସମ୍ମାନ ମିଳିଥିଲା। ଆମେ ସମ୍ମାନର ଆଶା ରଖିଲେ ସମ୍ମାନ କେବେ ମିଳି ନଥାଏ। ମାନର ଏହାହିଁ ବିଶେଷ ଗୁଣ ଅଟେ।

ଶ୍ରୀ ଶ୍ରୀ ଆନନ୍ଦମୟୀ ମା ଙ୍କର ମହାସମାଧି ପରେ ତାଙ୍କ ପାଇଁ ସମାଧି ମନ୍ଦିର ତିଆରି ହୋଇଥିଲା। ସମାଧି ମନ୍ଦିର ଉଦ୍‌ଘାଟନ ଉପଲକ୍ଷେ ସ୍ମୃତି ପାଇଁ ଡାକଟିକଟ ମଧ୍ୟ ଛପା ଯାଇଥିଲା। ସେହି ଅବସରରେ ଅନେକାନେକ ଗଣମାନ୍ୟ ବ୍ୟକ୍ତି ଯଥା କେନ୍ଦ୍ର ସରକାରଙ୍କର ତିନିଜଣ ମନ୍ତ୍ରୀ, ରାଜ୍ୟ ସରକାର, ରାଜ୍ୟପାଳ ସମସ୍ତେ ସେଠାରେ ଉପସ୍ଥିତ ଥିଲେ। କେବଳ ସନ୍ଥ ଲୋକମାନେ ଷ୍ଟେଜ ଉପରେ ବସି ଥାଆନ୍ତି। ସଭାପତିତ୍ୱ ଗୁରୁ ଚିଦାନନ୍ଦଜୀ ମହାରାଜଙ୍କୁ କରିବା ପାଇଁ କୁହାଯାଇଥିଲା। ଉଦ୍‌ଘୋଷକ କହିଲେ, କଲ୍ୟାଣକାରୀ, ସନ୍ଥ ଶିରୋମଣୀ, ପରମହଂସ, ବିଦ୍ୟା ବାଚସ୍ପତି, ଶିବାନନ୍ଦ ଆଶ୍ରମ ପୀଠାଧିଶ୍ୱର ୧୦୦୮ ଶ୍ରୀମଦ୍ ସ୍ୱାମୀ ଚିଦାନନ୍ଦଜୀ ମହାରାଜଙ୍କୁ ଅନୁରୋଧ ସେ ତାଙ୍କର ସଭାପତି ଆସନ ଗ୍ରହଣ କରି ନିଜର ଅଧକ୍ଷୀୟ ପ୍ରବୋଧନ ଆରମ୍ଭ କରନ୍ତୁ।

(କ୍ରମଶଃ)

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନିରବ ପାପ

ରଶ୍ମିତା ବେହେରା





ଅବୁଝା ମନର ଅଧାଗଢ଼ା ଦୁର୍ଗଟା ସ୍ମୃତି ନା! ଆଉ ନବ ଯୌବନର ମଙ୍ଗଳ ଦୀପଟା ବି ତ ସ୍ମୃତି, ସ୍ମୃତିକୁ କେହି କେହି ମୃଦୁ ମଳୟର ମଧୁର ସଙ୍ଗୀତର ମୂର୍ଚ୍ଛନା ବି ତ କୁହନ୍ତି। ଯାହାର ତାଳେତାଳେ ଜୀବନର ଉଚ୍ଛୁଳା ତରଙ୍ଗ ଗୁଡିକ ଆଖିଆଗରେ ନାଚି ଯାଆନ୍ତି ଠିକ୍ ସୂତାଲୁଗା କାଠ କଣ୍ଢେଇ ଭଳି। ସ୍ମୃତି ହୃଦୟର ଏଭଳି ଏକ ଅବାନ୍ଧ କୋଠରୀ ଯାହାର ଚାବିଟା ବେଳେବେଳେ ଆଉ କାହା ପାଖରେ ରହିଯାଇ ମନଟାକୁ ଆନମନା କରିଦିଏ। ସେ ଯାହାବି ହେଉ ନା କାହିଁକି, ସ୍ମୃତି ତ ସ୍ମୃତି ନା। ଏଇ ଯେମିତି ତମର ଆଉ ମୋର......

ଯେତେ ଚେଷ୍ଟା କଲେ ବି ହ୍ୱାଟ୍‌ସଆପ୍‌ରେ ତୁମର ଏଇ ମେସେଜଟାରୁ ମୁଁ ଆଖି ଫେରେଇ ପାରିନଥିଲି। ଶବ୍ଦ ଗହ୍ୱରରୁ ସଂଗୃହୀତ ସ୍ମୃତିର ଉପାଖ୍ୟାନଟା ହୃଦୟସ୍ପର୍ଶୀ ତ ଥିଲା, ମାତ୍ର ଭଗ୍ନ କୋଣାର୍କ ପରି ତୁମ ବାକ୍ୟ ମନ୍ଦିରର ସେ ଅଧାଗଢ଼ା ରୂପଟା ସଂଶୟର ଗଭୀର ଜଳରେ ବୁଡାଇ ଦେଲାପରି ବୋଧ ହେଉଥିଲା।

(ଏଇ ଯେମିତି ତମର ଆଉ ମୋର....) ଶୂନ୍ୟସ୍ଥାନଟାକୁ ନେଇ କ'ଣ ଯେ ପ୍ରତିକ୍ରିୟା ରଖିବି ମୁଁ ନିଜେ ବି ଜାଣିପାରୁ ନଥିଲି। ତମ କହିବାର ମାନେ କ'ଣ ବନ୍ଧୁତା? ମାତ୍ର ଏହା ତ ସ୍ମୃତି ନୁହେଁ। ହୋଇଥିଲେ ସ୍ପଷ୍ଟୀକରଣ ଦେବାରେ ଅସୁବିଧା କେଉଁଠି ଥିଲା ଯେ? ଶୂନ୍ୟସ୍ଥାନ ସମ୍ପର୍କୀତ ତୁମର ଉତ୍ତରଟା ବି ବଡ ଅଜବ ଥିଲା। "You know well about the answr, whaterer you are thinking about it that's the answer"

ମୁଁ ବି ପ୍ରଶ୍ନ କରିଥିଲି ତୁମକୁ କ'ଣ ମୋ ମନର ଭାବନାକୁ ତମେ ପଢ଼ିପାରିବ?

ଆଉ ତୁମର ଉତ୍ତର ଥିଲା

"Yes I can, because this ll be the voice of your heart. I can hear perfectly"

ତୁମର ଏ ମେସେଜ୍ ଦେଖିଲା ପରେ ମୋ ମନଟା ଗୁଡାଏ ଅଡୁଆ ସୁତାରେ ଛନ୍ଦି ହୋଇଗଲା। ମୁଁ ବି କିଛି ସମୟ ପାଇଁ ସ୍ତବ୍ଧ ହୋଇଗଲି। ଆଉ ଭୟ ବି ଲାଗୁଥିଲା କାଳେ ରିଓପନ୍ ହୋଇଯିବ ସମୟର ବୁଢ଼ା ବରଗଡ ଡାଳରେ ବସା ବାନ୍ଧିଥିବା ଆମ 'ଲବ୍ ଚାପ୍ଟର'।

ପ୍ରେମ ବଡ ବିଚିତ୍ର ଶବ୍ଦ, ସଚିତ୍ର ଅଭିଧାନ, ଅବୁଝା ମନ, ଅଭୁଲା ଦିନ ଏମିତି ଅନେକ କିଛି। ପ୍ରେମ କାହା ପାଇଁ ପାଉଁଶ ତଳର ନିଆଁ ତ ପୁଣି କାହା ପାଇଁ ନଈ ସେପାରିର ଗାଁ ପରି ସୁଦୂର। ସେ ଯାହାବି ହେଉନା ନାହିଁକି ସମସ୍ତେ ତ ଯାକୁ ସାଇତି ରଖନ୍ତି ଠିକ୍ କେଇଟୋପା ବର୍ଷା ବିନ୍ଦୁକୁ ଶାମୁକା ସାଇତି ରଖି ମୁକ୍ତାରେ ପରିଣତ କଲାଭଳି। ମାତ୍ର ଆମ ପ୍ରେମ! ଠିକ୍ ସ୍ମୃତିର ଦୁର୍ବଳ ଡାଳରେ ଝୁଲୁଥିବା ବାଇଆ ବସା ପରି।

କାଲି ପରି ଲାଗୁଛି। କଲେଜର ୫ ବର୍ଷର ଅଧ୍ୟନର ଅବଧି ଭିତରେ ପ୍ରଥମ ଦୁଇ ବର୍ଷ ଆମେ ଦୁହେଁ ଦୁହିଁଙ୍କ ପାଇଁ ଅଜଣା ଥିଲେ। ନା କେବେ କେହି କାହାକୁ ମୁହଁ ଉଠାଇ ଚାହିଁଛେ, ନା କେବେ କଥା ହେଇଛେ। ମାତ୍ର ସମୟକ୍ରମେ ଗ୍ରାଜୁଏସନର ପ୍ରାରମ୍ଭରେ ଯୋଡି ହୋଇଯାଇଥିଲା ଆମ ସମ୍ପର୍କର ସେତୁ। ଯାହାର ସଂଜ୍ଞା ଥିଲା ଅନ୍ତରଙ୍ଗ ବନ୍ଧୁ।

ମାତ୍ର ସେଦିନର ସେ ଅଭିଶପ୍ତ ମୁହୂର୍ତ୍ତ, ବିଷୋଦ୍‌ଗାର କଲାଭଳି ମୋ ପାଟିର ସେ ଅଫେରା ଶବ୍ଦ ଗୁଡିକ ସବୁକିଛି ଚୁରମାର କରିଦେଲା। କ୍ଷଣିକରେ ସମ୍ପର୍କର ପାହାଡଟା ଧୂଳିସାତ ହୋଇଗଲା। ମୁଁ ବୁଝିପାରିନଥିଲି ତୁମ ମନର ମାନସାଙ୍କକୁ, ପଢ଼ି ପାରିନଥିଲି ତୁମ ହୃଦୟର ପରିଭାଷାକୁ, କାହିଁକି କେଜାଣି ତୁମ ପ୍ରେମ ନିବେଦନ ମାତ୍ରକେ ମୁଁ ଅତ୍ୟଧିକ ଉତ୍‌କ୍ଷିପ୍ତ ହୋଇ ଯାଇଥିଲି। ନିର୍ବାଚନୀ ସଭାରେ ସରକାର ବିରୁଦ୍ଧରେ ବିରୋଧି ଦଳର ନେତା ମଞ୍ଚରେ ଗର୍ଜିଲା ଭଳି ମୁଁ ବି ତୁମକୁ ଅନେକ ଗୁଡିଏ କଟୁ କଥା କହିଛି। ଯଦିଓ ସବୁକଥା ମନେ ନାହିଁ, ତଥାପି ମୋର ଗୋଟାଏ ବାକ୍ୟ ପାଇଁ ମୁଁ ସାରାଜୀବନ ଅନୁତପ୍ତ। "ଯଦି ଜୀବନରେ ଗୋଟାଏ ମୁହୂର୍ତ୍ତ ପାଇଁ ମତେ ଭଲ ପାଇଥିବ, ସେଇ ଭଲପାଇବାର ରାଣ କେବେ ମୋ ସାମ୍ନାକୁ ଆସିବନି" ଏଇ ଥିଲା ମୋର ଶେଷକଥା। ଆଉ ତମେବି ବାଧ ଶିଶୁଟିଏ ପରି ସବୁ କଥା ମାନି ନେଇଥିଲ। ଲୁହଭରା ଆଖି ଆଉ କୋହଭରା ଆଖିରେ ତମେ ସିନା ମୁହଁପୋତି ଚାଲିଗଲ। ମାତ୍ର ମୁଁ ସାରାଜୀବନ ତୁମ ପାଖରେ ମୁଣ୍ଡଟେକି ଚାଲିବାର ଅଧିକାର ହରେଇ ବସିଲି। କେବଳ ତୁମ ପ୍ରତି କରିଥିବା ଅବିଚାର ପାଇଁ। ଏମିତିକି ଗୋଟାଏ ରାସ୍ତାରେ ଗଲେ କାଳେ କେତେବେଳେ ଦେଖା ହେଇଯିବ ସେଥିପାଇଁ ମୁଁ ବାଛିନେଲି ସାମ୍ବାଦିକତାର ରାସ୍ତା, ଆଉ ତମେ ସାଜିଲ ଭିନ୍ନ ଏକ ପଥର ପଥିକ। ଆମ ରାସ୍ତା ବି ଅଲଗା ହୋଇଗଲା ଠିକ୍ ଗୋଟାଏ ସରଳରେଖାର ଦୁଇଟି ପ୍ରାନ୍ତ ପରି।

ଗୋଟାଏ କଥା ଜାଣ ତମେ, ତୁମ ଆଗରେ କେବେ ପ୍ରକାଶ ନ କଲେ ମଧ୍ୟ ଏ କଥା ସମ୍ପୂର୍ଣ୍ଣ ସତ୍ୟ ଯେ ତମ ଉଦାରତା ମାପିବାର ମାପକାଠି ମୁଁ ସେହିଦନଠାରୁ ହଜେଇ ସାରିଛି। ସତେ ଯେପରି ତୁମ ମାନବିକତାର ମାନଦଣ୍ଡ ନିର୍ଦ୍ଧାରଣ କରିବାର ସାମର୍ଥ୍ୟ ଭଗବାନ ମତେ ଦେଇନାହାନ୍ତି। ସେଦିନର ସେ ଘଟଣାର ଅନେକଦିନ ପରେ ତୁମେ ଏକ ଦୁର୍ଘଟଣାର ଶିକାର ହେବା କଥା ଶୁଣିଲା ପରେ ବି ସୌଜନ୍ୟତା ଦୃଷ୍ଟିରୁ ମୁଁ ତମକୁ କଲ ବି କରିନଥିଲି। କାଳେ ମୋ ଜିଦ୍‌ଖୋର ପ୍ରକୃତିଟା ତମ ଆଗରେ ହାର ମାନିଯିବ। କିନ୍ତୁ ତମେ... ଏତେସବୁ ପରେ ବି ତମେ କେବେବି ମୋ ପ୍ରତି ନିଷ୍ଠୁର ହେଇନ। ଏବେବି ତମେ ମୋର ସ୍ୱାସ୍ଥ୍ୟବସ୍ଥା ବୁଝ। ଆଉ ଜାଣ ତମେ ଯେତେବେଳେ ମତେ ପ୍ରଶ୍ନକର ଇନ୍‌ସୁଲିନ୍ ନେଇଛ ତ?

ସେତେବେଳେ ମତେ ଏମିତି ଲାଗେ ଯେମିତି ତୁମର ଏହି ପ୍ରେମର ମହୁଟା ହିଁ ମୋ ଡାଇବେଟିସ୍‌ର ମୂଳ କାରଣ। ବୋଧହୁଏ ସେଥିପାଇଁ ଯେତେ ମେଡିସିନ୍ ଖାଇଲେ ବି ଏ ରୋଗ କମିବାର ନା ହିଁ ନେଉନି।

ତମ ଉଦାରତା, ମାନବିକତା ଓ ମହନୀୟତାର ଶୀତଳ ଯୁଦ୍ଧରେ ମୁଁ ବାରମ୍ବାର ହାରିସାରିଛି। ଏବେ ଯୁକ୍ତିତର୍କର ଶବ୍ଦଚାତୁରୀରେ ନୁହେଁ, ବରଂ ଅନୁଶୋଚନା ଓ ଅନୁତାପର ପରିଭାଷାରେ ମୁଁ ମୋର ଭୁଲକୁ ସ୍ୱୀକାର କରିବା ସହ କ୍ଷମାଭିକ୍ଷା ବି କରୁଛି। ତମ ଜୀବନକୁ ଫେରିବାର ଇଚ୍ଛା ଏବେବି ମୋର ନାହିଁ। ମାତ୍ର ଆତ୍ମଗର୍ବ ପାଇଁ ନୁହେଁ ବରଂ ଭୟରେ। କାଳେ ମୋ ଆତ୍ମସମ୍ମାନ ମତେ ଧିକ୍କାର କରିବ, ମୋ ସ୍ୱାଭିମାନ ଅମାବାସ୍ୟାର ଜହ୍ନପରି କାଳିଆ ଅନ୍ଧାରରେ ନିଶ୍ଚିହ୍ନ ହୋଇ ତାର ଅସ୍ତିତ୍ୱ ହରେଇ ବସିବ, ସମାଜର ନ୍ୟାୟାଳୟରେ ମତେ ସୁବିଧାବାଦୀର ପରିଚୟ ମିଳିବ, ଉଚ୍ଚାରଣ ଓ ଆଚରଣରେ ସାମାନ୍ୟ ବିଚ୍ୟୁତି ନ ଥିବା ଶବ୍ଦଟା କାଳେ ସବୁଦିନ ପାଇଁ ମୋ ଜୀବନ ଅଭିଧାନରୁ ନିଶ୍ଚିହ୍ନ ହୋଇଯିବ ଏଇ ଭୟରେ ମୁଁ କେବେବି ତମର ହେଇପାରିବିନି। କିନ୍ତୁ ପାରିବ ଯଦି ମତେ କ୍ଷମା କରିଦେବ। କାରଣ ମୁଁ ହିଁ କରିଛି ତୁମଭଳି ଦେବତୁଲ୍ୟ ମଣିଷଙ୍କୁ କଷ୍ଟ ଦେବାର ଭୁଲ୍, ନୀରବ ରାତିର ନିର୍ଜନ ପ୍ରହରରେ ତୁମ ଆଖିରେ ଲୁହର ବନ୍ୟା ଆଣିବାର ଅପରାଧ, ତୁମ ହୃଦୟ ବଗିଚାରେ ଛନଛନ ହୋଇ ବଢ଼ିଥିବା କଅଁଳ ଗୋଲାପ ଫୁଲକୁ ପାଦରେ ଦଳିଦେବାର ଦୋଷ, ନିଶିଗନ୍ଧା ପରି ତୁମର ସ୍ୱପ୍ନର ଆୟୁକୁ ସାରିଦେବାର ଓ ତୁମର ସେ କଥାକୁହା ଆଖିକୁ ଉପହାର ରୂପେ ଅଶ୍ରୁ ଭେଟିଦେବାର 'ନିରବପାପ'

*ସାମ୍ବାଦିକା*
*ନିହଲପ୍ରସାଦ, ଢେଙ୍କାନାଳ*
*ଦୂରଭାଷ : ୭୩୨୫୯୬୦୨୭୮*

# ପ୍ରଭୁ କ୍ଷମାକର

ଶାନ୍ତନୁ କୁମାର ସର





ଆକାଶର ସାନ୍ଦ୍ର ଅନ୍ଧାରରେ
ଦିଶିଲାଣି ଉଜ୍ଜ୍ୱଳ ନକ୍ଷତ୍ର,
ପୂର୍ବରୁ ପଶ୍ଚିମକୁ ଯିବେ
କେତେ କେତେ ସଂଭ୍ରାନ୍ତ ପଣ୍ଡିତ
ଛାଡି ପତ୍ନୀ, ଉପପତ୍ନୀ, ଭୋଗ
ଆଉ କାମନାର ସୁଖଶେଯ
ଅଳିକ ପ୍ରତୀକ
ଦେଖିବାକୁ ଦିବ୍ୟ ଶିଶୁ
ଅଫୁରନ୍ତ କରୁଣାର ମୂର୍ତ୍ତରୂପ
ଦୟା ଅବତାର।
ହେ ପ୍ରଭୁ!
କହିଲ କେତେ କଥା, କେତେ ଉପକଥା
ଯୋଡି ଦେଲ ସ୍ୱର୍ଗ, ମର୍ତ୍ତ୍ୟ,
ଆକାଶର ସବୁଜିମା
ଆଉ ସଂରଚିଲ ଅନ୍ଧାରୀ ହୃଦୟରେ
ଶୁଭ୍ର ରୂପାନ୍ତର।
କିନ୍ତୁ ପ୍ରଭୁ ତୁମ ବିରୁଦ୍ଧରେ
ଆମେ ତ ରଚିଲୁ ଷଡଯନ୍ତ୍ର,
କୁଟିଳ ଚକ୍ରାନ୍ତ,
ଯୋଡି ଦେଲୁ ଫର୍ଦ୍ଦ ଫର୍ଦ୍ଦ ଘୃଣ୍ୟ
ଅଭିଯୋଗ,
ଜହ୍ଲାଦ ସାଜିଲୁ ପ୍ରଭୁ, କୁଶବିଦ୍ଧ କଲୁ
ତମ ଛାତିରୁ ବହିଗଲା
ଉଷ୍ମ ରକ୍ତ ପ୍ରେମ ଓ କରୁଣାର
ଅବାରିତ ଧାରା।
ତୁମେ କିନ୍ତୁ ଥିଲ ପ୍ରଭୁ ଶାନ୍ତ ସମାହିତ
ଆଖିରୁ ଝରୁଥିଲା ତ୍ୟାଗ ଆଉ ତିତିକ୍ଷାର
କୋମଳ ଗାନ୍ଧାର।
ଆଉ କହୁଥିଲ
ଏମାନଙ୍କୁ କ୍ଷମାକର, କ୍ଷମାକର ପ୍ରଭୁ।
ସେ କ୍ଷତ ଏବେ ବି ସତେଜ ଦିଶେ
ସଜଫୁଟା ରକ୍ତିମ ଗୋଲାପ ପରି,
ଜଗତ କଲ୍ୟାଣ ପାଇଁ
ଦେବତାର ଦିବ୍ୟ ଇସ୍ତାହାର।

*ଅବସରପ୍ରାପ୍ତ ଅଧ୍ୟକ୍ଷ*
*ଅନୁଗୁଳ କଲେଜ,*
*ଅନୁଗୁଳ*

# ମମତାର କୋହ

ରାହାସ କୁମାର ବେହେରା





ସେଇ ଭୋକ ଭାଇଁ ଦୁଇଗୋଟି ପେଟ
ଗୋଟେ ପୁରା ଓପାସ
ଆରଟିର ଅଧାଖିଆ ଅଝଟିଆ ନାଟ,
ବଡ ଅବୁଝିଆ ଅମାନିଆ ନଟଖଟିଆ
ଖେଶଜେ ଗଣ୍ଡେ ଦାନା ଚଟାପଟ,
ତେଣୁ ନିଠେଇ କାନ୍ଦନ୍ତି ବିକଳ ମନ
ଝରେ ଦୁଇ ଧାର ଲୁହ ବାରମ୍ବାର।

ଦୂରେ ଚିକିମିକିଆ ବେଦରଦୀ ଜହ୍ନ
ମାଆର ପଣତ କାନି ଲମ୍ବିଛି
ମାଟିରୁ ଚିରାଫଟା ଆକାଶ ତଳେ
ଝୁଲି ପାରୁନି ଅଗଣାରେ ଝୁଲଣା ତା'ର
ବଳପାଉନି କେମିତି ଡାକିବ ତେଣୁ ଧନ ବୋଲି
ନିଜ ଶବକୁ ନିଜେ ତଳେ ଓହ୍ଲାଇ ପାରୁନି ଯେଣୁ
ସେ ନିରୀହା କଙ୍କାଳ ସାର ଦୁଃଖିନୀ ମଣିଷ।

ଜଗତ ଗାଏ ବାସି ଫୁଲର କାହାଣୀ
ଦୁଇଟି ମଉଳା ମନର ଉଦାସପଣର ବ୍ୟଥା
ଶୁଣେ ଖାଲି ଶୁଖିଲା କଣ୍ଠରୁ କରୁଣ
ଦୁଃଖଭରା ମମତାର ଲୋରୀ,
ବୁଝାଇବାକୁ କଅଁଳ ଶିଶୁର ଶୁଖିଲା ଜୀବନ
ରୋକିବାକୁ ଭୋକିଲା ପେଟର ଅସହ୍ୟ ଦହନ।

ସମୟର ଅନ୍ଧାରିଆ ଗଳିରେ
ପେଟର ବିକଳ ତେଣେ ନିଜକୁ ବଞ୍ଚାଇବାର ଟାଣ
ଏଇତ ଜୀବନ ଦୋଛକିରେ ଯେଣୁ
ତଥାପି ବଞ୍ଚିବାକୁ ହେବ ତା'ସୃଷ୍ଟି ପାଇଁ
ଅସହ୍ୟ ହେଉପଛେ ବୁଭୁକ୍ଷା ମରଣ
ପିଣ୍ଡେ ଥିବାଯାଏ ଏତେଟିକେ ସ୍ରଷ୍ଟା ପରାଣ।

*ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ*
*ଦୂରଭାଷ : ୯୪୩୮୧୧୪୩୬୮*

# ସୃଷ୍ଟି ଓ ସ୍ରଷ୍ଟା

## ପାରନାନୀ ଓ ଅନ୍ୟାନ୍ୟ ଗଳ୍ପ




***ଗାଳ୍ପିକା : ଡା. ମଞ୍ଜୁବାଳା ପଣ୍ଡା***
***ପ୍ରକାଶକ : ବୀଣାପାଣି ପ୍ରକାଶନ, ବଲାଙ୍ଗୀର***
***ମୂଲ୍ୟ : ୨୫୦ ଟଙ୍କା , ପୃଷ୍ଠା : ୨୧୨***

ସାହିତ୍ୟର ଘଞ୍ଚ ସବୁଜ ଅରଣ୍ୟରେ ସାମାନ୍ୟ ଦୁବଘାସଟିଏ ବୋଲି ନିଜକୁ ମନେ କରୁଥିବା ଗାଳ୍ପିକା ଡା. ମଞ୍ଜୁବାଳା ପଣ୍ଡାଙ୍କ ଏହା ପଞ୍ଚମ ପୁସ୍ତକ। ଗୀତି କବିତାରୁ ଲେଖାଲେଖି ଆରମ୍ଭ କରିଥିବା ଡା. ପଣ୍ଡା ଓଡ଼ିଆ ସାହିତ୍ୟ ପାଇଁ ଜଣେ ସମର୍ପିତ ପ୍ରାଣ ଭାବେ ନିଜକୁ ପ୍ରତିପାଦିତ କରିସାରିଛନ୍ତି। କବିତା ସଙ୍କଳନ 'ଅନ୍ତଃସ୍ୱର', ଗୀତି କବିତା ସଂକଳନ 'ଗୀତି ଗଜରା', ଗଳ୍ପ ସଂକଳନ 'ସାଉଁଟା କଥା' ପରେ ପାରନାନୀ ଓ ଅନ୍ୟାନ୍ୟ ଗଳ୍ପ ବହିରେ ମୋଟ ୧୫ଟି ଗଳ୍ପ ସ୍ଥାନିତ ହୋଇଛି। ଆରମ୍ଭରୁ ନିଜ କଥାରେ ମରି ମରି ଜିଇବାର ନିଆରା ଅନୁଭୂତିରେ ନିଜ ଲେଖକୀୟ ଜୀବନର ଅନୁଭବ ନିଚ୍ଛକ ଭାବେ ବର୍ଣ୍ଣନା କରାଯାଇଛି। ପ୍ରଥମ ଗଳ୍ପ ପାରନାନୀରେ... *ମୃତ୍ୟୁ ଅନିବାର୍ଯ୍ୟ। ଏହା ହିଁ ଜୀବନର ଏକାନ୍ତ ଏବଂ ଅନ୍ତିମ ସତ୍ୟ। କିଏ ବା ନ ଜାଣେ ଏ କଥା! ହେଲେ ଜୀବନ ଓ ମୃତ୍ୟୁର ଦୋ' ଛକିରେ ଜିଇବା ଯେ କେତେ ଯନ୍ତ୍ରଣା ଦାୟକ - ସେ କଥା କେବଳ ଭୁକ୍ତଭୋଗୀ ହିଁ ଅନୁଭବିପାରେ।* ବାସ୍ତବିକ ମଣିଷ ଜୀବନରେ ପାରନାନୀ ଭଳି ମଣିଷମାନେ ସମାଜରେ ଅମୃତର ସ୍ୱାଦ ଦେଇଜାଣନ୍ତି। ସେହିଭଳି ମହାପ୍ରୟାଣ, ଅଭିମାନ, ପୌରୁଷ, ସ୍ୱୟଂସିଦ୍ଧା, କଳ୍ପବଟ, ସାହେବ ବଙ୍ଗଳା, ଭାତ ଋଣ ଭଳି ଅନେକ ଜୀବନ ଧର୍ମୀ ଲେଖାକୁ ନିଜ ପରିପାଟୀରେ ଅତି ସୁନ୍ଦର ଭାବେ ସଜେଇ ପାରିଛନ୍ତି ଗାଳ୍ପିକା। ପ୍ରତ୍ୟେକ ଗଳ୍ପରେ ମଣିଷ ପାଇଁ ନୂତନ ବାର୍ତ୍ତା, ଅନୁଭବ ଓ ଅନୁଭୂତି ଏବଂ ଜୀବନ ପ୍ରତି ମୋହାବିଷ୍ଟ ହେବା ଅନ୍ତରଙ୍ଗ ପଣିଆ ବେଶ ମାର୍ମିକ। ଏହାରି ଭିତରେ ଗାଳ୍ପିକାଙ୍କ ଭାଷାରେ... *ପ୍ରେମ ସତରେ ଏକ ନିଚ୍ଛକ୍ ପ୍ରାଣବନ୍ତ ଅନୁଭବ ବ୍ୟତିରେକ ଅନ୍ୟ କିଛି ନୁହେଁ।* ଗଳ୍ପରେ ଏହାଠୁ ଅଧିକ କିଛି କ'ଣ ବା କହିହେବ! ଡା. ପଣ୍ଡାଙ୍କର ଏ ଗଳ୍ପ ପୁସ୍ତକ ଏକ ସଫଳ ସୃଷ୍ଟି ଏବଂ ଏହା ପାଠକ ମହଲରେ ବେଶ୍ ଆଦୃତ ହୋଇପାରିବ ବୋଲି ଆଶା କରାଯାଏ।

## ମଧୁଶାଳା




***କବି : ଡ଼. ହରିବଂଶ ରାୟ 'ବଚ୍ଚନ'***
***ଅନୁବାଦକ : ଡ଼. ଶ୍ରୀନିବାସ ଉଦ୍‌ଗାତା***
***ପ୍ରକାଶକ : ବୀଣାପାଣି ପ୍ରକାଶନ, ବଲାଙ୍ଗୀର***
***ମୂଲ୍ୟ : ୨୦୦ ଟଙ୍କା , ପୃଷ୍ଠା : ୧୪୦***

ପ୍ରଖ୍ୟାତ କବି ଡ଼. ହରିବଂଶ ରାୟ 'ବଚ୍ଚନ'ଙ୍କର ମଧୁଶାଳା କବିତା ପୁସ୍ତକ ଏକ ସଫଳ ସୃଷ୍ଟି ଭାବେ ସ୍ୱୀକାର କରାଯାଏ। ମୂଳ ହୀନ୍ଦି ଭାଷାରେ ଲିଖିତ ମଧୁଶାଳାର ପ୍ରତ୍ୟେକ ଶବ୍ଦ ଓ ଧାଡ଼ିରେ ପ୍ରେମ, ପ୍ରଣୟ ଓ ପିଆଲାର ଅପୂର୍ବ ସମନ୍ୱୟ ଘଟିଛି। ହୀନ୍ଦି କାବ୍ୟପ୍ରେମୀଙ୍କର ସର୍ବାଧିକ ପ୍ରିୟ କବି ହେଉଛନ୍ତି ଡ଼. ହରିବଂଶ। ପାଖାପାଖି ୬ ଦଶକରୁ ଅଧିକ ସମୟ ତାଙ୍କର ମଧୁଶାଳା ସର୍ବୋଚ୍ଚ ଶିଖର ଛୁଇଁଛି। ପ୍ରଥମେ ୧୯୩୫ ମସିହାରେ ପ୍ରକାଶ ପାଇ ଏତେ ଲୋକପ୍ରିୟତା ହାସଲ କରିଥିଲା ଯେ, ଯାହାର ପୁନଃ ସଂସ୍କରଣ ବିଭିନ୍ନ ଭାଷାରେ ହୋଇଚାଲିଛି। ଓମର ଖୈୟାମଙ୍କ ଭାବନା-ପ୍ରସୂନଙ୍କୁ ନିଜ ଭାଷାରେ ଲେଖିଲା ବେଳେ କବି ଭୂତକାଳର ଦାରୁଣ ଦୁଃଖ ଦୂର ପାଇଁ ମଦିରାର ଆବେଗ ଅନିର୍ବାଯ୍ୟ ବୋଲି ଏଥିରେ କହିଛନ୍ତି। ଶ୍ରମ ସଙ୍କଟ ସନ୍ତାପ ଓ ଦୁଃଖ ଦୂର କରୁଥିବା ମଧୁଶାଳାର ପ୍ରିୟ ମଣିଷମାନେ ଈଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲା ବେଳେ ବିନମ୍ର ଭକ୍ତ ଭାବର ଉଚ୍ଚାରଣ କରିଥାନ୍ତି।

ମୃଦୁ୍ୟ ଭାବନାର ଅଙ୍ଗୁର ରସେ ଆଜି ମୁଁ ଆଣିଛି ମଦିରା କରି
ପ୍ରିୟତମ ଆଜି ନିଜ ହାତେ ମୁହିଁ ପିଏଇ ଦେବି ଗୋ ପିଆଲା ଭରି

ବିଶିଷ୍ଟ ଲେଖକ, ଅନୁବାଦକ ପଦ୍ମଶ୍ରୀ ଡ଼. ଶ୍ରୀନିବାସ ଉଦ୍‌ଗାତା 'ମଧୁଶାଳା'ର ଓଡ଼ିଆ ଅନୁବାଦ କରି ସାହିତ୍ୟର ଗନ୍ତାଘରକୁ ପୂର୍ଣ୍ଣ କରିଛନ୍ତି।

# କବିତାର କଥା

(ଭାଗ-୧)



ଉମାକାନ୍ତ ରାଉତ

# ଚୁନି ଚୁନି ଶବ୍ଦଙ୍କ ଶାମୁକା



ଖଲିଲ୍ ଜିବ୍ରାନଙ୍କ ଏକ ବାକ୍ୟରୁ ଆରମ୍ଭ କରିବା କବିତାର କଥା। ସେ କହିଥିଲେ - Poetry is not opinion expressed. It is a song that rises beleeding wound or smilling mouth.

ଅର୍ଥାତ୍, କବିତା କୌଣସି ନିର୍ଦ୍ଦିଷ୍ଟ ମତ ବା ବାଦରେ ଆବଦ୍ଧ ନୁହେଁ। ରକ୍ତାକ୍ତ କ୍ଷତ ଓ ସ୍ମିତହାସ୍ୟଯୁକତ ମଖମଣ୍ଡଳଟିଏକୁ ଜାଗରିତ କରିପାରୁଥିବା ସଙ୍ଗୀତ ହିଁ କବିତା। କବିତାର ପରମ୍ପରା ହଜାର ହଜାର ବର୍ଷର। ଭାଷା ଓ ସାହିତ୍ୟରେ କାବ୍ୟ କବିତାର ସ୍ଥାନ ସର୍ବଦା ଉଚ୍ଚରେ। ଶ୍ରୋତା ଏବଂ ପାଠକଙ୍କୁ ସର୍ବୋତ୍କୃଷ୍ଟ ରସ ଆସ୍ୱାଦନ କରାଇବାର ସାମର୍ଥ୍ୟ ଥାଏ କବିତାର। ସେଥିପାଇଁ ସବୁବେଳେ କବିତାକୁ ମିଳିଥାଏ ରାଜକୀୟ ସମ୍ମାନ। ଗଦାଗଦା ଗଦ୍ୟର ସାରାଂଶ ଭାବକୁ ସୀମିତ ଶବ୍ଦ ମଧ୍ୟରେ ଅନୁଭବ କରେଇଦେବାର ସକ୍ଷମତା କେବଳ ଥାଏ କବିତାର। ବୋଧହୁଏ, ସେଥିପାଇଁ ବିଶ୍ୱର ସମସ୍ତ ଆଦ୍ୟ ଓ ଅମୂଲ୍ୟ ଗ୍ରନ୍ଥର ମୁଖ୍ୟ ସ୍ୱରୂପ ହେଲା କବିତା। ସିଏ ବେଦ ହେଉ, ଗୀତା ହେଉ, ମହାଭାରତ ହେଉ, ରାମାୟଣ ହେଉ, ଗ୍ରନ୍ଥସାହେବ ହେଉ, କୋରାନ୍ ହେଉ, ବାଇବେଲ୍ ହେଉ, ତ୍ରିପିଟକ ହେଉ କି ଜେନ୍ଦାଭେସ୍ତା। ମୁଦ୍ରିତ ଆକାରରେ ହେଉ କି ଦୃଶ୍ୟଶ୍ରାବ୍ୟ; ଯେତେ ସହଜସାଧ୍ୟ ଓ ସାବଲୀଳ ଢଙ୍ଗରେ ସହସ୍ର ପାଠକଙ୍କ ପାଖରେ ପହଞ୍ଚାଇଲେ ବି ହୃଦୟକୁ ଛୁଇଁ ଯାଉଥିବା କବିତା ଗୁଡିକ ହିଁ ସେମାନଙ୍କ ମାନସ ଚକ୍ଷୁରେ ଚିରକାଳ ଆବଦ୍ଧ ହୋଇ ରହିଯାଆନ୍ତି ଅସୀମ ଅନୁଭବ ଓ ଅପାର ସୌନ୍ଦର୍ଯ୍ୟର ପସରା ହୋଇ। ଗପ ଓ ଗଦ୍ୟରେ ତୀଖ ପାହାଡ ଚଢ଼ିବାର ଘନଘଟା ଥାଏ। ହେଲେ ଟାଙ୍ଗର ପାହାଡର ଛାତି ଫଟେଇ କୁଳୁକୁଳୁ ନାଦରେ ବହିବହି ପାହାଡର ପରିସୀମାକୁ ସବୁଜିମାରେ ଭରି ପାହାଡକୁ ଶାନ୍ତିର ହାଇ ମାରିବାର ଶକ୍ତ ସଂଜୀବନୀ ମନ୍ତ୍ର ଥାଏ କେବଳ କବିତାର...

ଚିରନ୍ତନ ପ୍ରବାହମାନତାର ସଂସ୍କାରହିଁ କବିତାର ସହଜାତ। ଏହାହିଁ କବିତାର ଚମତ୍କାର। ସେଥିପାଇଁ ତ କବିଟିଏ କବିତାର ନୂଆ ବହି ଦୁଃଖର ଅତଳ ସାଗରରୁ ଉତ୍ତୁରି ଆସିପାରେ। ଯେତେଥର ଢେଉ ଭସେଇ ନେଲେ ବି ପାଲଟା ଢେଉରେ ଫେରିଆସେ କୂଳକୁ। ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ପଡିରହିଥିବା ଚୁନି ଚୁନି ଶବ୍ଦଶାମୁକାମାନଙ୍କ ସହ ସେ ଚୁପି ଚୁପି କଥା ହୁଏ...। ହୃଦୟସ୍ପର୍ଶୀ ସେସବୁ କଥାକୁ ଝାଉଁବଣର ସାଇଁ ପବନ, ସାଲିସ୍ ବିହୀନ ସମୁଦ୍ର ଢେଉ ଆଉ ଅଜଣା ସାମୁଦ୍ରିକ ପକ୍ଷୀମାନେ ବୋହିନେଇଯାଆନ୍ତି କାହିଁ କେତେ ଦୂରକୁ...

ଆସନ୍ତୁ ଏବେ ଆମେ କବିତାର ସେଇ ଚୁନିଚୁନି ଶବ୍ଦଶାମୁକାମାନଙ୍କ ପାଖକୁ ଯାଇ ତାଙ୍କ ସହ ଛାତିଛୁଆଁ କଥାରେ ମାତିବା, ସେମାନଙ୍କ ପ୍ରେମରେ ଭିଜିବା ଏବଂ ସେମାନଙ୍କଠାରୁ ସେମାନଙ୍କ ମୁକ୍ତା ସେମାନଙ୍କ ମୁକ୍ତା ଧାରଣର ରହସ୍ୟ ବୁଝିବା ଏବଂ ସେସବୁକୁ ଅନ୍ୟମାନଙ୍କୁ ଜଣେଇବାର ପ୍ରୟାସ କରିବା; କୌଣସି ପୁସ୍ତକଗତ ବିଦ୍ୟାରୁ ନୁହେଁ, ପଣ୍ଡିତପଣିଆରୁ ନୁହେଁ, ସମାଲୋଚନା ଦୃଷ୍ଟିରୁ ନୁହେଁ, ବରଂ ଆପଣା ଛଶତିର ଉଚ୍ଛ୍ୱାସରୁ, ଅନୁଭବଜନିତ ବିଶ୍ୱାସରୁ, ବିଶ୍ୱାସଜନିତ ଅନୁଭବରୁ, ହୃଦୟର ବିଗଳନରୁ ନିଜମେତ କରିବାକୁ ବୁଝିଥିବା ଦାୟରେ.... ଜୟ ଜଗନ୍ନାଥ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*







# ନିମସାହି ପଞ୍ଚାୟତବାସୀଙ୍କ ବେବନ୍ଦୋବସ୍ତ କେସ୍‌କୁ ପୁନଃ ତଦନ୍ତ ପାଇଁ ଦାବିପତ୍ର



**ନରସଂହପୁର :** ନରସିଂହପୁର ତହସିଲ ଅଧିନସ୍ଥ ନିମସାହି ପଞ୍ଚାୟତର ଡମକଟା, ଗୁରୁଜାଙ୍ଗ, ଜେମାଦେଇପୁର, ମୁଳିଆପଡା, ଉଲାସକୋଟ, ଆଇଁସିଆ ଗ୍ରାମବାସୀମାନେ ବେବନ୍ଦୋବସ୍ତ ମାମଲାକୁ ନେଇ ଖାତା ୧୨୦ ରେ ଥିବା ଜମିକୁ ସରକାରୀ ଖାତା ୧୨୬କୁ ନେବାରେ ଶୁକ୍ରବାର ଏକ ଜନ ଆନ୍ଦୋଳନ ଦେଖାଦେଇଛି। ଉକ୍ତ ମାମଲାକୁ ସ୍ଥଗିତ ରଖାଯାଇ ପୁନଶ୍ଚ ବେବନ୍ଦୋବସ୍ତ ମାମଲାକୁ ଆରମ୍ଭ କରାଯାଇ ଗ୍ରାମ ବାସୀଙ୍କ ନାମରେ ଥିବା ଉକ୍ତ ଜମିକୁ ପୁନଃ ସ୍ଥାନାନ୍ତରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସୁଚନାରୁ ପ୍ରକାଶ ଯେ ଜମିଦାରୀ ଉଚ୍ଛେଦ ପୂର୍ବରୁ ନରିସିଂହପୁର ରାଜା ଅନନ୍ତ ନାରାୟଣ ସିଂଦେଓ ଙ୍କ ଦେହାନ୍ତ ପରେ ଉତ୍ତରାଧିକାରୀ ରାଜା ତ୍ରିଲୋଚନ ମାନସିଂ ହରିଚନ୍ଦନଙ୍କର ସେବା ଉକ୍ତ ପଞ୍ଚୟତରୁ ଆସି କରିଥିଲେ। ସେହି ବାବଦକୁ ନେଇ ରାଜାଙ୍କ ପ୍ରଦତ୍ତ ଜମି ଗୁଡିକୁ ଗ୍ରାମବାସୀ ଭୋଗ କରୁଥିଲେ। ବେବନ୍ଦୋବସ୍ତ ସମୟରେ ଡମକଟା ଗ୍ରାମର ହାଲ ଖାତା ନଂ ୧୨୦ ରହିଥିଲା। ଉକ୍ତ ପଟା ରାଜାଙ୍କର ଉତ୍ତରାଧିକାରୀ ଙ୍କ ନାମରେ ପଟା ରହିଅଛି। ଏହାକୁ ନେଇ ତତକ୍ାଳ ତହସିଲଦାର ମହୋଦୟ ପଟାଧାରୀ ଙ୍କ ନାମରେ ବେବନ୍ଦୋବସ୍ତ କେସ୍ ନଂ ୧/୯୮ ରେ ରୁଜୁ କରି ଡମକଟା ଗ୍ରାମର ୮୨ ଡିସିମିଲ୍ ଜାଗା ଉପରେ ସର୍ବସାଧାରଣ ନୋଟିସ୍ ଜାରି କରିବା ସହିତ ପଟାଧାରୀ ଙ୍କୁ ନୋଟିସ୍ କରିଥିଲେ। ଗତ ୨୦୦୩ ମସିହାରେ ତତକ୍ାଳ ତହସିଲଦାର ଅମୀନ ରିପୋର୍ଟକୁ ଭିତ୍ତିକରି ନାମଧାରୀ ଦଖଲରେ ନଥିବା ଏବଂ ପଟାଧାରୀ ହାଜର ହୋଇନଥିବାରୁ ଡମକଟା ଗ୍ରାମର ଖାତା ୧୨୦ର ସମୁଦାୟ ୨୮୦ ପ୍ଲଟରେ ରହିଥିବା ଏ୮୦.୪୬ ଡିସିମିଲକୁ ୧୨୦ଖାତା ଖାରଜ କରି ଆବାଦ ଯୋଗ୍ୟ ଅନାବାଦି ଖାତା ନଂ୧୨୬ରେ ସାମିଲ କରିଥିବା ରେକର୍ଡ ରହିଅଛି। ତହସିଲଦାର ମହୋଦୟ ଖାତା ୧୨୦କୁ ଖାରଜ କରି ସରକାରୀ ଖାତା୧୨୬ରେ ସମିଲ କରିଥିବା ଯୋଗୁଁ ଏହା ବିରୁଦ୍ଧରେ ୪ ପଟାଧାରୀ ମାନ୍ୟବର ହାଇକୋର୍ଟରେ ୪୯୩୨/୨୦୦୭ ଡବ୍ଲୁପି (ସି) ମାମଲା ଦାଆର କରିଥିଲେ। ମାନ୍ୟବର ହାଇକୋର୍ଟ ୨୦୦୮ ମସିହାରେ ଆବେଦନକାରୀ ଏବଂ ତତକ୍ାଲ ତହସିଲଦାରଙ୍କୁ ହାଜର ହୋଇ କେସ୍ ନଂ ୧/୯୮ର ପକ୍ଷ ରଖିବା ପାଇଁ ଆଦେଶ ରହିଥିଲା। ସେହି ଆଦେଶ ଅନୁସାରେ ପୁନଶ୍ଚ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ ପାଇଁ ଅଦେଶ ହୋଇଥିଲା। ଯାହାକି ବେବନ୍ଦୋବସ୍ତ କେସ୍ ନଂ୧/୯୮ ୨୦୧୦ରେ ରହିଥିବା ଅର୍ଡର ସିଟରେ ଉଲ୍ଲେଖ ରହିଅଛି। ସେହି ଅନୁସାରେ ତତ୍କାଳ ତହସିଲଦାର ନୂତନ ଭାବେ ବେବନ୍ଦୋବସ୍ତ କେସ୍ ନଂ ୧/୯୮ରେ ଶୁଣାଣି ଆରମ୍ଭ କରିଥିଲେ। ଉକ୍ତ ଜାଗା ଉପରକୁ ଅମୀନ ପହଞ୍ଚି ତାଙ୍କ ଜବାବରେ ଉକ୍ତ ଜମି ଗ୍ରାମବାସୀ ଙ୍କ ଦଖଲରେ ରହିଥିବା ରିପୋର୍ଟରେ ଦର୍ଶାଇଥିଲେ। ଉକ୍ତ ଜମି ଯେଉଁମାନେ ଦଖଲ କରୁଛନ୍ତି ତାହା ଉଲେଖ୍ୟ କରାଯାଇଛି। ତେବେ ସେହି ଜମିର ରିପୋର୍ଟ ଗୁଡିକ ଠିକ୍ ଭାବେ ହୋଇଅଛିକି ନାହିଁ ତାହା ଜାଣିବା ପାଇଁ ତତକ୍ାଳ ତହସିଲଦାର ୨୦୧୩ ମସିହାରେ କ୍ୟାମ୍ପ କୋର୍ଟ କରି ମାନ୍ୟବର କୋର୍ଟକୁ ରିପୋର୍ଟ ଦାଖଲ କରିଛନ୍ତି। ତେବେ ମାନ୍ୟବର ହାଇକୋର୍ଟ ଆଦେଶ ଅନୁସାରେ ଉକ୍ତ କେସ୍‌ରେ ୧୨୬ଖାତାକୁ ଖାରଜ କରାଗଲା ବୋଲି ଉଲ୍ଲେଖ କରିଛନ୍ତି। ମାତ୍ର ବାସ୍ତବରେ ରେକର୍ଡ ରୁମରେ ଖାତା୧୨୬ ଖାରଜ କରାଯାଇ, ନଚେତ୍ ଖାରଜ କରି ୧୨୦ଖାତାକୁ ଅଣାଯାଇନାହିଁ। ଯାହାକି ସରକାରୀ ଖାତା ନଂ୧୨୬ରେ ବଳବତ୍ତ ରହିଅଛି। ଉକ୍ତ ।ଏ୮୦.୪୬ ଡିସିମିଲ ଜାଗାରେ ଶିକ୍ଷାନୁଷ୍ଠାନ , ଧର୍ମାନୁଷ୍ଠାନ, କ୍ଲବ ଘର, ଆମ୍ବ ବଗିଚା, ପୋଖରୀ ଇତ୍ୟାଦି ଅବସ୍ଥିତି ରହିଅଛି। ଉକ୍ତ ଜମିର ପୂର୍ନରୁଦ୍ଧାର ପାଇଁ ନିମସାହି ପଞ୍ଚାୟତର ଶହଶହ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ବାହାରି ଏକ ସ୍ମାରକ ପତ୍ର ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉକ୍ତ ଗ୍ରାମବାସୀଙ୍କୁ ହଟାଇବାକୁ କୁଚକ୍ରାନ୍ତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ଜମିକୁ ପୁନଶ୍ଚ ଦଖଲକାରୀଙ୍କ ନାମରେ କରିବାପାଇଁ ଦାବି କରି ଏକ ଦାବି ପତ୍ର ରାଜସ୍ୱ ବିଭାଗର ମନ୍ତ୍ରୀ, ଉଚ୍ଚ ପଦସ୍ଥ ଅଧିକାରୀ ଓ ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ତହସିଲଦାର ଆଲୋକ କୁମାର ଦେହୁରୀଙ୍କୁ ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୬ରୁ ...

ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସୁରକ୍ଷା ଅଧିକାରୀ, କୋଷ୍ଟ ଚେନ୍ ଅଧିକାରୀ ଓ ବିକାଶ ସହଭାଗୀମାନଙ୍କ ସହିତ ଜାତୀୟ ସ୍ତରର ପ୍ରଶିକ୍ଷଣ ସମୟରେ ୨୩୬୦ ଅଂଶଗ୍ରହଣକାରୀଙ୍କୁ ତାଲିମ୍ ଦିଆଯାଇଥିଲା। ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ପ୍ରଶିକ୍ଷଣରେ ୬୧ ହଜାରରୁ ଅଧିକ ପ୍ରୋଗ୍ରାମ ମ୍ୟାନେଜର, ୨ ଲକ୍ଷ ଟିକା ପ୍ରଦାନକାରୀ ଏବଂ ୩.୭ ଲକ୍ଷ ଟିକାକରଣ ଦଳର ସଦସ୍ୟଙ୍କୁ ତାଲିମ୍ ଦିଆଯାଇଛି। ଦେଶରେ ଅନୁଷ୍ଠିତ ହୋଇଥିବା ଡ୍ରାଏରନ୍‌ର ୩ଟି ପର୍ଯ୍ୟାୟର ଫଳାଫଳ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଏହି ସମୀକ୍ଷା ବୈଠକରେ ଅବଗତ କରାଯାଇଥିଲା। ସୂଚନାଯୋଗ୍ୟ, ଆଷ୍ଟ୍ରାଜେନିକା ଓ ଅକ୍ସଫୋର୍ଡ ୟୁନିଭରସିଟି ଦ୍ୱାରା ବିକଶିତ କୋଭିସିଲ୍ଡ ଓ ଭାରତ ବାୟୋଟେକ୍‌ର କୋଭିଡ୍ ଟିକା କୋଭାକ୍ସିନ୍‌କୁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ସୀମିତ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ପ୍ରଦାନ କରିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଗତ ମଙ୍ଗଳବାର ସଂଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ, 'ଡିସିଜିଆଇ ଅନୁମୋଦନ କରିବାର ୧୦ ଦିନ ମଧ୍ୟରେ ଆମେ ଟିକାକରଣ ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଛୁ।' ସେ କହିଛନ୍ତି, କୋଭିଡ୍ ଟିକାକରଣର ଡ୍ରାଏ ରନ୍ (ପ୍ରସ୍ତୁତି ଅଭ୍ୟାସ)ରୁ ଯେଉଁ ଅଭିଜ୍ଞତା ହାସଲ ହୋଇଛି ସେହି ଅନୁଯାୟୀ ସରକାର ଟିକାକରଣ ପାଇଁ ପ୍ରସ୍ତୁତ ହୋଇଛନ୍ତି।

### ଚମକିବ ...

ସମାଜ ଆଗେଇ ଆସିବା ଆବଶ୍ୟକ। ସ୍ୱଚ୍ଛ ଜଳ ହିଁ ସମୃଦ୍ଧ ଜୀବନ। ସମସ୍ତଙ୍କ ସହଯୋଗରେ ଆମର ରୂପାନ୍ତରର ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିବାବେଳେ ଏହି କାର୍ଯ୍ୟକ୍ରମ ପାଇଁ ଇଣ୍ଡିଆ ଅଏଲ କର୍ପୋରେସନ୍, ଇଣ୍ଡିଆନ କେମିକାଲ୍ସ ଇନଷ୍ଟିଚ୍ୟୁଟର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ ଏକାମ୍ର ଯୋଜନା କାମକୁ ଆଗେଇ ନେବା ପାଇଁ ଏଏସ୍‌ଆଇ ତଥା ଭାରତ ସରକାର ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସହ ଜଡ଼ିତ ବିନ୍ଦୁ ସାଗରର ପବିତ୍ର ଜଳକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ 'ସ୍ୱଚ୍ଛ ବିନ୍ଦୁ ସାଗର ପ୍ରକଳ୍ପ' ଲୋକାର୍ପିତ ହୋଇଯିବା ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଐତିହାସିକ କ୍ଷଣ। ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଖୁବ୍‌ଶୀଘ୍ର ବିନ୍ଦୁସାଗରର ପବିତ୍ର ପୁଷ୍କରିଣୀ ପରିଷ୍କାର ହେବ। ବିନ୍ଦୁସାଗରର ଚାରିପଟେ ଚାରୋଟି ପମ୍ପିଂ ସିଷ୍ଟମ ଅବସ୍ଥାପିତ ହୋଇଥିବାବେଳେ ଏହା ପୋଖରୀର ଦୂଷିତ ଜଳକୁ ଛାଣି ସଫା ଜଳ ପୋଖରୀକୁ ଛାଡିବ। ଫଳରେ ଖୁବ୍ ଶୀଘ୍ର ଏକାମ୍ର ତଥା ଭୁବନେଶ୍ୱରବାସୀଙ୍କ ବିନ୍ଦୁ ସାଗରର ପବିତ୍ର ଜଳ ସ୍ୱଚ୍ଛ ଓ ନିର୍ମଳ ହେବାର ସ୍ୱପ୍ନ ପୂରଣ ହେବ ବୋଲି ସେ କହିଛନ୍ତି। ଏହାସହ ଓଡ଼ିଆ ଜାତିର ଏ ମହାନ ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସମସ୍ତେ ଏକାଠି କାମ କରିବାକୁ ପଡ଼ିବ। ଫଳରେ ବିନ୍ଦୁ ସାଗର ବିଶ୍ୱସ୍ତରରେ ପହଞ୍ଚିବ। ଏହିଠାରେ ପୂର୍ବଜମାନେ ଐତିହ୍ୟ କୀର୍ତ୍ତି ତିଆରି କରିଥିଲେ। ଏହି ଐତିହ୍ୟ କୀର୍ତ୍ତିକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଜାତୀୟ ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ ପାଇଁ ବଦ୍ଧପରିକର। ଭୁବନେଶ୍ୱରରେ ପୁରାତନ ଗୌରବକୁ ପୁନଃଜୀବିତ କରିବା ଏବଂ ଏହାକୁ ପର୍ଯ୍ୟଟନର ପ୍ରମୁଖସ୍ଥଳି ଭାବରେ ବିକଶିତ କରିବା ଦିଗରେ ଏହି ପଦକ୍ଷେପ ପ୍ରଶଂସନୀୟ। ସମସ୍ତଙ୍କ ଚେଷ୍ଟାରେ ବିନ୍ଦୁ ସାଗର ପ୍ରକଳ୍ପ ବଡ଼ ହେବ। ପବିତ୍ର ବିନ୍ଦୁ ସାଗର ପୁଷ୍କରିଣୀ ସୁସ୍ଥ ଏବଂ ନିର୍ମଳ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ। ପ୍ରକଳ୍ପର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଥିବାବେଳେ ବିନ୍ଦୁସାଗର କୂଳରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପଧାନଙ୍କ ସମେତ ରାଜ୍ୟସଭା ସାଂସଦ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଇଣ୍ଡିଆନ ଅଏଲର ଚେୟାରମ୍ୟାନ ଏସ.ଏମ. ବୈଦ୍ୟ, ଆଇସିଟି ମୁମ୍ବାଇ ଶିକ୍ଷାନୁଷ୍ଠାନର କୁଳପତି ଅନିରୁଦ୍ଧ ବାଲଚନ୍ଦ୍ର ପଣ୍ଡିତ ପ୍ରମୁଖ ଉପସ୍ଥିତ ରହିବା ସହ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୪ ମାସ ଭିତରେ ବିନ୍ଦୁ ସାଗରର ପାଣି ନିର୍ମଳ ହେବ। ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ୍ ଟେକ୍ନୋଲଜି, ଇଣ୍ଡିଆନ୍ ଅଏଲ କର୍ପୋରେସନ୍ ଓ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକସନ୍ କର୍ପୋରେସନର ମିଳିତ ଉଦ୍ୟମରେ ଆସନ୍ତା ୪ ମାସ ଭିତରେ ବିନ୍ଦୁସାଗରର ପୁନରୁଦ୍ଧାର ହେବ। ପ୍ରକଳ୍ପପାଇଁ ଇଣ୍ଡିଆନ୍ ଅଏଲ୍‌ର ସିଏସ୍‌ଆର ପାଣ୍ଠିରୁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚହେବ। ବିନ୍ଦୁସାଗର ଜଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ହାଇଡ୍ରୋ ଡାଇନାମିକ କ୍ୟାଭିଟେସନ ନାମକ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯିବ। ଦରକାର ହେଲେ କେମିକାଲ ପ୍ରୟୋଗ ମଧ୍ୟ କରାଯାଇପାରେ।

### ସ୍ୱାମୀଙ୍କ ଜୀବନ ...

ବଳିଷ୍ଠ ତଥ୍ୟ ଓ ଯୁକ୍ତିର ତର୍ଜମା କରିଛନ୍ତି। ଟାଇମ୍ ୟୁଜ ଇନ୍ ଇଣ୍ଡିଆ-୨୦୧୯ର ତଥ୍ୟ ଅନୁସାରେ ଜଣେ ଗୃହିଣୀ ଦୈନିକ ନିଜ ଘର ଲୋକଙ୍କ ପାଇଁ ବିନା ମୂଲ୍ୟରେ ୨୯୯ ମିନିଟ୍ ସମୟ ଦେଉଥିବାବେଳେ ଜଣେ କର୍ମଜୀବୀ ପୁରୁଷ ମାତ୍ର ୯୭ ମିନିଟ୍ ଦେଇଥାଏ। ଗ୍ରାମାଞ୍ଚଳର ମହିଳାଙ୍କ କ୍ଷେତ୍ରରେ ସମୟ ଆହୁରି ଅଧିକ। ତେଣୁ ସ୍ୱାମୀଙ୍କ ସମୟଠାରୁ ସ୍ତ୍ରୀଙ୍କ ସମୟ ଓ ଜୀବନ କମ୍ ମୂଲ୍ୟବାନ ନୁହେଁ ବୋଲି କୋର୍ଟ କହିଛନ୍ତି। ଜଷ୍ଟିସ୍ ରମଣା ୨୦୧୧ ଜନଗଣନାକୁ ଅନୁଧ୍ୟାନ କରି ଦର୍ଶାଇଛନ୍ତି ଯେ ପ୍ରାୟ ୧୫୯.୮୫ ନିୟୁତ ମହିଳା 'ଗୃହକାର୍ଯ୍ୟ'କୁ ସେମାନଙ୍କର ମୁଖ୍ୟ ବୃତ୍ତି ଭାବରେ ଉଲ୍ଲେଖ କରିଛନ୍ତି। ଯେତେବେଳେ କି କେବଳ ୫.୭୯ ନିୟୁତ ପୁରୁଷ ଘରୋଇ କାର୍ଯ୍ୟକୁ ସେମାନଙ୍କର ମୁଖ୍ୟବୃତ୍ତି ଭାବରେ ଉଲ୍ଲେଖ କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏହି ରାୟକୁ ଯୁଗାନ୍ତକାରୀ ବୋଲି କହିଛନ୍ତି ମହିଳା ଅଧିକାର କର୍ମୀ। ବର୍ଷ ବର୍ଷ ଧରି ସଂସଦ ଓ ବିଧାନସଭା ଯାଉଥିବା ଲୋକ ପ୍ରତିନିଧିମାନେ ଯାହା ଜାଣି ପାରୁନଥିଲେ, ତାକୁ ସର୍ବୋଚ୍ଚ ନ୍ୟାୟାଳୟ ବୁଝିଛନ୍ତି। ପୁରୁଷ ଓ ନାରୀଙ୍କ ମଧ୍ୟରେ ସମାନତାର କଥା କେବଳ କଥାରେ କୁହାଯାଉଥିଲା। ପରିବାର ପାଇଁ ଯେଉଁ ମହିଳାମାନଙ୍କ ସେବା ଓ ଅବଦାନ ଅମୂଲ୍ୟ। ତା'ର ସୁପ୍ରିମକୋର୍ଟ ଆକଳନ କରିଥିବାରୁ ଏହା କେବଳ କର୍ମଜୀବୀଙ୍କୁ ଛାଡ଼ି ବାକି ଅନ୍ୟ ସବୁ ବର୍ଗର ମହିଳାଙ୍କ ପାଇଁ ବେଶ୍ ଉପାଦେୟ ହେବ ବୋଲି ମତପ୍ରକାଶ ପାଇଛି।

### ମାନିଲା ...

ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ରେ ଅତିକମରେ ୩୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ଠାରୁ ଆମର ଲକ୍ଷ୍ୟ ଭିନ୍ନ ଥିଲା। କାରଣ ଏଥିରେ ସେନାର କିଛି ଯବାନ ସାମିଲ ଥିଲେ। ମୁଁ ସେତେବେଳେ କହିଥିଲି, ଭାରତର ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ କେହି ହତାହତ ହୋଇନାହାନ୍ତି। ଏବେ ଆମେ କହୁଛୁ ଯେ ଭାରତ ଯାହା ବି ପଦକ୍ଷେପ ନେବ ଆମେ ତାର ଜବାବ ଦେବୁ। ଉଲ୍ଲେଖଯୋଗ୍ୟ ୨୦୧୯ ଫେବ୍ରୁଆରୀ ୧୪ରେ ପୁଲୱାମାରେ ସିଆରପିଏଫ ଯବାନଙ୍କ ଗାଡି ଉପରେ ଆତଙ୍କୀ ହମ୍‌ଲା ହୋଇଥିଲା। ଏଥିରେ ୪୦ ଯବାନ ସହିଦ ହୋଇଥିଲେ। ଏହାର ପାଲଟା ଜବାବ ଦେଇ ଭାରତୀୟ ବାୟୁସେନା ଫେବ୍ରୁଆରୀ ୨୬ରେ ପାକ୍ ଅଧିକୃତ କାଶ୍ମୀରର ବାଲାକୋଟ୍‌ରେ ଏୟାରଷ୍ଟ୍ରାଇକ୍ କରିଥିଲା। ଜୈଶ-ଇ-ମହମ୍ମଦ ଆତଙ୍କୀ ସଂଗଠନର ଶିବିରକୁ ଟାର୍ଗେଟ୍ କରି ଭାରତୀୟ ବାୟୁସେନା ଆକ୍ରମଣ କରିଥିଲା। ଏଥିରେ ପ୍ରାୟ ୩୦୦ ଆତଙ୍କୀ ନିହତ ହୋଇଥିଲେ। ହିଲାଲିଙ୍କ ପୂର୍ବରୁ ପାକିସ୍ତାନର ମୁସ୍‌ଲିମ୍‌ଲିଗ୍ ନେତା ଅୟାଜ୍ ସିଦ୍ଦିକ ମଧ୍ୟ ସଂସଦରେ ଏହା ସ୍ୱୀକାର କରିଥିଲେ। ସେ ୨୦୨୦ ଅକ୍ଟୋବରରେ ଦେଶର ନ୍ୟାସନାଲ ଆସେମ୍ବ୍ଲିରେ ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହା ପରେ ତତ୍କାଳୀନ ବୈଦେଶିକ ମନ୍ତ୍ରୀ ଶାହ ମେହେମୁଦ୍ କ୍ୟୁରେସି ଏ ସମ୍ପର୍କରେ ବୟାନ ରଖିଥିଲେ। ଅୟାଜ ସିଦ୍ଦିକଙ୍କ କହିବା ଅନୁଯାୟୀ ବୈଦେଶିକ ମନ୍ତ୍ରୀ ଶାହ ମେହେମୁଦ୍ କ୍ୟୁରେସି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କହିଥିଲେ, ଯଦି ପାକିସ୍ତାନ ଭାରତର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କୁ ଛାଡି ନଦେବ ଭାରତ ରାତି ୯ଟାରେ ପାକିସ୍ତାନ ଉପରେ ହମ୍‌ଲା କରିବ। ଏକଥା ଶୁଣି ପାକିସ୍ତାନ ସେନା ମୁଖ୍ୟ କ୍ୱାମାର ଜାଭେଦ୍ ବାଜୱାଙ୍କ ଗୋଡ ଥରିଥିଲା।

### ପଞ୍ଚାୟତ ...

ଦେଖିବାକୁ ମିଳିଥିଲା । ୪ନଂ ୱାର୍ଡ଼ ଅଧିନ ତୁମ୍ବାପଦୀ ଗାଁ । ଏହି ଗାଁର ଲୋକ ସଂଖ୍ୟା ପାଖାପାଖି ୯୦୦ । ତନ୍ମଧ୍ୟରୁ ଭୋଟର ପାଖାପାଖି ୩୫୦ । ମାତ୍ର ଏଠାକୁ ଭଲ ରାସ୍ତାଟିଏ ନାହିଁ । ବାଙ୍କତିରା ସ୍କୁଲ ଠାରୁ ଏକ କାଦୁଅ ରାସ୍ତା ଏହାକୁ ସଂଯୋଗ କରୁଛି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ ପାଣି ଜମା ହୋଇ ଯାଏ ଯଦ୍ୱାରା ଗମନା ଗମନରେ ଘୋର ଅସୁବିଧା ସୃଷ୍ଟି ହୁଏ । ଏହି ରାସ୍ତାଟି ବନ୍ତ ବ୍ଲକ ଓଡ଼ଙ୍ଗ ପଂଚାୟତ ଅର୍ନ୍ତଗତ ସରମରା ଗାଁକୁ ମଧ୍ୟ ସଂଯୋଗ କରୁଛି । ରାସ୍ତା ବିପର୍ଯ୍ୟସ୍ତ ଥିବାରୁ ଗ୍ରାମବାସୀମାନେ ପ୍ରତିଦିନ ବ୍ଲକ ଓ ତହସିଲ ଆଦି କାର୍ଯ୍ୟାଳୟକୁ ଅଧିକ ଦୂରବର୍ତ୍ତୀ ରାସ୍ତାଦେଇ ଯାଆଆସ କରୁଛନ୍ତି । ରାସ୍ତା ସମସ୍ୟା ନେଇ 'ସମାଜ'ରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ ଜୁନ ମାସରେ ବନ୍ତ ବ୍ଲକ ପ୍ରଶାସନ ତରଫରୁ ଉକ୍ତ ରାସ୍ତାର ତଦାରଖ କରାଯିବା ପରେ ସାଂସଦଙ୍କ ପାଣ୍ଠିରୁ ଅନୁମୋଦିତ ଅର୍ଥରେ ବାଙ୍କତିରା ସ୍କୁଲ ଠାରୁ ତୁମ୍ବାପଦୀ ପର୍ଯ୍ୟନ୍ତ ମୋରମ କାର୍ଯ୍ୟ କରାଯାଇଥିଲେ ସୁଦ୍ଧା ତାହା ତୁମ୍ବାପଦୀ ଗ୍ରାମ ରାସ୍ତାର ରୂପରେଖକୁ ପରିବର୍ତ୍ତନ କରିପାରି ନଥିଲା । ପୂର୍ବପରି ରାସ୍ତା ସାରା ଖାଲଖମାରରେ ଭର୍ତ୍ତି । ଥିବାରୁ ଗ୍ରାମବାସୀ ନିଜସ୍ୱ ସଂଚିତ ଅର୍ଥରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରି ରାସ୍ତା ମରାମତି କରିଥିଲେ । ତେଣୁ ଉକ୍ତ ରାସ୍ତାକୁ ଏକ ସ୍ଥାୟୀ ପକ୍କା ରାସ୍ତାରେ ପରିଣତ କରିବା ନେଇ ଗତ ଅକ୍ଟୋବର ମାସରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭାପତି ଓ ସଂପାଦକଙ୍କ ସମେତ ଶତାଧିକ ମହିଳା ସଦସ୍ୟାଙ୍କ ସହିତ ଗ୍ରାମବାସୀ ଏକତ୍ରୀତ ହୋଇ ନିଜ ଗ୍ରାମର ରାସ୍ତାକୁ ସ୍ଥାୟୀ ରାସ୍ତାରେ ପରିଣତ କରିବା ନେଇ ପ୍ରତିବାଦ ଜଣାଇଥିଲେ । ୧୨ନଂ ୱାର୍ଡ଼ ଅର୍ନ୍ତଗତ ସୁଆଁପଦା ଗ୍ରାମ । ଏହି ଗ୍ରାମର ଲୋକ ସଂଖ୍ୟା ପାଖାପାଖି ୧୦୦୦ । ମାତ୍ର ଏହି ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ । ଭଦ୍ରକ-ଆଗରପଡ଼ା ମୁଖ୍ୟ ରାସ୍ତାର ସୁଆଁପଦା ଛକଠାରୁ ଏକ ରାସ୍ତା ଏହି ଗ୍ରାମକୁ ସଂଯୋଗ କରୁଛି । ରାସ୍ତା ସମସ୍ୟା ଯୋଗୁଁ ବର୍ଷାଋତୁ ରେ ଗ୍ରାମବାସୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ପ୍ରଶାସନିକ ଅଧିକାରୀଙ୍କ ଠାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବାରୁ ଏହାର ପ୍ରତିବାଦରେ ଚଳିତ ବର୍ଷ ବର୍ଷାଋତୁରେ ଏହାର ପ୍ରତିବାଦରେ ଉକ୍ତ ଗ୍ରାମର ଗ୍ରାମବାସୀ ରାସ୍ତାରେ ଧାନ ତଳି ପକାଉ ଥିବାର ଦେଖିବାକୁ ମିଳିଥିଲା । ସେହିପରି ଉକ୍ତ ଗାଁର ସାହାଡ଼ାଗଡ଼ିଆ ସାହୀ ଏକ ଛୋଟିଆ ସାହୀ ଯାହାର ଲୋକ ସଂଖ୍ୟା ପାଖାପାଖି ୨ଶହ । ମାତ୍ର ଏଠାକୁ ରାସ୍ତାଟିଏ ନାହିଁ । କେନାଲ ରାସ୍ତା ଠାରୁ ଏକ ବାଉଁଶ ଚାରା ରାସ୍ତା ଏହି ଗାଁ କୁ ସଂଯୋଗ କରୁଛି । ଅନ୍ୟ ଏକ କାଦୁଅ ପାଣି ଭର୍ତ୍ତି ରାସ୍ତା ଦେଇ ଲୋକେ ବଜାରକୁ ଯାଆଆସ କରିଥାନ୍ତି । ୧ନଂ ୱାର୍ଡ଼ ଅନ୍ତର୍ଗତ ଭଗାରାମ ଗ୍ରାମ । ଯାହାର ଲୋକ ସଂଖ୍ୟା ପାଖାପାଖି ୧୦୦୦ କିନ୍ତୁ ସରକାରଙ୍କ ଦୁରଦୃଷ୍ଟିର ଅଭାବଯୋଗୁଁ ଉକ୍ତ ଗ୍ରାମରେ ଜଳନିଷ୍କାସନର ସୁବନ୍ଦୋବସ୍ତ ନଥିବାରୁ ବର୍ଷାଋତୁ ଆସିଲେ ଗ୍ରାମବାସୀଙ୍କ ଚିନ୍ତା ବଢିଯାଇଥାଏ । ବର୍ଷା ପାଣି ଚାଷ,ଶିକ୍ଷା ଓ ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ବାଧକ ସାଜିଥାଏ । ୭ନଂ ୱାର୍ଡ଼ର ଗାଁ କୁସୁନପୁର ଉକ୍ତ ଗାଁର ଆଦିବାସୀ ସାହୀକୁ କୌଣସି ଦିଗରୁ କୌଣସି କିଛି ନାହିଁ । କେବଳ ଅନ୍ୟ ମାଲିକ ମାନଙ୍କ ଜମି ଦେଇ ଏହି ସାହୀର ଲୋକମାନେ ଯାଆଆସ କରିଥାନ୍ତି । ବିଶେଷ କରି ବର୍ଷାଦିନେ ଓ ଧାନରକ୍ଷ ସମୟରେ ବିପଦକୁ ନିଜ ମୁଣ୍ଡକୁ ନେଇ ଏହି ଜମି ଦେଇ ଯାଆଆସ କରିଥାନ୍ତି । ସେହିପରି ନିମଗଡ଼ିଆ ଗାଁ ବାସିନ୍ଦା ମଧ୍ୟ ରାସ୍ତା ସମସ୍ୟା ଦେଇ ଗତି କରୁଛନ୍ତି । ରାସ୍ତା ସମସ୍ୟା ଯୋଗୁଁ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଠିକ୍ ଭାବେ ସମ୍ପାଦିତ ହୋଇପାରୁନଥିବା ବେଳେ ଏହା ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନାଗମନ ଆଦିରେ ବାଧା ସୃଷ୍ଟି କରୁଛି । ତେଣୁ ରାଜନେତା ଓ ବିଭାଗୀୟ ଅଧିକାରୀଙ୍କ ସମେତ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଂଚାୟତ ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟିତ ହେବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ବାବୀ ହୋଇଛି ।

# ଅଧାରେ ଅଟକିଛି ଅନେକ ପ୍ରକଳ୍ପ

**ଭଦ୍ରକ :** ପଂଚାୟତଗୁଡ଼ିକର ସର୍ବାଙ୍ଗିନ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହ ଏହାର ସଫଳ ରୁପାୟନକୁ ନଜରରେ ରଖି ଓଡ଼ିଶା ସରକାରଙ୍କ ପଂଚାୟତିରାଜ ବିଭାଗ ପକ୍ଷରୁ ପଂଚାୟତ ପୁନର୍ଗଠନ ଆଇନ ଅନୁଯାୟୀ ୨୦୧୬ ମସିହାରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ୩ଗୋଟି ନୂତନ ପଂଚାୟତ ଗଠନ ଘୋଷଣା କରାଯାଇଥିଲା । ତଦନୁସାରେ ବନ୍ତ ବ୍ଲକ ଅଧିନରେ ୨୨ଟି ପଂଚାୟତ ପରିବର୍ତ୍ତେ ୨୫ଟି ପଂଚାୟତ କାର୍ଯ୍ୟ କରିଥିଲା । ତନ୍ମଧ୍ୟରୁ କାଦବରାଙ୍ଗ ପଂଚାୟତକୁ ଭାଗକରାଯାଇ ୬ଟି ରାଜସ୍ୱ ଗ୍ରାମ ଯଥା ବଡ଼ବର୍ଚ୍ଛିକୟାଁ ,ବିଶଲକଣା, ଆପ୍ତିରାଷଡ଼ଙ୍ଗୀ, ରାଉତରାଗଡ଼ିଆ,କୁସୁନନଗର ଓ ଜୟସିଂହପୁରକୁ ନେଇ ଗଠିତ ହୋଇଥିଲା ବଡ଼ବର୍ଚ୍ଛିକୟାଁ ପଂଚାୟତ । ବର୍ଷ ୨୦୨୦ପୁରିବାକୁ ବସିଲାନିଯେ ପଂଚାୟତ ଗଠନରେ ଆଉ ବର୍ଷେ ଯୋଡ଼ିହେଲା । କିନ୍ତୁ ସରକାରଙ୍କ ପଂଚାୟତ ଗଠନର ଆଭିମୁଖ୍ୟକୁ ଉକ୍ତ ପଂଚାୟତ ଜନନାୟକ ଓ ଦାଇତ୍ୱରେ ଥିବା ଅଧିକାରୀ ସଫଳ କରିବାରେ ବିଫଳ ହୋଇଥିବା ଜଣାପଡ଼ିଛି । ୪ବର୍ଷ ପରେ ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଯାଇଛି ଅଧା ପ୍ରକଳ୍ପ । ସୂଚନା ଅନୁଯାୟୀ;୪ବର୍ଷ ପରେ ମଧ୍ୟ ପଂଚାୟତ ନିଜସ୍ୱ ଗୃହ ସମ୍ପୂର୍ଣ୍ଣ ହୋଇ ନପାରି ବିବାଦ ଘେରରେ ଜିଲାପାଳଙ୍କ ନିଷ୍ପତି ଅପେକ୍ଷାରେ ଥିବାବେଳେ "ଆମ ଗାଁ ଆମ ବିକାଶ" ଯୋଜନାକୁ ଇତି ମଧ୍ୟରେ ୨ବର୍ଷ ୪ମାସ ବିତିଯାଇଥିଲେ ସୁଦ୍ଧା ଏହି ଯୋଜନାରେ ଅର୍ନ୍ତଭୁକ୍ତ ବିଭିନ୍ନ ପ୍ରକଳ୍ପ ଯଥା:ଉକ୍ତ ପଂଚାୟତ ୪ନଂ ୱାର୍ଡ଼ ଅନ୍ତର୍ଗତ ବିଶଲକଣା ଗ୍ରାମରେ ନିର୍ମିତ ଗୋଷ୍ଠୀ କେନ୍ଦ୍ର,ଆପ୍ତିରା ଗ୍ରାମରେ ନିର୍ମିତ ଗୋଷ୍ଠୀ କେନ୍ଦ୍ର ଓ ଉକ୍ତ ଯୋଜନାରେ ନିର୍ମିତ ଅନ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନପାରି ଅଧାପନ୍ତରିଆ ଅବସ୍ଥାରେ ଦଣ୍ଡାୟମାନ । ସେହିପରି ଉକ୍ତ ପଂଚାୟତ ଅର୍ନ୍ତଗତ କୁସୁନନଗର ଠାରେ ୨୦୧୭-୧୮ ଆର୍ଥିକ ବର୍ଷରେ ସିଏଫସି ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ଓ ଏସଏଫସି ପାଣ୍ଠିରୁ ବିସଲକଣା ଗ୍ରାମର ୫ନଂ ୱାର୍ଡ଼ର ଶେଉଳଗଡ଼ିଆ ଠାରେ ଗୋଷ୍ଠିକେନ୍ଦ୍ର ନିର୍ମାଣ ନିମନ୍ତେ ଅର୍ଥ ମଂଜୁର ହୋଇଥିଲା । ଯାହାକି ଉକ୍ତ ପଂଚାୟତର ପ୍ରଥମ ପ୍ରକଳ୍ପ ହୋଇଥିବା ବେଳେ ଉକ୍ତ ପ୍ରକଳ୍ପଟି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ଗ୍ରେଡ଼ବିମରେ ଅଟକି ରହିଛି କୁସୁନନଗରରେ ନିର୍ମିତ ପ୍ରକଳ୍ପ ଓ ଛାତରେ ଅଟକିଛି ଶେଉଳଗଡ଼ିଆରେ ନିର୍ମିତ ପ୍ରକଳ୍ପ । ସେହିପରି ବିଶଲକଣା ପ୍ରାଥମିକ ବିଦ୍ୟାଳୟରେ ପାଚେରୀ ନିର୍ମାଣକୁ ନେଇ ଲାଗିରହିଥିବା ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ । ଏହିସବୁ ପ୍ରକଳ୍ପକୁ ଛାଡ଼ି ଆହୁରି ବହୁ ସମସ୍ୟା ଯେପରି ରାସ୍ତା,ପ୍ରଧାନମନ୍ତ୍ରୀ ଆବାସ ଏବଂ ଅଙ୍ଗନବାଡ଼ି ଗୃହ ନିର୍ମାଣ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ ଉକ୍ତ ପଂଚାୟତରେ । ବର୍ଷପରେ ବର୍ଷ ବିତି ଯାଉଥିଲେ ସୁଦ୍ଧା ସରକାର ଯେଉଁ ଆଭିମୁଖ୍ୟ ନେଇ ନୂତନ ପଂଚାୟତ ଗଠନ କରିଥିଲେ ତାହା ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ଓ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ସଫଳ ହୋଇପାରୁ ନଥିବା ପରିଲକ୍ଷିତ ହୋଇଛି । ଏଥିପ୍ରତି ସରପଂଚଙ୍କ ସମେତ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ପଂଚାୟତବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଭଦ୍ରକ ଜିଲ୍ଲାରେ ପ୍ରକଳ୍ପ, କିନ୍ତୁ ସୂଚନା ସୁନ୍ଦରଗଡ଼ର

**ଭଦ୍ରକ :** ସରକାର ସ୍ୱଚ୍ଛତାର ଡ଼ିଣ୍ଡିମ ପିଟୁଥିବା ବେଳେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ବିଭିନ୍ନ ପ୍ରକଳ୍ପରେ ଜାଲିଆତି ହେଉଥିବା ନଜରକୁ ଆସିଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ଓ ଭଦ୍ରକ ବ୍ଲକରେ । ସୂଚନା ଅନୁଯାୟୀ; ୨୦୧୬-୧୭ ଆର୍ଥିକ ବର୍ଷରେ ସିଏଫସି ଅର୍ଥରେ ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ଜାମବଣୀ ଛକ ଠାରେ ପଂଚାୟତ ସମିତି ଭଦ୍ରକ ଆନୁକୁଲ୍ୟରେ କାଉପୁର ପଂଚାୟତ ତରଫରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ପାଇଁ ସଂପୃକ୍ତ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ କାର୍ଯ୍ୟାଦେଶକୁ ୫ବର୍ଷ ପୁରିବ ତଥାପି କାର୍ଯ୍ୟକ୍ଷମ ହୋଇପାରିନି କଂପ୍ଲେକ୍ସ । ୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ସୁଦ୍ଧା କଂପ୍ଲେକ୍ସଟି ଆଜିଯାଏଁ ସଂପୂର୍ଣ୍ଣ ହୋଇପାରି ନାହିଁ କିନ୍ତୁ ଉକ୍ତ କମ୍ପ୍ଲେକ୍ସର କାନ୍ଥ ଉପରେ ଗୋଟିଏ ପାର୍ଶ୍ୱରେ ପଂଚାୟତ ସମିତି ଭଦ୍ରକ ଲେଖାଯାଇ ସବିଶେଷ ବିବରଣୀ ଉଲ୍ଲେଖ ଥିବାବେଳେ ଅପରପାର୍ଶ୍ୱ କାନ୍ଥରେ ହେମଗିର ବ୍ଲକ,ଗ୍ରା:ପ:କୁଚେଡ଼େଗା ଓ ୨ଲକ୍ଷର ଅଟକଳ ମୂଲ୍ୟ ଲେଖା ଯାଇଛି । ଏହି ବିଷୟରେ ସରପଂଚ ଜଳନ୍ଧର ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ସେ ଏହା ବିଷୟରେ କିଛି ଜାଣି ନଥିବା ପ୍ରକାଶ କରିଥିଲେ । ସେହିପରି ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଂଚାୟତ ଅନ୍ତର୍ଗତ ବୋଡ଼କପାଟଣା ଠାରେ ନିର୍ମିତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ଗୃହର କାନ୍ଥରେ ନିଜସ୍ୱ ପ୍ରକଳ୍ପ ଲେଖାଥିବା ବେଳେ ଉକ୍ତ ଗୃହର କାନ୍ଥରେ ହେମଗିର ବ୍ଲକ, ଗ୍ରା:ପ:କୁଚେଡ଼େଗା ଓ ୫ଲକ୍ଷର ଅଟକଳ ମୂଲ୍ୟ ଲେଖା ଯାଇଥିବାର ଦେଖିବାକୁ ମିଳିଛି । ଉକ୍ତ ବିବରଣୀ ବିଷୟରେ ସ୍ଥାନୀୟ ସରପଂଚ କିଶୋର କିଙ୍କର ପଡିଆରୀଙ୍କୁ ଯୋଗଯୋଗ କରିବାରୁ ସେ ମଧ୍ୟ ଏହି ବିଷୟରେ କିଛି ଜାଣିନଥିବା କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠେ ସ୍ଥାନୀୟ ସରପଂଚ ଉକ୍ତ ପ୍ରକଳ୍ପ ଦାଇତ୍ୱରେ ଥିବାବେଳେ ତାଙ୍କ ଅଗଚୋରରେ କିଏ,କେଉଁ ପରିସ୍ଥିତିରେ ଓ କଣ ପାଇଁ ଉକ୍ତ ବିବରଣୀକୁ ସେଠାରେ ସ୍ଥାଣିତ କରିଛି । ଅନୁସନ୍ଧାନରୁ ଜଣାପିଡ଼ିଛି; କୁଚେଡ଼େଗା ଗ୍ରା:ପ: ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ । ତେଣୁ ଭଦ୍ରକ ଜିଲାର ପ୍ରକଳ୍ପରେ ସୁନ୍ଦରଗଡ଼ ଜିଲାର ଅନ୍ତର୍ଭୂକ୍ତି କେତେ ଦୂର ଯଥାର୍ଥ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସ୍ଥାନୀୟ ଜନନାୟକଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଏଥିପ୍ରତି କିପରି ଦୃଷ୍ଟି ନ ଦେବା ତାଙ୍କ କାର୍ଯ୍ୟ ପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ତେଣୁ ପ୍ରକୃତରେ ଏହିପରି ପ୍ରକଳ୍ପ ସୁନ୍ଦରଗଡ଼ ଜିଲାର ହେମଗିର ବ୍ଲକ ଅନ୍ତର୍ଗତ କୁଚିଡ଼େଗା ଗ୍ରାମରେ ନିର୍ମିତ ହୋଇଛି କି ନାହିଁ ଏବଂ ପ୍ରକଳ୍ପ ବାବଦରେ ସରକାରୀ ଅର୍ଥର ଅପବ୍ୟବହାର ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ଏହିପରି କାର୍ଯ୍ୟ ରେ ଲିପ୍ତ ଥିବା କର୍ମଚାରୀଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ଗ୍ରାମବାସୀଙ୍କ ଭରସା ବାଉଁଶ ପୋଲ



**ଉଦଳା, (ନିରୁପମା ରଣା) :** ଗମନାଗମନ ପାଇଁ ମୁଖ୍ୟ ପ୍ରତିବନ୍ଧକ ନଦୀ। ନଦୀର ପ୍ରତିବନ୍ଧକ ଯୋଗୁଁ ବର୍ଷା ଦିନ ହେଉ ବା ଅନ୍ୟ ଦିନ ମାନଙ୍କରେ ହେଉ ଯାତାୟାତ ପାଇଁ ସେଠିକାର ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସମସ୍ୟା ସମ୍ପର୍କରେ ପ୍ରଶାସନିକ ଓ ନିର୍ବାଚିତ ପ୍ରତିନିଧି ଜଣାଇ ଆସୁଥିଲେ ମଧ୍ୟ କିଛି ସୁଫଳ ନମିଳିବାରୁ ବାଉଁଶ ପୋଲକୁ ଭରସା କରି ଚାଲିଛନ୍ତି ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକର ଏ ହେଉଛି କେନ୍ଦୁଗୁଡି ଗ୍ରାମ। ଏହି ଗ୍ରାମରେ ସଞ୍ଜ ନଦୀ ହେଉଛି ମୁଖ୍ୟ ପ୍ରତିବନ୍ଧକ। କେବଳ ଏହି ଗ୍ରାମ ନୁହେଁ ଚାରୋଟି ପଞ୍ଚାୟତର ଲୋକମାନେ ଏହି ନଦୀ ଦେଇ ଯାତାୟତ କରିଥାନ୍ତି। ହେଲେ ବର୍ଷା ଦିନ ଆସିଲେ ଏହି ଅଞ୍ଚଳବାସୀଙ୍କ ଦୁଃଖ ନଦୀ ପ୍ରବନ୍ଧକ ପାଇଁ କାଳ ହୋଇଥାଏ। ପ୍ରଶାସନକୁ ଏ ସମ୍ପର୍କରେ ଜଣାଇ ଆସୁଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀମାନେ ନିଜସ୍ୱ ଖର୍ଚ୍ଚରେ ଏକ ଅସ୍ଥାୟୀ ବାଉଁଶ ପୋଲ ତିଆରି କରି ଯାତାୟାତ କରିଥାନ୍ତି। ଏହି ନଦୀ ପ୍ରତିବନ୍ଧକ ଯୋଗୁ ସାନସାତସଲ, ପାଟଣାଶିପୁର ଓ କରକଚିଆ ଗ୍ରାମବାସୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏବେ ଶୀତଦିନ ଥିବାରୁ ନଦୀରେ ପାଣି କମ ଥିବା ବେଳେ ନଦୀରେ ଲୋକମାନେ ଯାତାୟାତ କରିଥାନ୍ତି। ରାଜ୍ୟ ସରକାର ବିଭିନ୍ନ ଗାଁକୁ ଗାଁ ବିକାଶର ନାରା ଦେଉଥିବା ବେଳେ ଅପହଞ୍ଚ ଗ୍ରାମ କେନ୍ଦୁଗଡିରେ ଏବେବି ନଦୀ ପ୍ରତିବନ୍ଧକ ପାଇଁ ଅପହଞ୍ଚ ହୋଇରହିଛି। ବର୍ଷାଦିନ ଆସିଲେ ଏହି ଗ୍ରାମର ଲୋକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଯାନ୍ତି। ପିଲାମାନେ ପାଠ ପଢ଼ିବାକୁ ଯିବା ତ ଦୂରର କଥା ରୋଗୀକୁ ଡାକ୍ତରଖାନା ନେବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଏପରିକି ବର୍ଷା ଦିନ ମାନଙ୍କରେ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥାନ୍ତି ଗ୍ରାମବାସୀ। ଭଲ ଭାବରେ ଦେଖନ୍ତୁ କିଏ ନଦୀ ପାର ହୋଇ ଯାଉଛି ତ ଆଉ କି ବିପଦ ସଙ୍କୁଳ ବାଉଁଶ ପୋଲ ଦେଇ ଯାତାୟତ କରୁଛନ୍ତି। ନିର୍ବାଚନ ସମୟ ଆସିଲେ ସ୍ଥାୟୀ ପୋଲ ପାଇଁ ମିଳେ ଅନେକ ପ୍ରତିଶ୍ରୁତି। ହେଲେ ଯଥା ପୂର୍ବଂ ତଥା ପରଂ ଭଳି ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଥାଏ। ଏହି ସମସ୍ୟା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦଳା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ ସେ କିଛି କହିନଥିଲେ। ଏହାପରେ ଆମେ ଉଦଳା ବିଧାୟକଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଲା ପରେ ସେ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ଥାୟୀ ପୋଲି ସମ୍ପର୍କରେ ଜଣାଇବେ ବୋଲି କହିଛନ୍ତି। ଆଗକୁ ଏହି ନଦୀ ପ୍ରତିବନ୍ଧକ ସମସ୍ୟା କେବେ ସମାଧାନ ହେଉଛି ଓ ଅଞ୍ଚଳବାସୀଙ୍କ ଦୁଃଖ କେବେ ଦୂର ହେଉଛି ତାହା କେବଳ ଅପେକ୍ଷା।

# ଦେବ ମନ୍ଦିର ନିଷ୍କ୍ରିୟ ସ୍ଥାନ ନୁହଁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ହିନ୍ଦୁମାନଙ୍କର ବିଶ୍ୱାସ ଥିବା ବିଭିନ୍ନ ମନ୍ଦିର ଦେବ ସ୍ଥାନକୁ ଜଟିଳତାରେ ପକାନଯାଉ। ଚିକିତ୍ସକମାନେ ଔଷଧ ଦେଇ ରୋଗ ଭଲ କରିବା ସହିତ କିଛି ପଥ୍ୟ ଅନୁପାତ ବ୍ୟବସ୍ଥା କରନ୍ତି। ଏମିତି କିଛି ରୋଗ ଅଛି ଯାହା ସାମୁହିକ ଚେଷ୍ଟାରେ ଆୟତ ହୁଏ। ଏହିସବୁ ରୋଗ ପ୍ରଥମ ଉପସର୍ଗ ରୂପେ ଉଦ୍ରେକ ହୁଏ। ମନୁଷ୍ୟର ଘ୍ରାଣଶକ୍ତି ଅନେକ ରୋଗ ବହନ କରେ। ଏହି ପ୍ରକାର ଘ୍ରାଣଶକ୍ତିର ରୋଗର ସାମୁହିକ ଉପଚାର ସବୁ ମନ୍ଦିର ସହିତ ଜଡ଼ିତ କରାଯାଇଛି। କର୍ପୁର ଆରତୀ, ଘୃତ ଦ୍ୱୀପ ପ୍ରଜ୍ୱଳନ ଝୁଣାର ଧୂଆଁ ହଳଦୀ ଚୁଆ ତେଲ ଦିଅଙ୍କ ଅଙ୍ଗରେ ଲେପନ, ତୁଳସୀପତ୍ର, ବେଲପତ୍ର ବିଭିନ୍ନ



ଫୁଲ ଦେବତାଙ୍କୁ ବିଭିନ୍ନ ନିର୍ଦ୍ଦିଷ୍ଟ ସମୟରେ ଅର୍ପଣ ଚାଲିଥାଏ। ଦେବତାର ପାଦୁକରେ ତୁଳସୀ ଜଳ ହଳଦୀପାଣିର ମିଶ୍ରଣ ଚନ୍ଦନ କର୍ପୁର ମିଶ୍ରଣ ଜଳ ଦିଆଯାଏ। ଲୋକେ କେହି ସକାଳୁ ଖାଇ ଦେବ ମନ୍ଦିରକୁ ବା ସନ୍ଧ୍ୟାରେ ପେଟ ଭରି ଖାଇ ମନ୍ଦିରକୁ ଯାଆନ୍ତି ନାହିଁ। ଖାଲି ପେଟରେ ଦେବ ପାଦୁକ ଅମୋଘ ଔଷଧ ରୂପେ କାମ କରେ। ପୂର୍ବେ ତରଳ ଝାଡ଼ାର ଔଷଧ କର୍ପୁରାରିଷ୍ଟ ଥିଲା। ପେଟ ଗୋଳମାଳ ପରି ରୋଗର ବେଲପତ୍ର ମହୋଷଧି ଖାଲି ପେଟରେ କଞ୍ଚାଖିର ଶିବ ଦେବତାଙ୍କ ଉପରେ ଢ଼ାଳି ତାକୁ ଭକ୍ତି ବିଶ୍ୱାସରେ ପାନ କଲେ ପେଟ ଭିତରେ ପରିପାକ କ୍ରିୟାରେ ଥିବା ଅମ୍ଳ ଅଜିର୍ଣ୍ଣ ପରିପାକକ୍ରିୟାରେ ଘା ପରି ଭୟଙ୍କର ରୋଗ ପ୍ରଶମନ ହେଉଥିଲା। ସର୍ପ କାମୁଡ଼ାରେ ଯେତେ ଔଷଧ ଅଛି ତା ମଧ୍ୟରେ ଦେବ ମନ୍ଦିର ପାଦୁକ ଠିକ୍ ଭାବରେ ପ୍ରସ୍ତୁତ ରହିଥିଲେ ସର୍ପବିଷ ଖଣ୍ଡନ ହୁଏ। ଜଗତ୍‌ସିଂହପୁର ପିତେଇପୁରରେ କନକ ଦୁର୍ଗା ମନ୍ଦିରର ପାଦୁକ ଏବେ ବିଶ୍ୱାସ ହରାନୁହେଁ। ଆରଡ଼ିରେ ଗାରେଡି ନାହିଁ ଏ ବିଶ୍ୱାସ ଏବେ ବି ରହିଛି। ଅନେକ ଜଙ୍ଗଲ ବାସିନ୍ଦା ଏପରି ଜଡ଼ିବୁଟି ତାଙ୍କ ବଂଶାନୁକ୍ରମିକ ବିଦ୍ୟାରେ ପ୍ରୟୋଗ କରି ଆସୁଛନ୍ତି ଯହିଁରେ ସେମାନେ ସାଂଘାତିକ ରୋଗ ଗ୍ରସ୍ତ ନୁହଁନ୍ତି।

ଚର୍ତୁମାସ୍ୟା ପର୍ବରେ ଚାରିମାସ ଯାହା ଚନ୍ଦ୍ରମାନ ମାସ ଆଷାଢ଼ ଶୁକ୍ଳ ୧୧ଶୀ ରୁ କାର୍ତ୍ତୀକ ଶୁକ୍ଳ ୧୧ଶୀ ଯାଏ। ସେମାନେ ସେ ବାଟ ନଚାଲି ଏକ ସ୍ଥାନରେ ରହି ସାଧନ ଭଜନ, ପଠନ ଶିକ୍ଷା ଲାଭ କରୁଥିଲେ। ଜଗନ୍ନାଥ ଧାମରୁ ରଥଯାତ୍ରା ପରେ ଅନେକ ହିମାଳୟର ନାଗା ସନ୍ନ୍ୟାସୀ କେନ୍ଦ୍ରାପଡ଼ା ବଳରାମଙ୍କ ପୀଠର ମର୍ତ୍ତ୍ୟ ନରେନ୍ଦ୍ରଙ୍କ ବଡ଼କୋଠାରେ ଗୁରୁ ତାଙ୍କ ଶିଷ୍ୟ ଚେଲା ହାତି ଘୋଡ଼ା ସହିତ ସମୟ କଟାଉଥିଲେ। ପୁଣ୍ୟକାର୍ଯ୍ୟ ଯୋଗୁ ବହୁ ବ୍ୟୟ କରି ମଧ୍ୟ ରାଜାପରି ମହାନୁଭବ ନରେନ୍ଦ୍ର ଟିକେ ଦ୍ୱିଧା କରିନଥିଲେ। ସେତେବେଳେ ସାଧୁ ସେବାର ଯେ ଅପୂର୍ବ ଫଳ ଚିନ୍ତା କରାଯାଉଥିଲା। ଓଳାଷୁଣୀ ଗୁମ୍ଫାରେ ଏକ ତୋରାଣୀ ମାଗଣା ବଣ୍ଟନ କରାଯାଏ ଓ ଏରସମା ଯିବାପଥରେ ଜଗନ୍ନାଥପୁର ପରେ ଏକ ଆଶ୍ରମ ପଡ଼େ ଏଠାରେ ବି ସେହି ଟଙ୍କ ତୋରାଣୀ ପିଇବାକୁ ମିଳେ, ଏସବୁ ବହୁ ରୋଗର ନିବାରଣୀ ଶକ୍ତି ସମ୍ପନ୍ନ। ଆମର ରାଜ୍ୟରେ ଏକ ବିଶେଷ ଧର୍ମ ମହିମା ଧର୍ମ। ଏହାର ଢ଼େଙ୍କାନାଳ ଯୋରନ୍ଦା ଓ ବଲାଙ୍ଗୀର ଖଲିଆପାଲିରେ ରହିଛି। ଏମିତିକି ରାଜ୍ୟରେ ବହୁ ଟୁଙ୍ଗୀ ରହିଛି। କଟକରେ ଚାନ୍ଦିନୀଚୌକରେ ବିଶ୍ୱନାଥ ବାବାଙ୍କ ଟୁଙ୍ଗି ରହିଛି। ଏ ଧର୍ମ ବିଶ୍ୱାସୀମାନେ ଭୀଷଣ କର୍ମଠ, ସତ୍ୟବାଦୀ। ସୂର୍ଯ୍ୟ ଉଦୟ ଅସ୍ତ କାଳରେ ଅଲେଖ ନିରଞ୍ଜନଙ୍କୁ ଉପାସନା କରୁଛନ୍ତି। ଏମାନେ ସାଦାସିଧା ଜୀବନ ବିତାନ୍ତି। ଏମାନଙ୍କୁ ଜଟିଳ ରୋଗ ଧରିବା କେବେ କେହି ଶୁଣି ନଥିବ। ଏମାନେ ନୀରୋଗୀ ଓ ଦୀର୍ଘଜୀବି। ଏମାନଙ୍କର ଧର୍ମୀୟ ଆଚରଣରେ ଏମିତି କିଛି ଆର୍ୟୁବେଦୀୟ ମୂଳ ନିୟମ ଜଡ଼ିତ ରଖାଯାଇଛି। ସୂର୍ଯ୍ୟ କିରଣର ଅଲଟ୍ରା ଭାଓଲେଟ କିରଣ ଆହରଣ ରାତ୍ରୀ ଭୋଜନ ନିଷେଧ ଏସବୁ ଧର୍ମ ବିଶ୍ୱାସରେ ଜଡ଼ିତ ରଖାଯାଇଛି। ଥରେ ଚରଣ ଦାସ ବାବା ଆମ ଗ୍ରାମପାଖ ଲହଙ୍ଗା ଗ୍ରାମକୁ ଆସିଥିଲେ ଜଣେ ବିଖ୍ୟାତ ବ୍ୟକ୍ତି ସେ ଗ୍ରାମ ଦୟାନିଧି ସ୍ୱାଇଁ ଯେ ଅପେରା ନାଟ୍ୟ ସଂସ୍ଥାରେ ରାଜ୍ୟ ବିଖ୍ୟାତ ତାଙ୍କର ଜ୍ୱାଇଁ ଜଣେ ଭଲ ଡାକ୍ତର ଦୟାନିଧି ବାବୁଙ୍କର ରକ୍ତଚାପ ରୋଗ ଥିବା ବାବୁଙ୍କୁ ଜଣାଇଲେ। ବାବା ତାଙ୍କୁ କହିଲେ ଦେଖ ତୁମେ ପତ୍ର ପୋଡ଼ାକରି ପିତା ଶୁଖୁଆ ସକାଳୁ ପଖାଳ ଭାତରେ ଖାଅ, ରୋଗ ଚାଲିଯିବ। ବାସ ତାହାହିଁ ତାଙ୍କର ହୋଇଥିଲା। ଆଜି ଯେଉଁ କଫି ସମସ୍ତେ ଖାଉଛନ୍ତି ଏହାକୁ ଭାରତବର୍ଷକୁ ଆଣି ଲୋକରେ ପ୍ରଚାର କରିବା ବ୍ୟକ୍ତି ହେଉଛନ୍ତି ବୋଖାରୀ ସାହେବ। ଯେ କାଇ ପଦର ସରୀଫରେ ମହିମାଉକ୍ତ। ସେତେବେଳେ ତାଙ୍କ ସହିତ ବାଟ ଚାଲି ଚାଲି ଥକତ ହୋଇ ପଡ଼ି ଥିବା ଲୋକଙ୍କୁ କଫି ମଞ୍ଜି ଦେଇ ତାକୁ ସିଝେଇ ପିଇବା ପାଇଁ କହିଥିଲେ ତାପରେ ସେ ଲୋକମାନେ ଶ୍ରମକଷ୍ଟରୁ ମୁକ୍ତ ହୋଇଥିଲେ। କାଳୀନନ୍ଦ ବ୍ରହ୍ମଚାରୀ ଅପୂର୍ବ ସାଧୁ ଯଦି କେହି ଦେଓଘର ଯିବେ ସେଠାରୁ ଅଳ୍ପ ଦୂରଗଲେ ତାଙ୍କର ଆଶ୍ରମକୁ ଯାଇପାରିବେ। ଏକଦା ସେ ନର୍ମଦା ପରିକ୍ରମା ବେଳେ ଜଣେ ବିକ୍ରୟକର୍ତ୍ତାଙ୍କ ସନ୍ଦେହ ଭାଜନରେ ଆସିଥିଲେ। ତାଙ୍କର ଝୋଲି ତଦନ୍ତ ବେଳେ ତହିଁରୁ ଶଙ୍ଖୁଆ ଗୁଣ୍ଡ ବାହାରିଥିଲା ଓ ତାଙ୍କର ଚୁମୁଟା, ଛୋଟ ଛୁରୀ ଏସବୁକୁ ସନ୍ଦେହ ପରିସରରେ ରଖି ତାଙ୍କୁ ପୋଲିସ ପଚାରି ବ୍ୟତିବ୍ୟସ୍ତ କରିଥିଲେ ସେ କହିଲେ ବାବୁମାନେ ଆମେ ସାଧୁ ଖାଲି ଦେହରେ ରହୁ ଶରୀରକୁ ଶୀତରୁ ରକ୍ଷା ପାଇଁ ଏହାକୁ ଭକ୍ଷଣ କରୁ ମାତ୍ର ପୋଲିସ ଓ ଅଧିକର୍ତ୍ତା ଧରି ନେଇଥିଲେ ଯେ ଏଇ ବିଷ ଦେଇ ଚୁମୁଟାରେ ପିଟି ଭୂଷି ଚାକୁ ଚଳାଇ ଲୋକଙ୍କୁ ଏ ଲୁଟୁଛନ୍ତି। ଶେଷରେ ତାଙ୍କୁ ଶଙ୍ଖୁଆ ବିଚୁର୍ଣ୍ଣ ଗୁଡ଼ିକୁ ମାଆ ନର୍ମଦାଙ୍କୁ ସ୍ମରଣକରି ଖାଇ ଦେଇ ବହୁ ସମୟ ମୂର୍ଚ୍ଛିତ ରହିଲେ ତାଙ୍କର ହରେ ନର୍ମଦା ଶବ୍ଦ ଉଚ୍ଚାରଣ ନର୍ମଦା ଜଳ ପାନ ତାଙ୍କୁ କିଛି ସମୟ ପରେ ଚେତା ଦେଇଥିଲା। ହେଲେ ପୋଲିସକୁ ଆଦେଶ ଦେଇଥିବା ଅଫିସରଙ୍କ ପିଲା ସାଂଘାତିକ ଅବସ୍ଥା ଭୋଗିଲା। ପରେ ବ୍ରହ୍ମଚାରୀଙ୍କ ପାଖରେ ସାହେବ ଶରଣାପନ୍ନ ପରେ ପିଲା ବି ଭଲ ହୋଇଯାଇଥିଲା।

ଯେଉଁ ତୀର୍ଥକୁ ଯାଅ ସେଂାରେ ପ୍ରସାଦ ପୂଜା ବିଧାନ ଭିନ୍ନ ଭିନ୍ନ ଓ ଦୈବ ଉପଚାର ପାଇଁ ଭିନ୍ନ ଭିନ୍ନ ଦ୍ରବ୍ୟ ଲାଗୁଛି। ଦ୍ରବ୍ୟ ଗୁଣ ଶାସ୍ତ୍ରର କରାମତି ଏ ସବୁ ଧର୍ମପୀଠରେ ଜଡ଼ିତ। ଜାନ୍ତବ ଜୀବର ପ୍ରତିନିଧି କାକୁଡ଼ି ପାଣି କଖାରୁ ଆଖୁ ପରି ଫଳରେ



ନ୍ୟାସ କରି କରାଯାଉଛି। ପଶୁ ଶକ୍ତିକୁ ଅସୁର ଶକ୍ତିକୁ କେମିତି ଦମିତ କରାଯିବ, ଏହା ସହିତ ବିଧାନ ଜଡ଼ିତ ରଖିବାକୁ ପଡ଼ିବ। ଦୁର୍ଗାପୂଜାରେ ତିନି ଜାତି ଜଡ଼ିତ। ପ୍ରଥମ ବ୍ରାହ୍ମଣ ମେଧସ ଋଷି, ସୁରଥ ରାଜା କ୍ଷେତ୍ରୀୟ ସମାଧି ବୈଶ୍ୟ ସମାଜର ଏହି ତିନିଜାତି ମେରୁଦଣ୍ଡ ପରି ଏହାର ଅର୍ଥ ଶୁଦ୍ର ସେବକମାନେ ଏଥିରେ ନାହାଁନ୍ତି। ଆନନ୍ଦ ହିଁ ଦେବତା ଜଗଜ୍ଜନନୀ ମହାଲକ୍ଷ୍ମୀ ମହାସରସ୍ୱତୀ ଦୁର୍ଗା ଶ୍ରୀଗଣେଶ ଶ୍ରୀକାର୍ତ୍ତିକେଶ୍ୱର ସବାହାନ ସହିତ ସ୍ୱ ସ୍ୱ ଆୟୁଧରେ ସଜ୍ଜିତ ରହି ପୂଜା ପାଆନ୍ତି ଏଥିରେ ଘୃତ ବନୌଷଧି ନବପତ୍ରିକା ସୁଗନ୍ଧି ଦ୍ରବ୍ୟ ବହୁତ ପ୍ରୟୋଗ ହୁଏ। ବେଶ୍ୟା ଦ୍ୱାରା ମାଟି ନହେଲେ ଏ ପୂଜାର ମୂର୍ତ୍ତି ହୋଇ ନପାରେ। ବେଶ୍ୟା ନିନ୍ଦନୀୟ ବୃତ୍ତିର ହେଲେ ବି ଏ ପୂଜାରେ କୌଳ ସମ୍ପର୍କ କରାଯାଏ। ବିନା ଅନୁମତିରେ ବେଶ୍ୟା ଦ୍ୱାରା ମାଟି ଲୁଚାଇ ଅଣାଯାଏ। ନାହିଁ ପୁଣି , ମାଟି ବିଧାନରେ ଅଣାଯାଏ। ପଶ୍ଚିମବଙ୍ଗରେ କଲିକତା, କୁମ୍ଭାରଟୋଲିର କୁମ୍ଭକାର ମାନେ ଏପରି ବିଧାନରେ ମାଟି ସଂଗ୍ରହ କରିଥାନ୍ତି। ପୂଜାକୁ ବିଶ୍ୱାସ ଭକ୍ତରେ କରାଯାଏ। ତିଥି ଓ ନକ୍ଷତ୍ର ଦୁଇଭିତ୍ତିକ ଏ ପୂଜା କରାଯାଏ। ନିୟମକୁ ଛାଡ଼ି ମନ୍ଦିର ଦେବତା ପୂଜା କେବେ ନୁହଁ କି ଏବେ ନୁହଁ।



*ସମ୍ପାଦକ 'ବରେଣ୍ୟବାଣୀ'*
*ଅରୁଣଦୋୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

# ଜାଗିଉଠ ଆଜି ଜାଗିଉଠ

ସତ୍ୟବାଦୀ ବଳିଆରସିଂହ

ଦୁଇ ଜଣ ଶିକ୍ଷିତ, ସଚେତନ ଓଡ଼ିଆ ଯୁବକଙ୍କୁ ଦିନେ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡ଼ିଥିଲା । ସେମାନଙ୍କର ଏକମାତ୍ର ଅପରାଧ ଥିଲା ଦେଶ ଓ ଜାତିକୁ ଭଲ ପାଇବା, ଗଡ଼ଜାତ ରାଜ ଶାସନର ଅନ୍ୟାୟ ଅନୀତି, ଶୋଷଣ, କଷଣ, ଜୁଲମ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ଆନ୍ଦୋଳନ କରିବା। ପରାଧୀନ ଭାରତ ବର୍ଷରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ସେଇ ଓଡ଼ିଆ ତରୁଣ ଦ୍ୱୟ ହେଉଛଂତି ରଣପୁର ଥାନା ବାଦଭୂଇଁ ଗ୍ରାମର ରଘୁନାଥ ମହାନ୍ତି ଓ ଗଡ଼ବାଣୀ କିଲୋ ଗ୍ରାମର ଦିବାକର ପରିଡ଼ା । ଏହି ଦୁଇ ସାଙ୍ଗ, ଦୁଇ ଶହୀଦଙ୍କୁ ସାରା ରାଜ୍ୟରେ ଲୋକେ ଶହୀଦ ରଘୁ-ଦିବାକର ବୋଲି ଜାଣନ୍ତି । ସେମାନଙ୍କ ସଂକଳ୍ପ ଥିଲା ଦେଶ ଓ ଜାତିର ମୁକ୍ତି ସଂକଳ୍ପ।

ରଣପୁର ରାଜ ଶାସନରେ ପ୍ରଜାମାନଙ୍କ ଅଧିକାର ବହୁ ପରିମାଣରେ ସଂକୁଚିତ ହୋଇଯାଇଥିଲା । ରାଜ୍ୟରେ ଥିବା ଗଛ ଓ ମାଛ ଉପରେ ପ୍ରଜାମାନଙ୍କର କୌଣସି ଅଧିକାର ନଥିଲା । ରାଜ୍ୟରେ ସଡ଼କ ନିର୍ମାଣ ହେଲେ ତାହା ବେଠିରେ ହୁଏ । ରାଜା ଜଙ୍ଗଲକୁ ପାରିଧିରେ ଗଲେ ଲୋକମାନେ ବେଠିରେ ଯାଆନ୍ତି । ରଥଯାତ୍ରା, ରାସ ଯାତ୍ରା ଓ ବିଭିନ୍ନ ପର୍ବ ପର୍ବାଣିରେ ମଧ୍ୟ ବେଠି ହୁଏ । ମାଗଣାରେ କାମ କରିବାକୁ ବେଠି କୁହାଯାଏ । ଦଶହରା ଓ ସୁନିଆଁରେ ପ୍ରଜାମାନେ ବିଭିନ୍ନ ଦ୍ରବ୍ୟମାନ ଭେଟି ଆକାରରେ ରାଜାଙ୍କୁ ଦେଇଥାନ୍ତି । ପ୍ରତ୍ୟେକ ବର୍ଗର ଲୋକମାନେ କୌଳିକ ବୃତ୍ତି ଅନୁଯାୟୀ ଭେଟି ଦେଇଥାନ୍ତି । ରାଜାଙ୍କର ବିବାହ ବ୍ରତ କାର୍ଯ୍ୟରେ ମାଗଣ ଓ ରସଦ ଆଦାୟ କରାଯାଏ । ପୋଲିସ ଓ ରାଜ କର୍ମଚାରୀମାନଙ୍କର ଅନ୍ୟାୟ ଜୁଲୁମ ବରଦାସ୍ତ କରିବାକୁ ଲୋକମାନେ ବାଧ ହୋଇଥାନ୍ତି । ଏପରିକି ଲୋକମାନେ ଯାଉଁଳି କବାଟ ଓ ଘୋଷରା ପାହାଚ ବ୍ୟବହାର କରିବା ନିଷିଦ୍ଧ ଥିଲା । ସେଥିପାଇଁ କୁହାଯାଉଥିଲା, "ଗଡ଼ଜାତେ ଯେବେ କରିବୁ ଘର, ଦାଣ୍ଡ ଘର ଖଣ୍ଡି ଅଛୁଆ କର ।" ଖବର କାଗଜ, ପତ୍ରପତ୍ରିକା ମଗାଇବା କିଂବା ପଢ଼ିବା ବେଆଇନ୍ ଓ ଅପରାଧ ଥିଲା । ଅଥଚ ମାଘ ମାସରେ ରାଜାଙ୍କ ଇଷ୍ଟଦେବୀ ମଣିନାଗ ଦୁର୍ଗାଙ୍କ ନିକଟରେ ନରବଳି ଦେବା ଆଇନ୍‌ସିଦ୍ଧ ଥିଲା।

ଓଡ଼ିଶାର ବିଭିନ୍ନ ଗଡ଼ଜାତମାନଙ୍କରେ ରାଜଶାସନର ଅନ୍ୟାୟ ଅନୀତି ବିରୋଧରେ ପ୍ରଜା ଅସନ୍ତୋଷ ବୃଦ୍ଧି ପାଇଥିଲା । ଓଡ଼ିଶାରେ ଥିବା ଗଡ଼ଜାତ ଅଂଚଳର ପ୍ରଜାମାନଙ୍କୁ ନେଇ ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ପଟ୍ଟାଭି ସୀତାରାମାୟାଙ୍କ ନେତୃତ୍ୱରେ ଓଡ଼ିଶା ଷ୍ଟେଟସ ପିପୁଲ୍‌ସ କନଫରେନ୍ସ ଗଠନ କରାଗଲା । ଏହି ସଂସ୍ଥାର ଦିଗ୍‌ଦର୍ଶନରେ ରଣପୁରରେ ଗଠିତ ହୋଇଥିଲା ପ୍ରଜାମଣ୍ଡଳ । ରଣପୁର ପ୍ରଜାମଣ୍ଡଳରେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଯଥାକ୍ରମେ ସଂପାଦକ ଓ ସଂଗଠନ ସଂପାଦକ ରହିଲେ । ସାତଖଣ୍ଡ ପୁସ୍ତକ ଲେଖିଥିବା ରଘୁନାଥ ମହାନ୍ତିଙ୍କ ଶର୍ବରୀବାଳା ପୁସ୍ତକର ମୁଖବନ୍ଧରେ ରାଜାଙ୍କୁ ସମାଲୋଚନା କରିଥିବା ଅଭିଯୋଗ ନେଇ ତାଙ୍କୁ ରଣପୁର ରାଜ୍ୟରୁ ବିତାଡ଼ିତ କରାଯାଇଥିଲା । ସେ ପୁରୀ ଓ କଟକ ଆଦି ସ୍ଥାନରେ ରହି ପ୍ରଜାମାନଙ୍କ ଆନ୍ଦୋଳନାତ୍ମକ ଖବର ସମ୍ବାଦ ପତ୍ରରେ ପ୍ରକାଶ କରାଉଥିଲେ। ରଣପୁର ନରେନ୍ଦ୍ର ପ୍ରେସରେ ସହକାରୀ ପରିଚାଳକ ଥିବା ଦିବାକର ପରିଡ଼ା ଏକ ସଡ଼କ ବେଠିର ଦୃଶ୍ୟ ଦେଖି ଚାକିରୀ ପରିତ୍ୟାଗ କରି ଆନ୍ଦୋଳନରେ ମାତିଲେ । ରାତିରେ ଗାଁ ଗାଁ ବୁଲି ଲୋକମାନଙ୍କୁ ମତାଇଲେ। ତିନି ଖଣ୍ଡ ପୁସ୍ତକ ଲେଖିଥିବା ଦିବାକରଙ୍କର ବିଦ୍ରୋହ କବିତାର ସ୍ୱର ତୀବ୍ରଥିଲା । ସେ ଲେଖିଥିଲେ :-

"ରଣପୁର ଭାଇ ଜାଗିଉଠ ଆଜି
ଶୋଷଣ କଷଣ ବନ୍ଦୀଶାଳେ
ଭାଙ୍ଗି ଦିଅରେ ବଣ ଜଙ୍ଗଲର
ଗଡ଼ଜାତି ରାଜ ବାହୁବଳେ।
ଅନ୍ଧାରି ଆଇନ ପୋଲିସ ଜୁଲୁମ
ଦୁଃଖୀ ଜନତାର ନିର୍ଯ୍ୟାତନା
ରଣପୁରେ ଦିଅ ରଣ ହୁଙ୍କାର
ମଇନାକେ ଉଡୁ ମୁକ୍ତିବାନା ।

ଦିବାକରଙ୍କ ବିଭିନ୍ନ କବିତାମାନ ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଥିଲା । ପରବର୍ତ୍ତୀ ସମୟରେ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜାମାତା ରଣପୁର ଗଡ଼ରେ ଜନ୍ମ ଗ୍ରହଣ କରିଥିବା ପ୍ରଫେସର ଡ. ଗୋପାଳଚନ୍ଦ୍ର ମିଶ୍ର ରଣପୁର ପ୍ରଜା ଆନ୍ଦୋଳନକୁ





ନେଇ ଯେଉଁ ପୁସ୍ତକ ରଚନା କରିଥିଲେ ତା'ର ନାମ ଦେଇଥିଲେ "ବିଦ୍ରୋହୀ ଦିବାକର"।

ରଘୁନାଥ ଓ ଦିବାକର ନିର୍ଜନ ରାତିରେ ଗାଁ ଗାଁ ବୁଲି ପ୍ରଜାମାନଙ୍କ ଚିନ୍ତା ଓ ଚେତନାକୁ ଜାଗ୍ରତ କରାଇ ବିପ୍ଳବର ଯେଉଁ ମଞ୍ଜି ବୁଣିଥିଲେ ତା'ର ଫଳସ୍ୱରୂପ ରାଜାଙ୍କୁ ପ୍ରଜାମଣ୍ଡଳ ଦମନ ନିମନ୍ତେ ବୌଦ୍ଧ ଓ ସିକନ୍ଦରାବାଦରୁ ପୋଲିସ୍ ଫୋର୍ସ ମଗାଇବାକୁ ପଡ଼ିଥିଲା । ଏପରିକି ୨୬ଟି ଗଡ଼ଜାତର ମୁଖ୍ୟ ପଲିଟିକାଲ ଏଜେଣ୍ଟ ମେଜର ଆର.ଏଲ୍. ବେଜଲଗେଟ୍ ୧୯୩୮ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ରଣପୁର ଗଡ଼ ଆସିବାକୁ ପଡ଼ିଲା । ସେହିଦିନ ପ୍ରଜାମଣ୍ଡଳର ସଂପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସଂପାଦକ ଦିବାକର ପରିଡ଼ା ରାଜବାଟୀ ସାମନାରେ ଉପସ୍ଥିତ ଜନତାଙ୍କ ମେଳରେ ଦେଓ୍ୱାନ ଚଣ୍ଡେଶ୍ୱର ମିଶ୍ରଙ୍କ ସହ ୨୬.୧୧.୧୯୩୮ ତାରିଖରେ ରାଜ ଦରବାରଙ୍କ ଘୋଷିତ ଦାବୀ ସମ୍ବନ୍ଧୀୟ ଘୋଷଣାପତ୍ରର ଆଲୋଚନାରେ ବ୍ୟାପୃତ ଥିଲେ । ବେଜଲଗେଟ ସେଠାରେ ଉପସ୍ଥିତ ହେବାରୁ ଦେଓ୍ୱାନ ଇଂରାଜୀରେ ଅନୁବାଦ କରି ତାହା ବୁଝାଉଥିଲେ । ଏହି ସମୟରେ ଦେଖାଦେଲା ଏକ ଆଲୋଡ଼ନ। କିଛି ଉତ୍ତ୍ୟକ୍ତ ଲୋକ ମଣିଷଟଣା ଶଗଡ଼ଗାଡ଼ିରେ ଲୋକଙ୍କୁ ଡକାଇ ଚିତ୍କାର କରୁଥିଲେ "ପଲିଟିନା ସାହେବ ଆମ ଭାଇକୁ ମାରିଦେଲା"। ଫଳରେ ଘଟଣାର କ'ଣ ଜାଣିବା ପାଇଁ ବେଜେଲଗେଟ ଜନଗହଳି ଆଡ଼କୁ ମାଡ଼ି ଚାଲିଲେ । ସେଠାରେ ଠେଲାପେଲା ହା ହୋଲ୍ଲା ମଧ୍ୟରେ ନିଜକୁ ନିୟନ୍ତ୍ରଣ କରିନପାରି ସାହେବ ପିସ୍ତଲ କାଢ଼ିଲେ ଓ ତା'ଙ୍କ ଗୁଳିରେ ଶିକାର ହେଲେ ଯୁବକ ଅର୍ଜୁନ ରାଉତ । ଏହା ପରେ ଉତ୍ତ୍ୟକ୍ତ ଜନତା ଠେଙ୍ଗାରେ ପିଟି ପିଟି ବେଜଲଗେଟ୍‌କୁ ହତ୍ୟା କଲେ ।

ଏହି ହତ୍ୟାକାଣ୍ଡ ଯୋଗୁଁ କେବଳ ଭାରତ ନୁହେଁ ବ୍ରିଟିଶ ପାର୍ଲାମେଣ୍ଟ ମଧ୍ୟ ଥରହର ହୋଇଥିଲା । ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ପଲିଟିକାଲ ଏଜେଣ୍ଟ ଭଳି ବ୍ରିଟିଶ ସରକାରଙ୍କ କୌଣସି ଉଚ୍ଚ ପଦସ୍ଥ ଅଫିସର ନିହତ ହୋଇନଥିଲେ । ବ୍ରିଟିଶ ପାର୍ଲାମେଣ୍ଟରେ ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ ପିସ୍ତଲ ଠାରୁ କ'ଣ ଠେଙ୍ଗା ଶକ୍ତିଶାଳୀ ? ଏଣୁ ଠେଙ୍ଗାର ଶକ୍ତି ପରୀକ୍ଷା କରିବାକୁ ରଣପୁର ଜଙ୍ଗଲରୁ ପାଞ୍ଚ ଶହ ବାଉଁଶ ଠେଙ୍ଗା ଲଣ୍ଡନ ଯାଇଥିଲା । ଠେଙ୍ଗା ପରୀକ୍ଷା କରାଯିବା ପରେ ବିରୋଧିଦଳର ଜଣେ ସଦସ୍ୟ ଘୋଷଣା କରିଥିଲେ, ବେଜଲଗେଟ୍ ଲୋକଙ୍କ ରୁଦ୍ଧ ଅସନ୍ତୋଷର ଶିକାର ହେଲେ ।

ବେଜଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରରେ ଚାଲିଲା ଅକଥନୀୟ ଅତ୍ୟାଚାର ଓ ଦମନଲୀଳା। ସାରା ରାଜ୍ୟର ଲୋକ ଘରଦ୍ୱାର ଛାଡ଼ି ନିକଟସ୍ଥ ଖାସମାହାଲ ଓ ନୟାଗଡ଼ ଖଣ୍ଡପଡ଼ା ରାଜ୍ୟରେ ଆଶ୍ରୟ ନେଇଥିଲେ । ହତ୍ୟାକାଣ୍ଡ ଜାନୁଆରୀ ୫ ତାରିଖ ଦିନ ହୋଇଥିଲେ ହେଁ ତା'ପର ମାସ ଫେବୃଆରୀ ୯ ତାରିଖରେ ଏତଲା ଦିଆଯାଇଥିଲା । ରଘୁ ଦିବାକରଙ୍କ ନାମରେ ମିଥ୍ୟା ସାକ୍ଷୀ ଯୋଗାଡ଼ କରାଯାଇ ମକଦ୍ଦମା ଚାଲିଲା । ବିହାର ଗୟା ଜିଲାର ଗୋରା ଦୌରାଜଜ ଜେ.ଜେ. ସିଅରରଙ୍କ କୋର୍ଟରେ ବିଚାରର ପ୍ରହସନ ଚାଲିଲା । ସରକାରଙ୍କ ପକ୍ଷରୁ ରାୟ ବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ଏବଂ ରଘୁ ଦିବାକରଙ୍କ ପକ୍ଷରୁ ପ୍ରାଣନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଡିଫେନ୍ସ କମିଟି ଗଠନ କରାଯାଇ ଦୀନବଂଧୁ ସାହୁ, ସଚ୍ଚିନ୍ଦ୍ରନାଥ ଚଟାର୍ଜି, ଗଦାଧର ଜେନା, ମହମ୍ମଦ ହନିଫ୍ ଓ ଯଦୁମଣି ପଟ୍ଟନାୟକ ପ୍ରମୁଖ ମୋକଦ୍ଦମା ଲଢ଼ିଲେ । କିଂତୁ ରଘୁ ଦିବାକରଙ୍କୁ ଫାଶୀ ଆଦେଶ ହେଲା । ସେମାନେ ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଏପ୍ରିଲ ୪ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ଦେବା ପାଇଁ ହସି ହସି ଫାଶୀବରଣ କଲେ। ସେମାନେ ଆମ ଜାତିର ପୂଜ୍ୟ ଓ ନମସ୍ୟ । ସେହି ଶହୀଦଙ୍କ ଅମର ଆତ୍ମା ସ୍ୱର୍ଗରେ ଥାଇ ସ୍ୱାଧୀନତା ପରେ ଆମ୍ଭେମାନେ ସ୍ୱାଧୀନତାର ସୁଖ କିପରି ଭୋଗ କରୁଛେ ସେଥିରେ ସେମାନେ ସୁଖୀ କିଂବା ଦୁଃଖୀ ହେଉଛଂତି ତାହା ଆମେ ଜାଣିପାରୁ ନାହୁଁ । ସେମାନେ ସମାଜରେ ଶୋଷଣ ବିହୀନ ମାନବ ସମାଜ ପ୍ରତିଷ୍ଠା ଚାହୁଁଥିଲେ ତାହା କେତେଦୂର ସଫଳ ହୋଇଛି ତାହା ସମୟ କହିବ ।

*ଉପଦେଷ୍ଟା*
*ଶହୀଦ୍ ରଘୁ ଦିବାକର ସ୍ମୃତି କମିଟି,*
*ଭୁବନେଶ୍ୱର*

## ଓଡ଼ିଶାର ପ୍ରଦର୍ଶନକୁ କେନ୍ଦ୍ରର ପ୍ରଶଂସା

**ଭୁବନେଶ୍ୱର :** ରାଜ୍ୟରେ ୮ଟି ବୃହତ ପ୍ରକଳ୍ପର ସମୀକ୍ଷା କରିଛନ୍ତି କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ କମିଟି ଇନଭେଷ୍ଟମେଣ୍ଟ (ସିସିଆଇ)। କେନ୍ଦ୍ର ସରକାରଙ୍କ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ଏକ ପ୍ରତିନିଧି ଦଳ ଗୁରୁପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଅନ୍ୟ ରାଜ୍ୟ ତୁଳନାରେ ବିଭିନ୍ନ ପ୍ରକଳ୍ପ ପରିଚାଳନା ଓ ଅଗ୍ରଗତି କ୍ଷେତ୍ରରେ ଓଡ଼ିଶା ସନ୍ତୋଷଜନକ ପ୍ରଦର୍ଶନ କରିଥିବା କମିଟି ମତ ଦେଇଛି। ଲୋକସେବା ଭବନ ସମ୍ମିଳନୀ ହଲରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ମିଳିତ ବ୍ୟାୟାମ ଅତ୍ୟନ୍ତ ଫଳପ୍ରଦ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଯଥେଷ୍ଟ ଅଗ୍ରଗତି ହୋଇଛି। ପ୍ରତ୍ୟେକ ପ୍ରକଳ୍ପର ସ୍ଥିତି, ସମସ୍ୟା ଅନ୍ୟ ସ୍ଥାନଠାରୁ ଭିନ୍ନ। ତେଣୁ



ପ୍ରତ୍ୟେକ ପ୍ରକଳ୍ପର ନିଜସ୍ତରରେ ରହିଥିବା ସମସ୍ୟାକୁ ସେହି ସ୍ଥାନର ଆବଶ୍ୟକତା ଜରିଆରେ ସମାଧାନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସମୀକ୍ଷା ହୋଇଥିବା ୮ଟି ପ୍ରକଳ୍ପ ମଧ୍ୟରେ ୪ଟି ରେଳ, ଦୁଇଟି ଜାତୀୟ ରାଜପଥ ସଂକ୍ରାନ୍ତ ଥିବା ବେଳେ ଅନ୍ୟ ଦୁଇଟି ମଧ୍ୟରେ ଗୋଟିଏ ଶକ୍ତି ପ୍ରକଳ୍ପ ଓ ଅନ୍ୟଟି ଗ୍ୟାସ ପ୍ରକଳ୍ପ ଥିଲା। ଜଙ୍ଗଲ ଅନୁମତି, କ୍ଷତିପୂରଣ, ବୃକ୍ଷରୋପଣ, ଗଛ କାଟିବା, କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ପ୍ରାୟ ୪୦ଟି ପ୍ରସଙ୍ଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ମୁଖ୍ୟ ସଚିବ ପ୍ରତ୍ୟେ କାର୍ଯ୍ୟ ଶେଷ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଥିଲେ। ରେଳ ପ୍ରକଳ୍ପ ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗିର ୨୮୯ କିଲୋମିଟର ରେଳପଥ, ବୁଢ଼ାପଙ୍କ-ସାଲେଗାଓ ରେଳପଥର ୪ର୍ଥ ରେଳ ଲାଇନ, ବିଜୟନଗରମ-ସମ୍ବଲପୁର (୨୬୪.୬ କିଲୋମିଟର), ରାଉରକେଲା-ଝାରସୁଗୁଡା ତୃତୀୟ ଲାଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଅନୁଗୋଳ-ସମ୍ବଲପୁର ସଡକ ପ୍ରକଳ୍ପ, ଜାତୀୟ ରାଜପଥ ୬ର ସିଙ୍ଗାରା-ବିଞ୍ଝାବାହାଲ ସେକ୍ସନ ସହ ଦର୍ଲିପାଲି ଏସ୍‌ଟିପିପି (୮୦୦ ମେଗାୱାଟର ୨ଟି ସିପିପି) ଓ ପାରାଦୀପ-ହାଇଦ୍ରାବାଦ ଗ୍ୟାସ ପାଇପ ଲାଇନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ହୋଇଛି। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ସଚିବ ଡ. ମୋନା ଶର୍ମାଙ୍କ ସହ ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଫେବୃଆରୀରେ ବଜେଟ୍ ଅଧିବେଶନ



**ଭୁବନେଶ୍ୱର :** ଆସନ୍ତା ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହରେ ବସିବ ବିଧାନସଭାର ବଜେଟ୍ ଅଧିବେଶନ। ଏଥିରେ ୩୦ କିମ୍ବା ୩୧ଟି କାର୍ଯ୍ୟକାରୀ ଦିବସ ରହିବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ହେଲେ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏନେଇ ବିଧିବଦ୍ଧ ପ୍ରସ୍ତାବ ଦିଆଯାଇ ନାହିଁ। ତେବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ବିଶେଷଜ୍ଞ, ବ୍ୟବସାୟୀ ତଥା ଶିଳ୍ପୋଦ୍ୟୋଗୀଙ୍କ ପ୍ରତିନିଧି ଏବଂ କୃଷକମାନଙ୍କ ସହିତ ଭର୍ଚୁଆଲ୍ ମାଧ୍ୟମରେ ପ୍ରାକ୍ ବଜେଟ୍ ପରାମର୍ଶ କରିଛନ୍ତି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଶୀତ ଅଧିବେଶନ ଭଳି ଏଥର ବି ବଜେଟ୍ ଅଧିବେଶନ କୋଭିଡ୍ କଟକଣା ଭିତରେ ବସିବ। ମାତ୍ର ଶନିବାର କିମ୍ବା ରବିବାର ବିଧାନସଭା ଖୋଲା ରହିବ କି ନାହିଁ ତାହା ସ୍ଥିର ହୋଇନାହିଁ। ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହରୁ ଏପ୍ରିଲ ଚାରି ତାରିଖ ଯାଏ ଗୃହ ଚାଲିବ ବୋଲି ଜଣାପଡ଼ିଛି। ଏହି ସମୟ କାଳ ଭିତରେ ୩୦ କିମ୍ବା ୩୧ଟି କାର୍ଯ୍ୟକାରୀ ଦିବସ ରହିବ। ଫେବ୍ରୁଆରୀ ପହିଲାରୁ ଆରମ୍ଭ ହେଉଥିବା ପାର୍ଲାମେଣ୍ଟର ବଜେଟ୍ ଅଧିବେଶନରେ ସାଧାରଣ ବଜେଟ୍ ଉପସ୍ଥାପନ ହେବ। କେନ୍ଦ୍ର ବଜେଟ୍‌ରେ ଓଡ଼ିଶାକୁ କେତେ ଅଂଶଧନ ଓ ଅନୁଦାନ ମିଳିବ ତାହାକୁ ଦେଖିକରି ରାଜ୍ୟ ସରକାର ବଜେଟ୍‌ର ରୂପରେଖ ପ୍ରସ୍ତୁତ କରିବେ ବୋଲି ଅର୍ଥ ବିଶାରଦମାନେ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ ଶୀତ ଅଧିବେଶନ କେବଳ ୧୦ ଦିନ ଚାଲିବାକୁ ସକ୍ଷମ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭାକୁ ମାସେ ପୂର୍ବରୁ ଅର୍ଥାତ ୩୦ ଦିନ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରଥିଲେ। ଏହି ଅଧିବେଶନ କାଳରେ ୫ଟି ସରକାରୀ କାର୍ଯ୍ୟ ଦିବସ ଓ ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ ରହିଥିଲା । ଦୁଇଟି ମୁଲତବୀ ପ୍ରସ୍ତାବ, ଗୋଟିଏ ପ୍ରସ୍ତାବ, ଗୋଟିଏ ଅନୁଦାନ ଦାବି ଉପରେ ଆଲୋଚନା ହୋଇଥିବା ବେଳେ ୭୦ଟି କାଗଜ ଉପସ୍ଥାପନ ଓ ପୁନଃ ଉପସ୍ଥାପନ ହୋଇଥିଲା । ୭ଟି ସରକାରୀ ବିଧେୟକ ପାରିତ ହୋଇଥିବାବେଳେ ତିନୋଟି ପ୍ରସଙ୍ଗରେ ବିବୃତି ପ୍ରଦାନ କରାଯାଇଥିଲା। ମୋଟ୍ ୧୩୩୨ଟି ଅଣତାରକା ପ୍ରଶ୍ନ ନୋଟିସ୍ ଗ୍ରହଣ କରାଯାଇଥିବାବେଳେ ୧୧୯୨ରେ ଉତ୍ତର ଦିଆଯାଇଥିଲା। ସେହିଭଳି ବେସରକାରୀ ସଭ୍ୟଙ୍କ ଗୋଟିଏ ବିଧେୟକ ଆଲୋଚନା ହୋଇଥିବାବେଳେ ଗୋଟିଏ ସଂକଳ୍ପ ଉପରେ ମଧ୍ୟ ଗୃହରେ ଆଲୋଚନା ହୋଇଥିଲା। ମୋଟ୍ ୪ଟି ବାର୍ଷିକ ରିପୋର୍ଟ, ୨ଟି କମିଟି ରିପୋର୍ଟ, ୩ଟି ଅଧ୍ୟାଦେଶ, ୯ଟି ସରକାରୀ ବିଧେୟକ ଉପସ୍ଥାପନ କରାଯାଇଥିଲା।

## ଏସିପିଙ୍କ ବିରୋଧରେ କୋର୍ଟ ଅବମାନନା ଅଭିଯୋଗ

**ଭୁବନେଶ୍ୱର :** କମିଶନରେଟ୍ ପୋଲିସ ଅଧିନରେ ଦିନକୁ ଦିନ ଜମିବାଡି ସଂକ୍ରାନ୍ତ ଅପରାଧ, ଠାକେଇ ଏବଂ ଦାଦାବଟି ଆଦାୟ ଭଳି ଅନେକ ସଙ୍ଗୀନ ଅଭିଯୋଗ ଆସୁଥିଲେ ବି କେତେକ କ୍ଷେତ୍ରରେ ପୋଲିସର ନିଷ୍କ୍ରିୟତା ଯୋଗୁ ଅପରାଧୀମାନେ ସହଜରେ ଖସି ଯାଉଛନ୍ତି। ସାଧାରଣ ଜନତା ପୋଲିସ ଠାରୁ ଯେତେବେଳେ ନ୍ୟାୟ ପାଏ ନାହିଁ ସେତେବେଳେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥାଏ। ହେଲେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କୋର୍ଟଙ୍କ ଆଦେଶ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଆଶ୍ଚର୍ଯ୍ୟ ମନେହୁଏ। ଏକ ଠାକେଇ ଘଟଣାରେ କୋର୍ଟଙ୍କ ନିର୍ଦ୍ଦେଶକୁ ତଦନ୍ତକାରୀ ଅଧିକାରୀ ଗ୍ରହଣ ନ କରିବା ନେଇ ଅଭିଯୋଗ ଉଠିଛି। ଅଭିଯୋଗ ଅନୁସାରେ ଏୟାରଫିଲ୍ଡ ଥାନା ଝିକରଡା ଶତ୍ରୁଘ୍ନ ଗ୍ରାମର ବିଦ୍ୟାଧର ମଲ୍ଲିକ, ସାଧୁଚରଣ ମଲ୍ଲିକ ଏବଂ ସୁକାନ୍ତ ମଲ୍ଲିକଙ୍କର ରେତଙ୍ଗ ଷ୍ଟେସନ କଡରେ ପ୍ରାୟ ଅଢ଼େଇ ଏକର ଜମି ରହିଥିଲା। ଏହି ଜମିକୁ କିଣିବା ପାଇଁ ବିଲ୍ଡର ସଂସ୍ଥା ଆଇଡିଆଲ କନ୍‌ସଲଟାନ୍ସି ପ୍ରାଇଭେଟ ଲିମିଟେଡ୍ ନାମକ ଏକ ସଂସ୍ଥା ଚୁକ୍ତିନାମା କରିଥିଲା। ସ୍ଥାନୀୟ ବଜାର ଦର ଅନୁସାରେ ଉକ୍ତ ଜମିର ମୂଲ୍ୟ ୧ କୋଟି ୩୭ଲକ୍ଷ ୮୫ ହଜାର ବୋଲି ସମ୍ପୃକ୍ତ ସଂସ୍ଥା ଦର ଛିଣ୍ଡାଇଥିଲା। ଏଥିପାଇଁ ସମ୍ପୃକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପୁଲକ ମହାନ୍ତିଙ୍କ ନାମରେ କ୍ଷମତାପତ୍ର (ପାୱାର ଅଫ୍ ଆର୍ଟର୍ଣ୍ଣି) ପ୍ରସ୍ତୁତ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ସଂସ୍ଥା ଜମି ମାଲିକମାନଙ୍କୁ ୬୦ଲକ୍ଷ ଟଙ୍କା ପ୍ରଦାନ କରିଥିଲା ବେଳେ କିଛିଦିନ ମଧ୍ୟରେ ବାକି ଟଙ୍କା ପ୍ରଦାନ କରିବ ବୋଲି ମଧ୍ୟ ଚୁକ୍ତି ହୋଇଥିଲା। ୨୦୧୫ ମସିହାରେ ଏଭଳି କାରବାର ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ସଂସ୍ଥା ଜମି ମାଲିକମାନଙ୍କୁ ଆଉ ଟଙ୍କା ଦେଇ ନଥିଲା। ଏନେଇ ଜମି ମାଲିକମାନେ ବାରମ୍ବାର ଉକ୍ତ ସଂସ୍ଥାକୁ ଟଙ୍କା ପାଇଁ ଧାଇଁଥିଲେ ମଧ୍ୟ ସମ୍ପୃକ୍ତ ସଂସ୍ଥା ଆଜିକାଲି କହି ଦିନ ଗଡାଇ ଚାଲିଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବା ପରେ ପୋଲିସ କେବଳ ନାମକୁ ମାତ୍ର ଏକ ମାମଲା (୧୬୦/୨୯.୦୮.୨୦୨୦) ରୁଜୁ କରି ଚୁପ୍ ହୋଇ ବସିପଡିଥିଲା। ଅଭିଯୋଗକାରୀ ଅନୁସୂଚିତ ଜନଜାତି ବର୍ଗର ହୋଇଥିବାରୁ ମାମଲାର ତଦନ୍ତଭାର ଏସିପି ବିଷ୍ଣୁପ୍ରସାଦ ପାତ୍ର ନେଇଥିଲେ। ହେଲେ ମାମଲାର ତଦନ୍ତରେ କୌଣସି ଅଗ୍ରଗତି ଘଟିନଥିଲା।

ଯାହାଫଳରେ ଅଭିଯୋଗକାରୀ ବାଧ୍ୟ ହୋଇ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇବା ପରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଡିସିପି ଉମାଶଙ୍କର ଦାଶ, ଅତିରିକ୍ତ ଡିସିପି ଏସ୍ କେ ଦାଶଙ୍କୁ ଅନୁସନ୍ଧାନକରି ରିପୋର୍ଟ ଦେବାକୁ କହିଥିଲେ। ଅତିରିକ୍ତ ଡିସିପି ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଡିସିପିଙ୍କୁ ଦେଇଥିବା ରିପୋର୍ଟରେ ଦର୍ଶାଇଥିଲେ। ତଦନ୍ତକାରୀ ଅଫିସରଙ୍କ ରିପୋର୍ଟ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଡିସିପି ଏସିପି ବିଷ୍ଣୁପ୍ରସାଦ ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୋଗକାରୀ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ଅର୍ଥାତ ଡିସେମ୍ବର ୨୪ ତାରିଖ ଭିତରେ ଚାର୍ଜସିଟ୍ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି ଚାର୍ଜସିଟ୍ ଦାଖଲ ନହେବାରୁ କୋର୍ଟଙ୍କ ଆଦେଶ ଅବମାନନା ହୋଇଛି। ଏଣଉ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟରେ ଅଭିଯୋଗ ଦାଖଲ ହୋଇଛି।

## ନେତାଜୀଙ୍କ ପାଇଁ ଗଠିତ କମିଟିରେ ନବୀନ

**ଭୁବନେଶ୍ୱର :** ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ପାଳନ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ କମିଟିର ସଦସ୍ୟ ଭାବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମିଲ୍ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। କମିଟି ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ନେତାଜୀଙ୍କ ବର୍ଷବ୍ୟାପୀ ଜନ୍ମୋତ୍ସବ ପାଳନକୁ ତଦାରଖ କରିବ। କମିଟିରେ ନବୀନଙ୍କ ସମେତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫୁରି ରିଓ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବିରେନ୍ ସିଂହ, ମିଜୋରାମ୍ ମୁଖ୍ୟମନ୍ତ୍ରୀ ଜୋରମ୍ ଥାଙ୍ଗା, ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ, ମେଘାଳୟ ମୁଖ୍ୟମନ୍ତ୍ରୀ କୋନର୍ଡ କୋଙ୍ଗକାଲ୍ ସାଙ୍ଗମା ପ୍ରମୁଖ ସଦସ୍ୟ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବଗୌଡ଼ା, ମନମୋହନ ସିଂହ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ପ୍ରମୁଖ କମିଟିରେ ରହିଛନ୍ତି।

## ଅପରାଧ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡିଲେ ଆଇଆଇସି

**ଭୁବନେଶ୍ୱର :** ବିଜେବି ନଗର ସ୍ଥିତ ମହିଷୀଖାଲ ବସ୍ତିରେ ବଡଗଡ଼ ଥାନା ପକ୍ଷରୁ ପୋଲିସ-ସାଧାରଣ ଜନତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡଗଡ଼ ଥାନା ଆଇଆଇସି ବିଶ୍ୱ ରଞ୍ଜନ ନାୟକ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସହିତ ଟ୍ରାଫିକ ନିୟମ ପାଳନ ଏବଂ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ନାୟକ କହିଥିଲେ ଯେ, ସ୍ଥାନୀୟ ଲୋକଙ୍କ ସହଯୋଗ ମିଳିଲେ ପୋଲିସ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ନିଶ୍ଚୟ ସଫଳତା ପାଇପାରିବ। ସାଧାରଣ ଜନତା ବିପଦରେ ପଡିଲେ ଯେଉଁଭଳି ପୋଲିସର ସହାୟତା ପାଇପାରିବେ ସେ ଦିଗରେ କମିଶନରେଟ୍ ପୋଲିସ ଯଥେଷ୍ଟ ପଦକ୍ଷେପ ନେଉଛନ୍ତି। ତେଣୁ ଲୋକେ ପୋଲିସ ଉପରେ ଭରସା ରଖି ନିଜ ଅଞ୍ଚଳରେ ଘଟୁଥିବା ଅପରାଧ ଏବଂ ଅପରାଧୀଙ୍କ



ସମ୍ପର୍କରେ ପୋଲିସକୁ ତୁରନ୍ତ ସୂଚନା ଦେବାର ଆବଶ୍ୟକତା ରହିଛି। ଯାହାଫଳରେ ପୋଲିସ ଅପରାଧ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଧିକ ତତ୍ପରତା ନିଶ୍ଚୟ ଦେଖାଇବ। ତେଣୁ ଜନସାଧାରଣ ଏ ଦିଗରେ ଯଥେଷ୍ଟ ସଚେତନ ରହିଲେ ହିଁ ଅପରାଧ ହ୍ରାସ ପାଇବ। କାର୍ଯ୍ୟକ୍ରମରେ ମହିଷୀଖାଲ ବସ୍ତିର ଗୋପାଳ ପ୍ରଧାନ ଭଗବାନ ସାହୁ, ବିଜୟ ହରିଚନ୍ଦନ, ନରେନ୍ଦ୍ର ବେହେରା, ଦୀପକ ସ୍ୱାଇଁ, ନଟ ବେହେରା, କୁନି ପ୍ରଧାନ, ଚୁନି ପ୍ରଧାନ, ବାସନ୍ତୀ ପ୍ରଧାନ ଏବଂ ମହାବୀର ଯୁବକ ସଂଘର ବହୁ ସଦସ୍ୟ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଦେବା ସହ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ବଡଗଡ଼ ଥାନାକୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନାର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ।

## ଭୁବନେଶ୍ୱରରେ ଦେଶର ପ୍ରଥମ 'ଫାୟାର ପାର୍କ' ଲୋକାର୍ପିତ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଫାୟାର ପାର୍କ'ର ଉଦ୍‌ଘାଟନ କରି ଭର୍ଚୁଆଲ ପ୍ଲାଟଫର୍ମରେ ଓଡ଼ିଶା ଅଗ୍ନିଶମ ସେବାର ଏକ ଗତିଶୀଳ ଅନ୍‌ଲାଇନ୍ ପୋର୍ଟାଲ 'ଅଗ୍ନିଶମ ସେବା' ଉନ୍ମୋଚନ କରିଛନ୍ତି। ଅଗ୍ନି ନିରାପତ୍ତା ପଦକ୍ଷେପ ଉପରେ ସଚେତନତା ଆଣିବା ପାଇଁ ଫାୟାର ପାର୍କ ସମଗ୍ର ଦେଶରେ ଏକ ନୂତନ ପଦକ୍ଷେପ। ଭୁବନେଶ୍ୱରର ଓଡ଼ିଶା ଫାୟାର ଆଣ୍ଡ ବିପର୍ଯ୍ୟୟ ଏକାଡେମୀ ପରିସରରେ ଅବସ୍ଥିତ ଏହି ଫାୟାର ପାର୍କ ପ୍ରତ୍ୟେକ ଶନିବାର ଦିନ ୩.୩୦ ମିନିଟ୍‌ରୁ ୫.୩୦ ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ନିଆଁ ଲିଭା ଉପକରଣର ବ୍ୟବହାର, ଉଦ୍ଧାର, ବିପର୍ଯ୍ୟୟ କାର୍ଯ୍ୟ, ପ୍ରଦର୍ଶନୀ ହଲ୍ ପରିଦର୍ଶନ, ଚଳଚ୍ଚିତ୍ରର ସ୍କ୍ରିନିଂ ଏବଂ ଅଗ୍ନି ନିରାପତ୍ତା ଉପରେ ଲିଫଲେଟ୍ ବଣ୍ଟନ ପ୍ରଦର୍ଶନ ଏହି କାର୍ଯ୍ୟକଳାପର ଏକ ଅଂଶ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକମାନଙ୍କ ମଧ୍ୟରେ ବିଶେଷକରି ଛାତ୍ରମାନଙ୍କ ମଧ୍ୟରେ ମୌଳିକ ଅଗ୍ନି ନିରାପତ୍ତା ପଦକ୍ଷେପ ଉପରେ ସଚେତନତା ତଥା ଉନ୍ନତି ଆଣିବାରେ ଏହି ଫାୟାର ପାର୍କ ସହାୟକ ହେବ। ସୁରକ୍ଷା ଅନୁକୂଳ ନାଗରିକତା ସୃଷ୍ଟି କରିବା ପାଇଁ ସଠିକ୍ ଦିଗରେ ପ୍ରୟାସ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ମହାମାରୀ ବିରୋଧରେ ଅଗ୍ନିଶମ ସେବାର ଲଢ଼େଇକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ କୋଭିଡ୍ ରୋଗୀଙ୍କ ପାଇଁ ଅଗ୍ନିଶମ କର୍ମଚାରୀମାନେ ପ୍ଲାଜମା ଦାନ କରିଥିବାରୁ ଆନନ୍ଦ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଗତବର୍ଷ ଅମ୍ଫାନ ଓ ବନ୍ୟା ସମୟରେ ଅଗ୍ନିଶମ ବାହିନୀର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ରହିଥିଲା। ଉଦ୍ଧାର ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ନିଶମ ବାହିନୀ ବେଶ୍ ଭଲ କାର୍ଯ୍ୟ କରିଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ବୈଷୟିକ ଜ୍ଞାନକୌଶଳ ଅବଲମ୍ବନ କରି ସାଧାରଣଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଅଗ୍ନିଶମ ଡିଜି ସତ୍ୟଜିତ ମହାନ୍ତି, ଆଇଜି ଅସିତ ପାଣିଗ୍ରାହୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସହ ବହୁ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି